ବର୍ଷ-୯
ସଂଖ୍ୟା-୧୭୭
ତା-୧୮ ଅଗଷ୍ଟ ୨୦୨୨
ଗୁରୁବାର, ପୃଷ୍ଠା-୮ ,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949

PRAJABARTA

# ପ୍ରଜାବାର୍ତ୍ତା

ଦୈନିକ ଓଡିଆ ଖବର କାଗଜ // Odia Daily News Paper

Vol-9
Issue-177
Date:18, August 2022
Thursday, Page-8, Rs-2/-
POSTAL Regd.No.10120(K)/17/2018-21




ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମଦର୍ସ ପବ୍ଲିକ୍ ସ୍କୁଲର କୃତୀ ଛାତ୍ରୀ



ହୀରାକୁଦ ଜଳଭଣ୍ଡାରରୁ ୪୦ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରୀ


Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...


# କମୁଛି ଜଳ ସ୍ତର

ଭୁବନେଶ୍ୱର,୧୭ ଅଗଷ୍ଟ : ମହାନଦୀର ମୁଣ୍ଡଳିରେ ବନ୍ୟଜଳସ୍ତର ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ରାତି ପାହିଲା ବେଳକୁ ମୁଣ୍ଡଳିରେ ଜଳସ୍ତର ଆହୁରି କମିଯାଇଥିବ। ୪ଟି ଜିଲ୍ଲାରେ ପିକ୍ ଫ୍ଲଡ କମିବା ଆରମ୍ଭ ହୋଇସାରିଛି । କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ ଜିଲ୍ଲାର ତଳିଆ ଅଂଚଳରେ ପିକ୍ ଫ୍ଲଡ କମିଛି । ସେହିଭଳି ରାଜ୍ୟର ୬ଟି ସ୍ଥାନରେ ଘାଇ ସୃଷ୍ଟି ହୋଇଛି । ଘଳିଆ ପଡିଥିବା ସ୍ଥାନକୁ ମରାମତି କରାଯାଉଛି। ବନ୍ୟା ପରିସ୍ଥିତି ନେଇ ସ୍ୱତନ୍ତ୍ର ରିଲିଫ କମିସନର (ଏସଆରସି) ପ୍ରଦୀପ ଜେନା ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏସ୍ଆରସି ଆହୁରି ମଧ କହିଛନ୍ତି, ଆସନ୍ତାକାଲି ସକାଳେ ଜଳସ୍ତର ଆହୁରି କମିବାକୁ ଲାଗିବ । ଆଜି ରାତି ଗୁରୁତ୍ୱପୂର୍ଣ୍ଣ ତଥା ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଏସଆରସି । ବର୍ତ୍ତମାନ ସୁଦ୍ଧା ବନ୍ୟାରେ ୪ ଲକ୍ଷ ୬୭ ହଜାର ଲୋକେ ପ୍ରଭାବିତ ହୋଇଛନ୍ତି । ତେବେ ବର୍ତ୍ତମାନ ମଧ ପାଣି ଆସୁଥିବାରୁ ବନ୍ୟାରେ ପ୍ରଭାବିତ ସଂଖ୍ୟା ଆହୁରି ବଢିପାରେ ।ପୂର୍ବାହ୍ନରେ ଏସଆରସି କହିଥିଲେ ଯେ ବନ୍ୟା ଦୃଷ୍ଟିରୁ ଆଗାମୀ ୨୪ ଘଂଟା ଓଡିଶା ପାଇଁ ଗୁରୁତ୍ୱପୂର୍ଣ୍ଣ । ବର୍ତମାନ ପିକ୍ ମୁଣ୍ଡଳି ଅତିକ୍ରମ କରିଛି । ଏହାକୁ ସମୁଦ୍ରକୁ ଯିବାକୁ ୨୪ ଘଂଟା ଲାଗିବ । ତେଣୁ ଆଗାମୀ ୨୪ ଘଂଟା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ।ମୁଣ୍ଡଳିରେ ଆଜି ସକାଳ ୬ଟା ଯାଏ ଜଳ ପ୍ରବାହ ପିକ୍ ରହିଥିଲା -୧୨ ଘଂଟା ପିକ୍ ରହିବା ପରେ ସକାଳ ୬ଟାରୁ କମି ଚାଲିଥିଲା। ଏବେ ମୁଣ୍ଡଳିରେ ଘଂଟା ପିଛା ୧୭ ହଜାର କ୍ୟୁସେକ୍ କମୁଛି । ଆଉ କିଛି ଘଂଟା ମଧରେ ତାହା ୨୫ ହଜାର କ୍ୟୁସେକ୍ ହେବା ଆଶା ରହିଛି । ସେପଟେ ହୀରାକୁଦରୁ ଆସୁଥିବା ପାଣି ଖଇରମାଳରେ ପହଞ୍ଚିଛି । ଖଇରମାଳରେ ସକାଳେ ୯.୮୪ ଲକ୍ଷ କ୍ୟୁସେକ୍ ପିକ୍ ରହିଥିଲାସେ କହିଛନ୍ତି ଯେ ଏଯାଏ କେବଳ ୪ଟି ସ୍ଥାନରେ ପ୍ରମୁଖ ନଦୀରେ ଘାଇ ହୋଇଛି । କାଲି ଦୁଇଟି ହୋଇଥିଲା, ଆଜି ଆଉ ୨ଟି ସ୍ଥାନରେ ଘାଇ ସୃଷ୍ଟି ହୋଇଥିବା ସୂଚନା ମିଳିଛି। ଆଜି କୁଶଭଦ୍ରା ନଦୀର ଡେଣ୍ଡିଆକୁଦରେ ଗୋଟିଏ ଘାଇ ହୋଇଛି। ସେହିପରି ମହାନଦୀର ତେରମାଣପୁର ଠାରେ ଆଉ ଏକ ଘାଇ ହୋଇଛି। ୨୦୧୧ ପରେ ପ୍ରଥମ କରି ମୁଣ୍ଡଳିରେ ଏତେ ପାଣି ପାସ୍ କରୁଛି ।ରାଜ୍ୟରେ ମଧମ ଧରଣର ବନ୍ୟା ହୋଇଛି। ଏହାଦ୍ୱାରା କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, କଟକ, ଖୋର୍ଦ୍ଧା, ଯାଜପୁର ଆଦି ଜିଲ୍ଲା ପ୍ରଭାବିତ ହୋଇଛି। ବନ୍ୟା ସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ଯୁଦ୍ଧକାଳୀନ ଭିତିରେ କାମ ଚାଲୁ ରଖିଛି। ପରିସ୍ଥିତି ଦେଖି ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ।ବୁଧବାର ଦିନ ରାଜ୍ୟରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ପରେ ମନ୍ତ୍ରୀ ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ବନ୍ୟା ଯୋଗୁଁ ପାଣି ଘେରରେ ଫସିଥିବା ଲୋକଙ୍କୁ ତୁରନ୍ତ ଉଦ୍ଧାର ପାଇଁ ପ୍ରଚେଷ୍ଟା ଜାରି ରହିଛି। ସ୍କୁଲ, କଲେଜ ତଥା କଲ୍ୟାଣ ମଣ୍ଡପରେ ସେମାନଙ୍କ ରହିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ସେମାନଙ୍କୁ ରନ୍ଧା ଖାଦ୍ୟ ସହ ମେଡିସିନ, ପାନୀୟ ଜଳ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି ।ଅପରପକ୍ଷରେ ଗତକାଲି ୨ଟି ଘାଇ ହୋଇଥିବା ବେଳେ ଆଜି ଏହି ସଂଖ୍ୟା ୪ରେ ପହଂଚିଛି। ଘାଇ ଓ ଘଳିଆ ମରାମତି କରିବାକୁ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ । ଦକ୍ଷିଣ ମିଆଁମାର ଏବଂ ପାର୍ଶ୍ୱବର୍ତୀ ଅଂଚଳ ଉପରେ ବାୟୁମଣ୍ଡଳରେ ୫.୮କିମି ଯାଏଁ ଗୋଟିଏ ଘୁର୍ଣ୍ଣ ବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଅଗଷ୍ଟ ୧୯ ତାରିଖ ପାଖାପାଖି ଉତର ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଆସନ୍ତାକାଲି ଠାରୁ ରାଜ୍ୟରେ ବର୍ଷାର ପରିମାଣ ବଢିବ। ୧୯ ଓ ୨୦ ତାରିଖରେ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ରହିଛି ।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧରେ ଢେଙ୍କାନାଳ , ସୁନ୍ଦରଗଡ , ଦେବଗଡ, ଝାରସୁଗୁଡା, ସମ୍ବଲପୁର, ଅନୁଗୁଳ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କେନ୍ଦୁଝର , ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଯାଜପୁର, ଜଗତସିଂହପୁର ଓ କଟକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୮ ରୁ ୧୯ ତାରିଖ ମଧ୍ୟରେ କେନ୍ଦୁଝର, ମୟୂରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା,ଜଗତସିଂହପୁର,କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ , ଗଂଜାମ , ଗଜପତି , ସୁନ୍ଦରଗଡ, କଳାହାଣ୍ଡି, କନ୍ଧମାଳ, ଢେଙ୍କାନାଳ, ସୁନ୍ଦରଗଡ, ଝାରସୁଗୁଡା ଓ ବରଗଡ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଥିବାରୁ ଏହି ସମସ୍ତ ଜିଲ୍ଲାକୁ ହଳଦିଆ ଚେତାବନୀ ବା ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।




## ବନ୍ୟାରେ ୪.୬୭ ଲକ୍ଷ ଲୋକ ପ୍ରଭାବିତ : ଏସଆରସି

## ୧୯ରେ ଉତର ବଙ୍ଗୋପସାଗରରେ ଲଘୁଚାପ ସମ୍ଭାବନା

### ଯୁଦ୍ଧକାଳୀନ ଭିତିରେ ବନ୍ୟା ସ୍ଥିତିର ମୁକାବିଲା କରାଯାଉଛି : ରାଜସ୍ୱ ମନ୍ତ୍ରୀ

# ଏକାମ୍ର ହାଟଠାରେ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଉଦ୍‌ଘାଟିତ



ଭୁବନେଶ୍ୱର, ୧୭ ଅଗଷ୍ଟ : ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଅନୁମୋଦିତ ବାର୍ଷିକ ତାଲିକା ହିସାବରେ ଏ ବର୍ଷ ଗଣେଶ ପୂଜା ଅବସରରେ ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୨ ଭୁବନେଶ୍ୱରସ୍ଥିତ ଏକାମ୍ର ହାଟଠାରେ ଆୟୋଜନ କରାଯାଇଛି । ଏହି ମେଳାକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ଉଦ୍‌ଘାଟନ କରିଛନ୍ତି । ଏହି ଉତ୍ସବରେ ବୟନଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, ସମ୍ବଲପୁରୀ ବସ୍ତ୍ରାଳୟର ସଂପାଦକ ସଂପୂର୍ଣ୍ଣାନନ୍ଦ ପ୍ରଧାନ, ଓ ସମ୍ବଲପୁରୀ ବସ୍ତ୍ରାଳୟ, ବରଗଡର ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ମେଳାରେ ସମ୍ବଲପୁରୀ ବସ୍ତ୍ରାଳୟ ସହ ରାଜ୍ୟର ବରଗଡ, କଟକ, ସୋନପୁର, ଆଠଗଡ, ଢେଙ୍କାନାଳ, ବାରିପଦା, ଖୋର୍ଦ୍ଧା, ନୟାଗଡ, କଳାହାଣ୍ଡି, ବଲାଙ୍ଗିର ଓ ବୌଦ୍ଧ ବୟନ ମଣ୍ଡଳମାନଙ୍କରୁ ୫୫ଗୋଟି ସମବାୟ ସମିତି/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କର ଉତ୍ପାଦିତ ଲୁଗାର ପ୍ରଦର୍ଶନୀ ଓ ବିକ୍ରୟ କରିବା ପାଇଁ ଯୋଗଦାନ କରିଛନ୍ତି । ଏଥି ସକାଶେ ସେମାନଙ୍କୁ ୫୫ଗୋଟି ଦେୟମୁକ୍ତ ଷ୍ଟଲ ପ୍ରଦାନ କରାଯାଇଅଛି । ଏହି ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲୁରହିବ । ସ୍ୱତନ୍ତ୍ର ମେଳାରେ ଗ୍ରାହକମାନେ ରାଜ୍ୟର ବିଭିନ୍ନ ପ୍ରାନ୍ତର ଉତ୍ପାଦିତ ହସ୍ତତନ୍ତ ଲୁଗା ସୁଲଭ ମୂଲ୍ୟରେ ୧୦% ସରକାରୀ ରିହାତିରେ କିଣିପାରିବେ।

# ଦିଲ୍ଲୀ ପୋଲିସରେ ହାଜର ହେବେ ଅଭିନେତ୍ରୀ ବର୍ଷା



ଭୁବନେଶ୍ୱର, ୧୭ ଅଗଷ୍ଟ – ଦିଲ୍ଲୀ ପୋଲିସରେ ହାଜର ହେବେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ । ୧୫ ଦିନ ମଧ୍ୟରେ ହାଜର ହେବାକୁ ଓଡିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ୧୫ ଦିନ ଯାଏଁ ଅନ୍ତରୀଣ ସୁରକ୍ଷା ବଳବତର ରଖିଛନ୍ତି କୋର୍ଟ । ସ୍ୱାମୀ ଅନୁଭବ ମହାନ୍ତିଙ୍କ କର୍ମଚାରୀଙ୍କ ପ୍ରତି ଜାତିଆଣ ଆକ୍ଷେପ ନେଇ ବର୍ଷାଙ୍କ ନାଁରେ ଦିଲ୍ଲୀରେ ମାମଲା ରୁଜୁ ହୋଇଥିଲା। ଯାହାକୁ ନେଇ ୨ ଥର ନୋଟିସ ହୋଇଥିଲା । ନୋଟିସ ସତ୍ତ୍ୱେ ବର୍ଷା ଦିଲ୍ଲୀ ପୋଲିସ ପାଖରେ ହାଜର ହୋଇନାହାନ୍ତି । ହାଜର ପରିବର୍ତେ ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବର୍ଷା ।

# ସବୁ ଜୀବନ ମୂଲ୍ୟବାନ ହେଉଛି ଆମର ନୀତି; ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



## ୧୦ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ କରାଗଲା

ଭୁବନେଶ୍ୱର, ୧୭ ଅଗଷ୍ଟ – ସବୁ ପ୍ରକାର ବିପର୍ଯ୍ୟୟରେ ଆମର ନୀତି ହେଉଛି 'ସବୁ ଜୀବନ ମୂଲ୍ୟବାନ'। ତେଣୁ ଯେପରି କୌଣସି ଗୋଟିଏ ବି ଜୀବନ ହାନୀ ନ ହୁଏ, ଏବଂ ସାଧାରଣ ଜୀବନଯାତ୍ରାରେ କୌଣସି ବ୍ୟାପକ ଅସୁବିଧା ସୃଷ୍ଟି ନ ହୁଏ, ତାକୁ ସୁନିଶ୍ଚିତ କର। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟର ବନ୍ୟା ପରିସ୍ଥିତି ସମୀକ୍ଷା କରି ଅଧିକାରୀ ମାନଙ୍କୁ ଏହି ମର୍ମରେ ନିର୍ଦ୍ଦେଶ ଦେଇଛନ୍ତି । ପରିସ୍ଥିତି ସଂପର୍କରେ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ କମିଶନର ନିୟମିତ ଭାବେ ସମୀକ୍ଷା କରିବାକୁ ମଧ ସେ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ କ୍ରମାଗତ ଭାବେ ବର୍ଷା ଲାଗି ରହିଥିବାରୁ ମହାନଦୀ ଅବବାହିକା ଅଂଚଳର ୧୦ଟି ଜିଲ୍ଲାରେ ବନ୍ୟା ହେବାର ସମ୍ଭାବନା ଦେଖାଦେଇଛି । ତେଣୁ ଏହି ୧୦ଟି ଜିଲ୍ଲାର ଜିଲ୍ଲାପାଳ ମାନେ ସତର୍କ ରହିବା ସହିତ ବନ୍ୟା ପରିସ୍ଥିତିକୁ ରୋକିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ବିପଦସଂକୁଳ ଅଂଚଳରେ ଥିବା ଲୋକମାନଙ୍କୁ ପ୍ରାଥମିକତା ଭିତ୍ତିରେ ସ୍ଥାନାନ୍ତର କରି ସେମାନଙ୍କୁ ଆବଶ୍ୟକ ରିଲିଫ ଓ ମୌଳିକ ସୁବିଧା ଯୋଗାଇ ଦେବାକୁ ମଧ ସେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟସ୍ତରରେ ସଂପୃକ୍ତ ବିଭାଗମାନେ ଜିଲ୍ଲାଗୁଡିକୁ ସମସ୍ତ ପ୍ରକାର ସାହାଯ୍ୟ ତୁରନ୍ତ ଯୋଗାଇ ଦେବାକୁ ମଧ ସେ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ବିଭାଗ ଗୁଡିକୁ ନିର୍ଦ୍ଦେଶ ଦେଇ ଏନଡିଆରଏଫ, ଓଡ୍ରାଫ ଫାୟାର ସର୍ଭିସ ୟୁନିଟ ଗୁଡିକୁ ବିଭିନ୍ନ ବିପଦସଂକୁଳ ସ୍ଥାନଗୁଡିକରେ ସଜାଗ ରଖି ଆବଶ୍ୟକସ୍ଥଳେ ଲୋକଙ୍କ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ହସ୍ପିଟାଲ, ଜଳଯୋଗାଣ ଓ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ପରି ଜୀବନ ରକ୍ଷାକାରୀ ସଂସ୍ଥା ଗୁଡିକ ନିରବଚ୍ଛିନ୍ନ ଭାବରେ ସେବା ଯୋଗାଇ ଦେବା, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଗ୍ରାମାଂଚଳରେ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା କରିବା, ସ୍ୱାସ୍ଥ୍ୟ ବିଭାଗ ପ୍ରଭାବିତ ଅଂଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେପିପରି ପ୍ରାଣୀଧନର ସୁରକ୍ଷା ପାଇଁ ମତ୍ସ୍ୟ ଓ ପଶୁସଂପଦ ବିଭାଗ ଆବଶ୍ୟକ ସେବା ଯୋଗାଇ ଦେବାକୁ ମଧ ସେ ପରାମର୍ଶ ଦେଇଛନ୍ତି । ରାସ୍ତାଘାଟର କ୍ଷତି ହୋଇ ଯଦି ଯୋଗାଯୋଗ ବ୍ୟବସ୍ଥା ବ୍ୟାହତ ହୁଏ, ତେବେ ଇଂଜିନିୟରିଂ ବିଭାଗ ଗୁଡିକ ସେଗୁଡିକର ତୁରନ୍ତ ମରାମତି ପାଇଁ ଆଗୁଆ ବ୍ୟବସ୍ଥା କରିବା ଆବଶ୍ୟକ । ସେହିପରି ଶକ୍ତି ବିଭାଗ ମଧ ବିଦ୍ୟାତ ଯୋଗାଯୋଗ ବ୍ୟାହତ କ୍ଷେତ୍ରରେ ତୁରନ୍ତ ପୁନଃ ସଂଯୋଗ ପାଇଁ ଆଗୁଆ ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଛନ୍ତି । ବୈଠକରେ ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀ ପି.କେ ଜେନା ପରିସ୍ଥିତି, ପ୍ରସ୍ତୁତି ଓ ପଦକ୍ଷେପ ସଂପର୍କରେ ଉପସ୍ଥାପନା ରଖି କହିଲେ ଯେ ମହାନଦୀର ଉପର ଓ ତଳମୁଣ୍ଡରେ ବର୍ଷା ହୋଇ ୧୦ଟି ଜିଲ୍ଲାରେ ବନ୍ୟା ପରିସ୍ଥିତିର ସମ୍ଭାବନା ଦେଖାଦେଇଛି। ଗତକାଲି ହୀରାକୁଦର ୮ଟି ଗେଟ୍ ବନ୍ଦ କରାଯାଇଛି ଏବଂ ବର୍ତ୍ତମାନ ୨୬ଟି ଗେଟ୍ ଖୋଲା ରହିଛି । କୌଣସି ଅବଶ୍ୟକ ନ ହେଲେ, ଆଗାମୀ ୩ ଦିନ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଜାରି ରହିବ। ଏହାଦ୍ୱାରା ହୀରାକୁଦର ତଳ ମୁଣ୍ଡରେ ବନ୍ୟା ପରିସ୍ଥିତିର ପ୍ରଭାବ ସାମାନ୍ୟ କମିଛି । ୭ଟି ଜିଲ୍ଲାରେ ୯ଟି ଓଡ୍ରାଫ, ୬ଟି ଜିଲ୍ଲାରେ ୯ଟି ଏନଡିଆରଏଫ ଟିମ୍, ୪୪ଟି ଅଗ୍ନିଶମ ସେବା ୟୁନିଟ୍‌କୁ ସଜାଗ ରଖାଯାଇଛି । ଆଜି ମହାନଦୀର ମୁଣ୍ଡଳୀ ଠାରେ ୧୧.୭୫ ଲକ୍ଷ କ୍ୟୁସେକ ଜଳ ପ୍ରଭାବିତ ହେବ ବୋଲି ସେ ସୂଚନା ଦେଇଥିଲେ। ସବୁ ଜିଲ୍ଲା ପ୍ରଶାସନକୁ ହାଇ ଆଲର୍ଟରେ ରଖାଯାଇଛି। ୧୦ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ଆବଶ୍ୟକ ହେଲେ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ସେଥିପାଇଁ ପଂଚାୟତରାଜ ଅନୁଷ୍ଠାନ ଗୁଡିକର ସହାୟତା ନେବା ପାଇଁ ମଧ ପରାମର୍ଶ ଦିଆଯାଇଛି । ଏହାସହିତ ନଦୀବନ୍ଧ ଗୁଡିକ ଉପରେ ନଜର ରଖିବା ଏବଂ ପ୍ରଭାବିତ ଅଂଚଳରେ ଆବଶ୍ୟସ୍ଥଳେ ଶିକ୍ଷାନୁଷ୍ଠାନ ଗୁଡିକୁ ବନ୍ଦ ରଖିବା ପାଇଁ ମଧ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ ସମ୍ବଲପୁର, କଟକ, ଜଗତସିଂହପୁର, କେନ୍ଦ୍ରାପଡା ଓ ସିଏମସି କମିଶନରଙ୍କ ସହିତ ପରିସ୍ଥିତି ସଂପର୍କରେ ଆଲୋଚନା କରିଥିଲେ । ବର୍ତ୍ତମାନ ସୁଦ୍ଧା ପରିସ୍ଥିତି ସଂପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି ଏବଂ ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ଭାବରେ ସଜାଗ ରହି ପରିସ୍ଥିତି ଉପରେ ନଜର ରଖିଛି । କେତେକ ସ୍ଥାନରେ ଲୋକଙ୍କୁ ସ୍ଥାନାନ୍ତରିତ ମଧ କରାଯାଉଛି ବୋଲି ଜିଲ୍ଲାପାଳମାନେ ସୂଚନା ଦେଇଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ ଓ ସଚିବ ଏବଂ ଜିଲ୍ଲାପାଳମାନେ ଉପସ୍ଥିତ ଥିଲେ ।

## ଆଜାଦୀ କା ଅମୃତ ମହୋତ୍ସବ

# ବର୍ଷାରେ ଭିଜିଭିଜି ତ୍ରିରଙ୍ଗା ବାଣ୍ଟିଲେ କର୍ପୋରେଟର ସୌଭାଗିନୀ





କଟକ, (ନି.ପ୍ର.) : ଭାରତ ସ୍ୱାଧୀନତା ପାଇବାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ଭାରତ ବର୍ଷରେ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ପାଳନ କରାଯାଉଛି । ଓଡିଶାର ପ୍ରତ୍ୟେକ ଘରେ ଘରେ ଯେଭଳି ତ୍ରିରଙ୍ଗା ପତାକା ଉଡିବ ସେ ଦିଗର ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏସଜି) ମାଧ୍ୟମରେ ପତାକା ସିଲାଇ କରି ଜନସାଧାରଣଙ୍କୁ ମାଗଣାରେ ପତାକା ବଂଟନ କରୁଛନ୍ତି । ଏହି ଅବସରରେ କଟକ ମହାନଗର ନିଗମ ଅନ୍ତର୍ଗତ ୫୨ନଂ ୱାର୍ଡର କର୍ପୋରେଟର ସୌଭାଗିନୀ ଜେନା ୱାର୍ଡର ଏସଏସଜି ଏବଂ ସ୍ୱଚ୍ଛସାଥୀଙ୍କୁ ସାଥୀରେ ଧରି ରାଜ୍ୟରେ ଜାରୀ ରହିଥିବା ଲଗାଣ ବର୍ଷାରେ ଭିଜି ଭିଜି ୱାର୍ଡର ପ୍ରତ୍ୟେକ ଘର ଓ ଦୋକାନରେ ପହଂଚି ତ୍ରିରଙ୍ଗା ପତାକା ବଂଟନ କରିଛନ୍ତି ।

# ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ ଅଭିଭାବକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା



କଟକ ୮ (ନି.ପ୍ର.) : କଟକ ବାରବାଟୀ ଷ୍ଟାଡିୟମ୍ ସ୍ଥିତ ସେଂଟ୍ ଜାଭିୟର୍ସ ହାଇସ୍କୁଲର ଅଭିଭାବକ ସଂଘ ପକ୍ଷରୁ ସ୍କୁଲରେ ନୂତନ ଭାବେ ଯୋଗଦାନ କରିଥିବା ସ୍କୁଲ ଅଧକ୍ଷ ଦିବ୍ୟ କିଶୋର ପ୍ରଧାନ ଏବଂ ପ୍ରଧାନ ଶିକ୍ଷୟତ୍ରୀ ସରୀତା ଶତପଥୀଙ୍କୁ ସ୍କୁଲର ଅଭିଭାବକ ସଂଘର କର୍ମକତା ଭେଟି ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ସ୍କୁଲ ଓ ଛାତ୍ରଛାତ୍ରୀଙ୍କ ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା କୈଳାଶ ଚନ୍ଦ୍ର ଶତପଥୀ, ଉପଦେଷ୍ଟା ବିଜୟ କୁମାର ସାହୁ, ସଭାପତି ଅରୁପାନନ୍ଦ ବେହେରା, ଉପ ସଭାପତି ସୁବାସିନୀ ଜେନା, ସମ୍ପାଦକ ଜ୍ୟୋତିରଞ୍ଜନ ଲୋଙ୍କା, ବରିଷ୍ଠ ସଭ୍ୟ ଚିତ ରଂଜନ ବେଉରା, ଅରୁଣ ଦାସ, ବିକାଶ ତ୍ରିପାଠୀ, ସଂଜୟ କୁମାର ମହାରଣା, ତୃପ୍ତି ରଂଜନ ସାହୁ, ଜିତେନ୍ଦ୍ର ନାଥ, ରାଜେନ୍ଦ୍ର କୁମାର ପୁହାଣ, ସୁକାନ୍ତ ସ୍ୱାଇଁ ଏବଂ ଜ୍ୟୋତୀ ପ୍ରକାଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀମାନେ ସଦା ସର୍ବଦା ଚାପମୁକ୍ତ ହୋଇ କିଭଳି ଅଧୟନ କରିବେ ସେ ଦିଗରେ ତାଙ୍କର ପ୍ରଥମ ପ୍ରାଥମିକତା ରହିବ ବୋଲି ଅଧକ୍ଷ ଶ୍ରୀ ପ୍ରଧାନ କହିଛନ୍ତି ।

## ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ସଂସଦ ପକ୍ଷରୁ

# ଆଜାଦୀ କା ଅମୃତ ମହୋତ୍ସବ ପାଳିତ

କଟକ, (ନି.ପ୍ର.) : ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ସଂସଦ ପକ୍ଷରୁ କଟକ ଡ଼ଗରପଡ଼ା ବୈଶ୍ୟ ତିଲି ଜାତୀୟ ସମିତି ଭବନଠାରେ ଆଜାଦୀକା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ବିଶିଷ୍ଟ ଐତିହାସିକ ପ୍ରଫେସର ଡ଼. ଅନନ୍ତ ଚରଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାରବାଟୀ କଟକ ବିଧାୟକ ଇଂ. ମହମ୍ମଦ ମୋକିମ୍, ମୁଖ୍ୟବକ୍ତା ଭାବେ 'ସମାଜ'ର ମୁଖ୍ୟ ପ୍ରଶାସନିକ ଅଧିକାରୀ ଡ଼. ପ୍ରଭାସ ଆଚାର୍ଯ୍ୟ ଯୋଗ ଦେଇଥିଲେ । ଏହି ଅବସରରେ ସଂସଦ ପକ୍ଷରୁ 'ସଂଗ୍ରାମୀ ସ୍ମରଣୀକା ୨୦୨୨' ସଂସ୍କରଣ ଉନ୍ମୋଚିତ ହେବା ସହିତ ଆଜାଦୀକା ଅମୃତ ମହୋତ୍ସବ ଉଦ୍ଦେଶ୍ୟରେ ତ୍ରିରଙ୍ଗା ଉତୋଳନ କରାଯାଇଥିଲା । ଉତ୍ସବର ମୁଖ୍ୟ ଅତିଥି ବିଧାୟକ ଇଂ ମୋକିମ୍ କହିଲେ, ଦେଶର ସ୍ୱାଧୀନତାରେ ସଂଗ୍ରାମୀମାନଙ୍କ ଅବଦାନ ଓ ତାଙ୍କ ବଳିଦାନକୁ ସ୍ମରଣ କରିବା ସହିତ ସେମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଆମର ପ୍ରଧାନ କର୍ତବ୍ୟ । ମୁଖ୍ୟବକ୍ତା ଡ଼. ଆଚାର୍ଯ୍ୟ କହିଲେ ଜାତୀୟ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ସଂଗ୍ରାମୀମାନଙ୍କର ଭୂମିକା ପ୍ରଶଂସନୀୟ । ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନ ସମୟରେ ପ୍ରମୁଖ ସଂଗ୍ରାମୀଙ୍କ ସହିତ କଟକ ମାଟିର ସଂଗ୍ରାମୀ ମଥୁରାନନ୍ଦଙ୍କ ବୈପ୍ଳବିକ କାର୍ଯ୍ୟାବଳୀ ପ୍ରଶଂସନୀୟ । ଉପ-ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ ତାଙ୍କ ଅଭିଭାଷଣରେ କହିଲେ, ଗାନ୍ଧିଜୀଙ୍କ ଡ଼ାକରାରେ ଅସହଯୋଗ ଆନ୍ଦୋଳନ ଓ ଭାରତଛାଡ଼ ଆନ୍ଦୋଳନକୁ ସଫଳ କରିବା ପାଇଁ ଓଡ଼ିଶାର ଯେଉଁ ମୁକ୍ତି ସଂଗ୍ରାମୀମାନେ ଆଗେଇ ଆସିଥିଲେ, ସେମାନଙ୍କ ତ୍ୟାଗ ଓ ଅବଦାନକୁ ଏହି ଜାତି ଚିରଦିନ ମନେ ରଖିବ । ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଶ୍ରୀଧର ଦାସ, ପ୍ରାକ୍ତନ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ମାନ୍ୟବର ରାଜ୍ୟପାଳଙ୍କ ବାର୍ତା । ଉପସ୍ଥାପନ କରିଥିଲେ । ସଂସଦର ଉପସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ସଂପାଦକ ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଅନ୍ୟତମ ସଂପାଦକ ଡ଼ାକ୍ତର ସିଦ୍ଧାର୍ଥ କୁମାର ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂପୂର୍ଣ୍ଣାନନ୍ଦ ସାହୁ, ଦେବେନ୍ଦ୍ର କୁମାର ସାହୁ, ଅଜୟ କୁମାର ସାହୁ, ମାୟାଧର ସାହୁ ପ୍ରମୁଖ ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଡ଼କ୍ଟର ହେମନ୍ତ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।



# ବିଜେପିର ତ୍ରିରଙ୍ଗା ଯାତ୍ରା

ପାରାଦୀପ (ନି.ପ୍ର.) : ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତି ଓ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ହର ଘର ତ୍ରୀରଙ୍ଗା' ଆହ୍ୱାନ କ୍ରମେ ପାରାଦୀପରେ ବିଜେପି ପକ୍ଷରୁ ଶୁକ୍ରବାର ଦିନ ଅପରାହ୍ନରେ ତ୍ରୀରଙ୍ଗ ଯାତ୍ରା ଆୟୋଜିତ ହୋଇଥିଲା । ପାରାଦୀପ ବସଷ୍ଟାଣ୍ଡ ଠାରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତୀ ନିକଟରୁ ଏହି ତ୍ରୀରଙ୍ଗା ଯାତ୍ରାର ଶୁଭାରମ୍ଭ ହୋଇ ବଡପଡିଆ ମାର୍କେଟ, ବ୍ୟାଙ୍କ ଛକ, ମଧୁବନ, ବୃନ୍ଦାବନ କଲୋନୀ, ଅଠରବାଙ୍କୀ, ଦୋଛକି ଦେଇ ଉଦୟବଟସ୍ଥିତ କୁଜଙ୍ଗର ମହାନ ସ୍ୱାଧିନତା ସଂଗ୍ରାମୀ ନାରାୟଣ ବୀରବର ସାମନ୍ତଙ୍କ ପୀଠ ନିକଟରେ ଉଦ୍ଯାପିତ ହୋଇଥିଲା ।

## ଭାରତୀୟ ମଜଦୁର ସଂଘର ବରିଷ୍ଠ କର୍ମକର୍ତ୍ତା

# ବସନ୍ତ ସାହୁଙ୍କ ନେତୃତ୍ୱରେ ଆଜାଦୀ କା ଅମୃତ ମହୋତ୍ସବ





କଟକ, (ନି.ପ୍ର.) : ଭାରତ ସ୍ୱାଧୀନତା ପାଇବାର ୭୫ ବର୍ଷ ପୁର୍ତୀ ଉପଲକ୍ଷେ ସମଗ୍ର ଭାରତ ବର୍ଷରେ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଆଜାଦୀ କା ଅମୃତ ମହୋତ୍ସବ ପ୍ରତ୍ୟେକ ଘରେ, ବ୍ୟବସାୟ ପ୍ରତିଷ୍ଠାନରେ ଏବଂ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ପାଳନ କରାଯାଉଛି । ଏହି ଅବସରରେ ଭାରତୀୟ ମଜଦୁର ସଂଘର ବରିଷ୍ଠ ରାଜ୍ୟ କର୍ମକତା ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ କଟକ ବିଦ୍ୟାଧରପୁର ସ୍ଥିତ ସିଆରଆରଆଇରେ କାର୍ଯ୍ୟ କରୁଥିବା ଦୁଇ ଶହରୁ ଉର୍ଦ୍ଧ୍ୱ ଶ୍ରମିକମାନଙ୍କ ଦ୍ୱାରା ଆଜାଦିକା ଅମୃତ ମହୋତ୍ସବ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସଭାପତି ଗୌରାଙ୍ଗ ଚରଣ ରଥ, ଉପସଭାପତି ରମାକାନ୍ତ ସାହୁ, ବିନୋଦ କୁମାର ପତି, ସମ୍ପାଦକ ଭାଗିରଥୀ ବେହେରା, ଧାନ ଗବେଷଣା କେନ୍ଦ୍ରରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ସାଧାରଣ ସମ୍ପାଦକ ସୁଧୀର କୁମାର ନାୟକ, ସହ-ସମ୍ପାଦିକା ମମତା ଭୋଇ, କୋଷାଧକ୍ଷ ପ୍ରକାଶ ନାୟକ, ମୀନତୀ ପଣ୍ଡିତ, ପ୍ରବୀଣା ଭୋଇଙ୍କ ସମେତ ଶତାଧିକ ଶ୍ରମିକ ଉପସ୍ଥିତ ଥିଲେ ।

# ଅରଣ୍ୟ ଭବନ ପରିସରରେ ବିଶାଳ ଜାତୀୟ ପତାକା ଉତ୍ତୋଳନ



ଭୁବନେଶ୍ୱର, (ନି.ପ୍ର.) : ଦେଶବ୍ୟାପି ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତି ଏବଂ ସ୍ୱାଧିନତାର ଅମୃତ ମହୋତ୍ସବ ଅବସରରେ ବନ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଅରଣ୍ୟ ଭବନ ପରିସରରେ ୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ପତାକା ସ୍ତମ୍ଭ ସ୍ଥାପନା ସହିତ ୩୬ ଫୁଟ x ୨୪ ଫୁଟ ଆକାରର ବିଶାଳ ଜାତୀୟ ପତାକା ଉତ୍ତୋଳନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ଉତ୍ସବରେ ଓଡିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଶ୍ରୀ ଦେବୀଦତ୍ତ ବିଶ୍ୱାଳ, ଏହି ବିଶାଳ ଜାତୀୟ ପତାକାକୁ ପାରମ୍ପରିକ ରୀତିରେ ଉତ୍ତୋଳନ କରିଥିଲେ । କାର୍ଯ୍ୟକ୍ରମରେ ବନ ବିଭାଗର ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଶ୍ରୀ ଶିଶିର କୁମାର ରଥ, କେନ୍ଦୁପତ୍ର ବିଭାଗର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ସୁଶୀଳ କୁମାର ପପୁଲିଙ୍କ ସହିତ ବନ ବିଭାଗର ବିଭିନ୍ନ ଅଧିକାରୀ, କର୍ମଚାରୀ, ଗଣ ମାଧ୍ୟମ ପ୍ରତିନିଧି ଓ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ମୁଖ୍ୟ ଦପ୍ତରର ବନ ସଂରକ୍ଷକ ଶ୍ରୀ ହର୍ଷ ବର୍ଦ୍ଧନ ଉଦଗାତା ଓ ଉପ ବନ ସଂରକ୍ଷକ ଶ୍ରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ବିଶାଳ ଜାତୀୟ ପତାକା ସ୍ତମ୍ଭ ନିର୍ମାଣ କରା ଯାଇଥିଲା । ଏହି ଉତ୍ସବରେ ସମାନ୍ନିତ ଅତିଥି ରାଜୀବ କୁମାର (Chairman Biodiversity Board) ଓ ଘାଟିକିଆ ସ୍ଥିତ ବନପାଳ ପ୍ରଶିକ୍ଷଣ ବିଦ୍ୟାଳୟର ଶିକ୍ଷା ନବିଶଗଣ ସାମୁହିକ ସାଲ୍ୟୁଟ ଦେବା ସହିତ ଜାତୀୟ ସଂଗୀତ ଗାନ କରା ଯାଇଥିଲା । ଏହି ବିଶାଳ ରାଷ୍ଟ୍ରୀୟ ଧ୍ୱଜଟି ବର୍ଷସାରା ଦିବାରାତ୍ରି ମୁଖ୍ୟ ଦପ୍ତର ପରିସରରେ ସ୍ଥାୟୀ ଭାବେ ଉଡିବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

# ମୃତକଙ୍କୁ ହରିଶ୍ଚନ୍ଦ୍ର ସହାୟତା ପ୍ରଦାନ

ନିଶ୍ଚିନ୍ତକୋଇଲି, (ନି.ପ୍ର.) : ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ଗ୍ରାମ ପଂଚାୟତ ଅନ୍ତର୍ଗତ ଧ୍ରୁବାନନ୍ଦ ବେହେରା (୬୦)ଙ୍କ ବିୟୋଗ ଘଟିଛି । ଖବର ପାଇ ସରପଞ୍ଚ ବିବେକାନନ୍ଦ ଆଚାର୍ଯ୍ୟ ଓ



ସମିତିସଭ୍ୟାଙ୍କ ପ୍ରତିନିଧି ପ୍ରମୋଦ କୁମାର ସ୍ୱାଇଁ ମୃତକଙ୍କ ଘରେ ପହଂଚି ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ପ୍ରଦାନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# ସ୍ୱାଧୀନତାର ଅମୃତ ମହୋତ୍ସବ ହର ଘର ତ୍ରିରଙ୍ଗା ଶୁଭାରମ୍ଭ





ନିଶ୍ଚିନ୍ତକୋଇଲି, (ନି.ପ୍ର.) : ଦେଶର ୭୫ତମ ସ୍ୱାଧୀନତା ଦିବସକୁ ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ଭାବେ ପାଳନ କରୁଛି । ଏହି ପରୀପ୍ରେକ୍ଷୀରେ କଟକ ଜିଲ୍ଲା ଜିଲ୍ଲାପରିଷଦ ଜୋନ୍ ନଂ ୨୬, ନିଶ୍ଚିନ୍ତକୋଇଲି ବ୍ଲକ ଜିଲ୍ଲାପରିଷଦ ଜୋନ୍ ନଂ ୩ ବିଜେପି ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ତା. ୧୩.୦୮.୨୦୨୨ ରିଖ ଶନିବାର ମାହାଙ୍ଗା ବିଜେପି ନେତା ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଶାରଦା ପ୍ରଧାନ ଉପସ୍ଥିତ ରହି ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଅସୁରେଶ୍ୱର ପଂଚାୟତ ଦୀକ୍ଷିତ୍ ପଡାଠାରେ କର୍ମବୀର ଗୌରୀଶଙ୍କର ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ପ୍ରଥମେ ଗୌରୀଶଙ୍କରଙ୍କ ବାସଭବନରେ ତ୍ରିରଙ୍ଗା ପତକା ଲଗାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ତ୍ରିଲୋଚନ ନାୟକ, ଅଭୟ କୁମାର ପାତ୍ର, ବୁହାଳ ପଂଚାୟତ ସମିତିସଭ୍ୟ ଭବାନୀଶଙ୍କର ବେହେରା, କ୍ଷୀରୋଦ ପାତ୍ର, ପବିତ୍ର ମହନ୍ତ, ଗୋଲଖ ସିଂହ, ସୁମନ୍ତ ସିଂହ, ସୁଶାନ୍ତ ପଣ୍ଡା, ଅଜୟ ମହାକୁଡ, ମାନସ ରଂଜନ ରାଉତ, ସଂଜୀବ୍ ସାହୁ, ନାରୀନେତ୍ରୀ କାଜଲ ପ୍ରିୟଦର୍ଶିନୀ, ପ୍ରତିମା ସିଂହ, ସୌଦାମିନୀ ବେହେରା, ସସ୍ମିତା ବଳ ପ୍ରମୁଖ ଉପସ୍ଥିତ ରହି ଘର ଘର ବୁଲି ତ୍ରିରଙ୍ଗା ପତକା ଲଗାଇଥିଲେ । ସେହିପରି କଟକ ଜିଲ୍ଲା ଜିଲ୍ଲାପରିଷଦ ଜୋନ୍ ନଂ - ୨୪ ନିଶ୍ଚିନ୍ତକୋଇଲି ବ୍ଲକ ଜିଲ୍ଲାପରିଷଦ ଜୋନ୍ ୧ ବିଜେପି ମଣ୍ଡଳ ସଭାପତି ରଂଜନ କୁମାର ରାଉତଙ୍କ ତତ୍ୱାବଧାନରେ ବିଜେପି ଜିଲ୍ଲାପ୍ରତିନିଧି ହେମନ୍ତ ରାଉତ, ନାରୀନେତ୍ରୀ କଲ୍ୟାଣୀ ସେଠୀ, ବିଜେପି ଯୁବନେତା ସନ୍ତୋଷ କାପ, ପ୍ରକାଶ ରଂଜନ ସାମଲ, ପୂର୍ବତନ ସରପଂଚ ବସନ୍ତ ମହାରଣା, ଶଶଧର ମିଶ୍ର, ଅକ୍ଷୟ ଓଝା, ପ୍ରତାପ ସାମଲ, ମନୋଜ କୁମାର ସାମଲ ପ୍ରମୁଖ ଉପସ୍ଥିତ ରହି ଜୋନ୍ ଅନ୍ତର୍ଗତ ଫଂଗୋଳ ପଂଚାୟତରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଘରେ ଘରେ ତ୍ରିରଙ୍ଗା ପତାକା ଲଗାଇଥିଲେ ।

## ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ

# ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ



ପୁରୀ, (ନି.ପ୍ର.) : ପୁରୀ ଜିଲ୍ଲା ନିମାପଡା ବ୍ଲକ୍ ଅନ୍ତର୍ଗତ ଚୌରାସି ଗ୍ରାମ ବରାହୀ ମନ୍ଦିର ଠାରେ ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ଏକ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାର ଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ର କୋଣାର୍କ ଶାଖା ପକ୍ଷରୁ ଏହି ଆୟୋଜିତ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ରେ କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଚୌରାସୀ ଗ୍ରାମ ରେ ଥିବା ବରାହୀ ମନ୍ଦିର ର ରକ୍ଷଣଶୀଳ ଅଧିକାରୀ ଏବଂ ସହକାରୀ ଯନ୍ତ୍ରୀ ଯୋଗଦେବା ସହିତ କାର୍ଯ୍ୟକ୍ରମ ରେ ସାମିଲ୍ ହୋଇଥିବା ଅମରେଶ୍ୱର ଉଚ୍ଚ ବିଦ୍ୟାଳୟ ର ୫୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ, ଏବଂ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ,ଚାରିଛକ ର ଛାତ୍ରୀ ମାନଙ୍କୁ ସ୍ୱଚ୍ଛତା ଉପରେ ଏକ ଶପଥ ପାଠ କରାଇଥିଲେ । ଆଉ ମଧ ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ୱଚ୍ଛତା ପାଇଁ ବର୍ଷକରେ ୧୦୦ ଘଣ୍ଟା ଅର୍ଥାତ ସପ୍ତାହରେ୨ ଘଣ୍ଟା ଲେଖାଏଁ ସମୟ ଦେବାପାଇଁ ନିତାନ୍ତ ଜରୁରୀ ବୋଲି ବୁଝାଇଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ଗ୍ରାମବାସୀ ଙ୍କ ସମେତ ବରାହୀ ମନ୍ଦିର ର କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ସୁହାଗପୁର ସେବା ସମବାୟ ସମିତି ପରିଚାଳନା କମିଟିର ପ୍ରଥମ ବୈଠକ

କାକଟପୁର, (ନି.ପ୍ର.) : କାକଟପୁର ବ୍ଲକ ଅନ୍ତର୍ଗତ ସୁହାଗପୁର ସେବା ସମବାୟ ସମିତିର ନବ ନିର୍ବାଚିତ ପରିଚାଳନା କମିଟିର ସଭ୍ୟ ମାନଙ୍କର ପ୍ରଥମ ବୈଠକ ସମବାୟ ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଦିବାକର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନିମନ୍ତ୍ରିତ ଅତିଥି ଭାବେ ସମବାୟ ଅଧିକାରୀ ସୁକାନ୍ତ କୁମାର ଖୁଣ୍ଟିଆ, ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ସରପଂଚ ସେଖ ଅବତାର, ସମାଜସେବୀ ସାଧୁଚରଣ ସାହୁ ସମ୍ପାଦକ ରମେଶ ଚନ୍ଦ୍ର ରାଉତ ଉପ ସଭାପତି ନରେନ୍ଦ୍ର ପୃଷ୍ଟି ଙ୍କ ସମେତ ସମସ୍ତ ନିର୍ବାଚିତ ପ୍ରତିନିଧି ମାନେ ଯୋଗଦେଇ ଥିଲେ । ଆଗାମୀ ଦିନରେ ସମବାୟ ଅଧିନରେ ଥିବା ସମସ୍ତ ଚାଷୀଙ୍କୁ ଚାଷ ପାଇଁ ଉନ୍ନତ ମାନର ବିହନ ସାର ଓ ଔଷଧ ସଠିକ୍ ସମୟରେ ଓ ଉପଯୁକ୍ତ ମୂଲ୍ୟରେ ଚାଷୀ ମାନଙ୍କୁ ଯୋଗାଇ ଦେବା ସହ ଉତ୍ପାଦିତ ସାମଗ୍ରୀ ଗୁଡିକୁ ଚାଷୀଙ୍କ ଠାରୁ ସମବାୟ ସମିତି କ୍ରୟ କରିବ ବୋଲି ସଭାପତି ଶ୍ରୀ ସିଂ କହିଥିଲେ ।ସମବାୟ ଅଧିକାରୀ ଶ୍ରୀ ଖୁଣ୍ଟିଆ ବ୍ଲକର ଅନ୍ୟ ସମିତିଠାରୁ ସୁହାଗପୁର ସେବା ସମବାୟ ସମିତିର ସେବାକାର୍ଯ୍ୟ ଉନ୍ନତ ମାନର ବୋଲି କହିବା ସହ ବର୍ତ୍ତମାନ ସୁଧା ସମିତି ୧୫ଟନ୍ ସାର ଚାଷୀଙ୍କ ପାଇଁ ମହଜୁଦ ରଖିଥିବା ପ୍ରକାଶ କରିଥିଲେ ।

# ବର୍ଷାରେ ଭାଙ୍ଗିଲା ମଜୁରିଆଙ୍କ ଘର

ନୂଆପଡ଼ା, (ନି.ପ୍ର.) : ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଫରସରା ପଂଚାୟତର ଆମଗୁଡା ଗାଁର ତ୍ରିବେଣି ବାଗ ଙ୍କ ଘର ଭାଙ୍ଗି ଯାଇଅଛି । ଜିଲ୍ଲାରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ଗରୀବଙ୍କ କୁଡ଼ିଆ ଭାଙ୍ଗି ଯିବା ପରେ ସେମାନଙ୍କ ଦୁର୍ଦ୍ଦଶା ବଢିଚାଲିଛି । ଭଙ୍ଗା ଘରକୁ ସଜାଡ଼ିବା ସେମାନଙ୍କ ପକ୍ଷେ ଅସମ୍ଭବ ହୋଇପଡିଛି । ତେଣୁ ଜିଲ୍ଲା କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ଚିହ୍ନଟ କରାଯାଇ ଆବାସ ଯୋଜନାରେ ପକ୍କା ଘର ଖଣ୍ଡେ ଯୋଗାଇ ଦେବା ସହ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣ ରେ ଦାବୀ ହେଉଛି ।

# ରାସ୍ତା ନିର୍ମାଣରେ ଅନିୟମିତତା, ରାତିର ପିଚୁକାମ ସକାଳକୁ ନାହିଁ ତଦନ୍ତ ଦାବି କଲେ ଗ୍ରାମବାସୀ

ନିଶ୍ଚିନ୍ତକୋଇଲି୧୭/୮ ନି.ପ୍ର): ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଥିବା ନଗସପୁର- ସାହୁକ୍ଷେତ ଭାୟା ଚାରିରକବା ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣରେ ବ୍ୟାପକ ଚଂଚକତା ଓ ଅନିୟମିତତା କରାଯାଇଥିବାର ଅଭିଯୋଗ ହୋଇଛି। ରାତିରେ ତିଆରି ହୋଇଥିବା ପିଚୁକାମ ସକାଳୁ ଗୋଡି ଉଠି ଯାଇଥିବାର ଅଭିଯୋଗ ହୋଇଛି। ଗ୍ରାମବାସୀ ଏହାର ତଦନ୍ତ ଦାବି କରିଛନ୍ତି। ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ନଗସପୁର- ସାହୁକ୍ଷେତ ଭାୟା ଚାରିରକବା ରାସ୍ତା ରହିଛି। ଏହି ରାସ୍ତା ନିର୍ମାଣ ନିମନ୍ତେ ସରକାର ଲକ୍ଷ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ମାତ୍ର ଠିକାଦାର ନିଜ ମର୍ଜିରେ ଓ ମନମୁଖି ଭାବେ ଏହି ରାସ୍ତା ନିର୍ମାଣ କରୁଥିବାର ଅଭିଯୋଗ ହୋଇଛି। ଏହି ରାସ୍ତା ନିର୍ମାଣ ଅଟକଳ ଅନୁଯାଇ କରାଯାଉନଥିଲା ବେଳେ ରାସ୍ତା




ନିର୍ମାଣରରେ ବ୍ୟାପକ ଚଂଚକତା ଓ ଜାଲିଆତି କରାଯାଉଥିବାର ଅଭିଯୋଗ ହୋଇଛି। ଏପରିକି ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନ ମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବାର ଅଭିଯୋଗ ହୋଇଛି। ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ହେତୁ ରାସ୍ତା ନିର୍ମାଣର ମାତ୍ର ଗୋଟିଏ ଦିନ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବାର ଅଭିଯୋଗ ହୋଇଛି। ଏପରିକି ରାସ୍ତାରୁ ପିଚୁ ଓ ଗୋଡି ଉଠିଯାଇଥିବାର ଅଭିଯୋଗ ହୋଇଛି। ଫଳରେ ରାସ୍ତା ମରଣଯନ୍ତାରେ ପରିଣତ ହୋଇଛି। ଯାହା ଦ୍ୱାରାକି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଏହି ରାସ୍ତା ନିର୍ମାଣ ଠିକାଦାର ମନମୁଖି ଭାବେ କରୁଥିଲା ବେଳେ କୌଣସି ବିଭାଗୀୟ ଅଧିକାରୀ ଏହାର ତଦାରଖ କରୁନଥିବା କାରଣରୁ ରାସ୍ତାର ଅବସ୍ଥା ଏପରି ହୋଇଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତାଟି କଟକ,କେନ୍ଦ୍ରାପଡା ଓ ଜଗତସିଂହପୁରକୁ ସଂଯୋଗ କରୁଥିଲା ବେଳେ ଏହି ରାସ୍ତା ଉପରେ ସ୍ଥାନୀୟ ଉତରକୂଳ,ବାବୁଜଙ୍ଗ,ମଣିଜଙ୍ଗ, ମହମ୍ମଦପୁର ,ଦାଉଦପୁର, ନରେନ୍ଦ୍ରପୁର, ନଗସପୁର, ଝାଡେଶ୍ୱରପୁର, ଶିର୍ଲୋ ,ଇଶାଣୀ ବରହମପୁର,ମାଣପୁର ପ୍ରଭୃତି ବହୁ ପଂଚାୟତର ଶହ ଶହ ଲୋକ ଗମନା ଗମନ ନିମନ୍ତେ ନିର୍ଭର କରିଥାନ୍ତି। ଏସମ୍ପର୍କରେ ସ୍ଥାନୀୟ ବାବୁଜଙ୍ଗ ଗ୍ରାମପଂଚାୟତ ସମିତି ସଭ୍ୟ ଅଭୟ କୁମାର ଲେଙ୍କା କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। କଟକ ଜିଲ୍ଲାପାଳ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବାର ଜଣାଯାଇଛି। ଏସମ୍ପର୍କରେ ଆମପ୍ରତିନିଧି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଇଂ ସମୃଦ୍ଧି ଚୌଧୁରୀଙ୍କୁ ପଚାରିବାରୁ ସେ ନିକଟରେ କାର୍ଯ୍ୟରେ ଯୋଗଦାନ କରିଥିବାରୁ କାର୍ଯ୍ୟ ସମ୍ପର୍କରେ କିଛି ଜାଣିନଥିବାର ମତବ୍ୟକ୍ତ କରିଥିଲେ।

# ତାଳଚେରରେ ବ୍ୟାପକ ବୃକ୍ଷରୋପଣ ନିମନ୍ତେ ଜନବିକାଶ କଲ୍ୟାଣ ସଂଘର ନିବେଦନ

ତାଳଚେର୧୭/୮ ନି.ପ୍ର): ତାଳଚେରରେ ଦିନକୁ ଦିନ ବୃଦ୍ଧି ପାଉଥିବା ପ୍ରଦୂଷଣ ଓ ତାପମାତ୍ରା ତଥା ଜଙ୍ଗଲ କ୍ଷୟ ଘଟଣାକୁ ଆଖି ଆଗରେ ରଖି ତାଳଚେର ଜନବିକାଶ କଲ୍ୟାଣ ସଂଘର ସଭାପତି ଭୂପେନ ଥମ୍ବ ଏବଂ ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ମନୋଜ ଶତପଥୀ ଅନୁଗୋଳ ଜିଲ୍ଲା ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ସୌଜନ୍ୟମୂଳକ ଭାବେ ସାକ୍ଷାତ ପୂର୍ବକ ସ୍ଥାନୀୟ ଅଂଚଳରେ ବ୍ୟାପକ ବୃକ୍ଷରୋପଣ ନିମନ୍ତେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ତାଳଚେର ସ୍ଥିତ ଏମସିଏଲ କର୍ତ୍ତୃପକ୍ଷ ପ୍ରତିବର୍ଷ ପର୍ଯ୍ୟାବରଣ ବାବଦକୁ କୋଟି କୋଟି ଟଙ୍କା ଜଙ୍ଗଲ ବିଭାଗ ଜରିଆରେ ଖର୍ଚ୍ଚ କରୁଛନ୍ତି, ବନ ମହୋତ୍ସବର ଆୟୋଜନ କରାଯାଉଛି। କିନ୍ତୁ ଜଙ୍ଗଲ କେଉଁଠି ସୃଷ୍ଟି ହେଉଛି ତାହା ସନ୍ଦେହ ଘେରରେ ବୋଲି ସାଧାରଣରେ ଆଲୋଚନା ହେଉଛି। ଅଧିଗ୍ରହଣ କରିବାପରେ ଆଜି ପର୍ଯ୍ୟନ୍ତ ଏମସିଏଲ କର୍ତ୍ତୃପକ୍ଷ ତାଳଚେର ଓ କଣିହାଁ ତହସିଲରୁ ଯେଉଁ ପରିମାଣରେ ଶହ ଶହ ଏକର ଜଙ୍ଗଲ ଜମି ନଷ୍ଟ କରି ୯ଟି ପୋଖରିଆ ଖଣିରୁ କୋଇଲା ଉତୋଳନ କାର୍ଯ୍ୟ ଜାରି ରଖିଛନ୍ତି କିନ୍ତୁ ସେହି ଅନୁପାତରେ ଜଙ୍ଗଲ ବିଭାଗ ତାଳଚେର ଅଂଚଳରେ ବୃକ୍ଷରୋପଣ କରିପାରୁନାହିଁ ଯାହା ଫଳରେ ତାଳଚେର ରେ ବର୍ଷା ଦିନ ମାନଙ୍କରେ ବି ଗ୍ରୀଷ୍ମ ଦିନ ଅନୁଭୂତ ହେଉଛି ବୋଲି ଅଭିଯୋଗ ହୋଇଆସୁଛି। ବର୍ତମାନ ଚାରାରୋପଣ ନିମନ୍ତେ ଅନୁକୂଳ ବାତାବରଣ ରହିଥିବାରୁ ତାଳଚେର ଅଂଚଳରେ ପ୍ରଚୁର ପରିମାଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେଇ ଯତ୍ନର ସହିତ ନୂତନ ଜଙ୍ଗଲ ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଥମ୍ବ ଏହି ଅବସରରେ ମତପ୍ରକାଶ କରିବାସହ ସହିତ ନାଲକୋ ସ୍ଥିତ ଡ଼ିଅର ପାର୍କର ହରିଣଗୁଡିକୁ ସାତକୋଶିଆ ସ୍ଥାନାନ୍ତର ବଦଳରେ ତାଳଚେର ରାଣୀ ପାର୍କରେ ରଖାଯାଉ ବୋଲି ଉକ୍ତ ଅଧିକାରୀଙ୍କୁ ଅନୁରୋଧ କରିଥିଲେ।



## ଅବକାରି ଚଢାଉ ବିପୁଳ ମଦ ଓ ପୋଚ ଜବତ

ଜୟପୁର : ଜୟପୁର ସଦର ଥାନା ଅନ୍ତର୍ଗତ ଗଡପଦର ଗ୍ରାମ ନିକଟ ଜଙ୍ଗଲ ରେ ଅବକାରି ବିଭାଗ ଚଢାଉ କରିଛି। ଏପିଆର ଫୋସ କୋରାପୁଟ, ଅବକାରି ବିଭାଗ , ଆଇ.ଇ ଜୟପୁର ମିଳିତ ଚଢାଉ କରାଯାଇଛି। ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୁଚନା ପାଇ ଅବକାରି ବିଭାଗ ମିଳିତ ଚଢାଉ କରିଛି। ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଘଟଣା ସ୍ଥଳରୁ ୧୮ ସହ ଲିଟର ପୋଚ, ୨୩୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି। ଚଢାଉ ବେଳେ ବହୁ ମଦ ଭାଟି ମଧ୍ୟ ଭାଙ୍ଗି ଥିବା ବେଳେ ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରି ଥିବା ଜଣାଯାଇଛି।ଏହି ଚଢାଉ ରେ ଅବକାରି ନିରିକ୍ଷକ ଦୁବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ କୁମାର ତାଣ୍ଡି, ଏଏସଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ଚଢାଉ କରିଥିବା ଜଣାଯାଇଛି।

# ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ କ୍ରାନ୍ତି ଦିବସ ପାଳିତ

ଯାଜପୁର୧୭/୮ ନି.ପ୍ର): ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଅଗଷ୍ଟ ୯ କ୍ରାନ୍ତି ଦିବସ କଂଗ୍ରେସ କାର୍ଯ୍ୟାଳୟ ଠାରେ ସଭାପତି ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସ ଉପଲକ୍ଷେ ଗାନ୍ଧୀ ଛକ ଠାରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା ବେଳେ କଂଗ୍ରେସ କାର୍ଯ୍ୟାଳୟ ଠାରେ କଂଗ୍ରେସ ପତାକା ଉତୋଳନ କରାଯାଇଥିଲା। ୧୯୪୨ ଅଗଷ୍ଟ ୯ ତାରିଖରେ ସମଗ୍ର ଭାରତରେ ବ୍ରିଟିଶ ରାଜ ବିରୋଧରେ ଗାନ୍ଧୀ ଭାରତଛାଡ ଆନ୍ଦୋଳନର ଡାକରା ଦେଇଥିଲେ। ଏହି ଡାକରାରେ ଲକ୍ଷଲକ୍ଷ ସଂଖ୍ୟାରେ ଭାରତୀୟ ଜନସାଧାରଣ ଯୋଗ ଦେଇ ବ୍ରିଟିଶ ଶାସନ ବିରୁଦ୍ଧରେ ଭାରତ ସ୍ୱାଧୀନତାର ଶେଷ ସଂଗ୍ରାମ ଜାହିର କରିଥିଲେ। ଭାରତର ସମସ୍ତ ଆଗଧାଡିର ନେତୃବୃନ୍ଦଙ୍କୁ ୧୯୪୨ ଅଗଷ୍ଟ ୯ ତାରିଖ ପୂର୍ବରୁ ଗିରଫ କରାଯାଇ ଜେଲରେ ରଖାଯାଇଥିଲେ ସୁଦ୍ଧା ମହାତ୍ମାଗାନ୍ଧୀଙ୍କ ଡାକରା ସ୍ୱରୂପ ହଜାର ହଜାର ଆନ୍ଦୋଳନକାରୀ ବ୍ରିଟିଶ ପୁଲିସର ଗୁଳିମାଡରେ ନିହତ,ଆହତ ଏବଂ ଗିରଫ ହୋଇ ବ୍ରିଟିଶ ରାଜ ବିରୋଧରେ ଚେତାବନୀ ଦେଇଥିଲେ ବୋଲି ବହୁ ବକ୍ତା ମତବ୍ୟକ୍ତ କରିଥିଲେ। ବୈଠକରେ ସନ୍ତୋଷ କୁମାର ନନ୍ଦ,ବିଷ୍ଣୁଚରଣ ରାଉତ,ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା,ବଳଭଦ୍ର ଦାସ,ସୁଦୀପ କର,ନାରାୟଣ ସାମନ୍ତ,ଦୁର୍ଯ୍ୟୋଧନ ବେହେରା,ଭାସ୍କରଚନ୍ଦ୍ର



ମହାନ୍ତି,ହୃଷିକେଶ ପତି,ପ୍ରଶାନ୍ତ କୁମାର ସାହୁ,ପ୍ରତିମା କର,ସଂଗ୍ରାମ ସାହାଣୀ,ପୂର୍ଣ୍ଣଚନ୍ଦ୍ର ଜେନା,ନକୁଳଦେବ ସାହୁ,ନିକୁଂଜ ସାମଲ,ଅନୀଲ ମହାନ୍ତି,ରଘୁନାଥ ସାହୁ,କପିଳେଶ୍ୱର ଦଳାଇ,ମହନ ମୋହନ ସେଠୀ,ଅକ୍ଷୟ ଶତପଥୀ,ପ୍ରଦୀପ ବେହୁରିଆ,ବିଦ୍ୟାଧର ବାରିକ,ଗୋବିନ୍ଦ ଚନ୍ଦ୍ର ସାହୁ,ଦେବାଶିଷ ସାମନ୍ତ,ଦୀପକ ସାହୁ, ବିଜୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବିଭୂତିଭୂଷଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଉନଥାନା ପୋଲିସ ଦ୍ୱାରା ବ୍ରାଉନ୍‌ସୁଗାର ଜବତ ଓ ୩ ଗିରଫ

କେନ୍ଦ୍ରାପଡ଼ା, କେନ୍ଦ୍ରାପଡା ପୌରାଞ୍ଚଳର ବଡହାଟ ନିକଟସ୍ଥ କେନାଲ କୂଳରୁ ଟାଉନ ଥାନା ପୋଲିସ ଦ୍ୱାରା ବ୍ରାଉନ୍‌ସୁଗାର ଜବତ କରାଯିବା ସହିତ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଯୁବକମାନଙ୍କ ନିକଟରୁ ୯.୫୭ଗ୍ରାମର ବ୍ରାଉନ୍‌ସୁଗାର ଜବତ କରାଯାଇଛି । ଗିରଫ ହୋଇଥିବା ଆସାମୀମାନେ ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ଫକିରାବାଦ ଗ୍ରାମର ସେକ୍ ରହିଲ୍, ମହମ୍ମଦ୍ ଇନଜାମୁଲ୍ ହକ୍ ଓ ବଡହାଟ ଗ୍ରାମର ସେକ୍ ଅରସାଦ୍ । ଏହି ୩ଜଣ ବହୁଦିନ ଧରି ବ୍ରାଉନ୍‌ସୁଗାର ବିକ୍ରି କରିବା ସହିତ ସେବନ କରୁଥିଲେ ବୋଲି ଟାଉନ୍‌ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି ସୂଚନା ଦେଇଛନ୍ତି।




## ଡାକ ବିଭାଗ ପକ୍ଷରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଦକ୍ଷୀଣ ଉପମଣ୍ଡଳ ନୀରିକ୍ଷକ ଆଦିତ୍ୟ କୁମାର ଜେନାଙ୍କ ଆହ୍ୱାନ କ୍ରମେ ହରଘର ତ୍ରିରଙ୍ଗା ରାଲି କୋରୁଆ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରୁ ବାହାରି ରାସ୍ତାରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କରିଲୋପାଟଣା, ଗରଦପୁର, ତେଣ୍ଡାକୁଡା ଉପଡାକଘର ଅଧିନରେ ଥିବା ଶାଖା ଡାକପାଳ,ସହକାରୀ ଶାଖା ଡାକପାଳଙ୍କ ସମେତ କୋରୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ୭୫ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଏକ ବିଶାଳ ରାଲିରେ ଯାଇ ନିକଟସ୍ଥ ଦୁଇଟି ଗ୍ରାମ ପରିକ୍ରମା କରି ଜନସଚେତନତା ସୃଷ୍ଟି କରିଥିଲେ। ଭରତପୁର ଶାଖା ଡାକପାଳ ବିଜୟ କିଶୋର ଦାସ ଓ ସୁବ୍ରତ କୁମାର ସାହୁଙ୍କ ସହଯୋଗ ଏବଂ ଲିୟାକତ ଅଲ୍ଲୀ ଓ କମଳାକାନ୍ତ ଶତପଥୀଙ୍କ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୃସିଂହ ଚରଣ ମଲିକ ଏଥିରେ ସହଯୋଗ କରିଥିଲେ।

## ଶହେ ବର୍ଷ ତଳର ଆମ୍ବ ଗଛ ଉପୁଡିଲା

ଜୟପୁର : ଜୟପୁର ବିକ୍ରମ ଦେବ କଲେଜ ପରିସରରେ ଥିବା ଆମ୍ବ ଗଛ ଉପୁଡିଛି । ଲଗାଣ ବର୍ଷାରେ କଲେଜ ପରିସରରେ ଥିବା ଶହେ ବର୍ଷ ତଳର ଆମ୍ବ ଚେର ସହ ଉପୁଡିଯାଇଛି। ବିଳମ୍ବିତ ରାତ୍ର ଉପୁଡିଥିବାରୁ କାହାର କିଛି କ୍ଷତି ହୋଇ ନାହିଁ। କାରଣ ଶହେ ବର୍ଷର ଏହି ଆମ୍ବ ଗଛ ତଳେ କଲେଜର ଛାତ୍ର ଛାତ୍ରୀ ମାନେ ଠିଆ ହୋଇ ଥାନ୍ତି। ରାତ୍ର ସମୟରେ ହୋଇଥିବାରୁ ବଡ ଧରଣ ଅଘଟଣରୁ ଛାତ୍ର ଛାତ୍ରୀ ମାନେ ବର୍ତ୍ତି ଥିବା ଜଣାଯାଇଛି । କଲେଜ ପରିସରରେ ବହୁ ପୁରୁଣା ଗଛ ରହିଛି ସେହି ଗଛ ପ୍ରତି ଧ୍ୟାନ ଦେବାକୁ ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି।

## ନିଖୋଜର ୪ ଦିନ ପରେ ନାବାଳିକା ନବମ ଶ୍ରେଣୀ ଛାତ୍ରୀ ଉଦ୍ଧାର

ନିଶ୍ଚିନ୍ତକୋଇଲି : ନିଖୋଜର ୪ ଦିନ ପରେ ଜଣେ ନାବାଳିକା ଛାତ୍ରୀ କୁ ଉଦ୍ଧାର କରାଯାଇ ତାର ପରିବାର ଜୀମା ନେମାଳ ଥାନା ପୋଲିସ ଦେଇଛି। ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ଗ୍ରାମର ପ୍ରଭାକର ମଲ୍ଲଙ୍କ କନ୍ୟା ରାଜଶ୍ରୀ ମଲ୍ଲ(୧୪) ସ୍ଥାନୀୟ ତିଳକଣା ଗ୍ରାମପଂଚାୟତ ଦେମାଣ୍ଡୋ ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀରେ ଅଧ୍ୟୟନ କରନ୍ତି। ଗତ ଶୁକ୍ରବାର ଦିନ ପ୍ରଭାକର ଓ ତାଙ୍କ ପତ୍ନୀ ବିଲକୁ କାମ କରିବା ନିମନ୍ତେ ଯାଇଥିଲା ବେଳେ ଘରେ ତାଙ୍କର କନ୍ୟା ରାଜଶ୍ରୀ ରହିଥିଲେ। ତେବେ ପିତାମାତା କାମ ସାରି ଘରକୁ ଫେରିଲା ବେଳକୁ ଘରେ ଝିଅ ନଥିବାର ଦେଖିବାକୁ ପାଇଥିଲେ। ଝିଅକୁ ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନଙ୍କ ଘରେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇନଥିଲେ। ଏସମ୍ପର୍କରେ ଶୁକ୍ରବାର ରାତ୍ରରେ ରାଜଶ୍ରୀଙ୍କ ପିତା ପ୍ରଭାକର ମଲ୍ଲ ନେମାଳଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ନେମାଳ ଥାନା ଘଟଣାର ତଦନ୍ତ କରି ସୋମବାର ରାତ୍ରରେ ନେମାଳ ଥାନା ପୋଲିସ କିଶନନଗର ଥାନା ତୋଟାପଡା ଗ୍ରାମରୁ ନାବାଳିକା ଛାତ୍ରୀକୁ ଉଦ୍ଧାର କରି ତାର ପରିବାର ଜିମା ଦେଇଥିବାର ଜଣାଯାଇଛି।

## ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଜବତ ଘଟଣା କିଙ୍ଗପିନ୍ ନାରାୟଣ ସାହୁ ଗିରଫ

ବ୍ରହ୍ମପୁର ୧୭/୮ ନି.ପ୍ର): ବ୍ରହ୍ମପୁର ସହରର ସାର୍ଗୁଣା ସାହି ଏବଂ ସୁକୁଣ୍ଡା ଅଞ୍ଚଳ ସମେତ ଗଣେଶ ମାର୍କେଟ ଅଞ୍ଚଳରୁ ଗତକାଲି ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଜବତ ଘଟଣାରେ ପୋଲିସ ଘଟଣାସ୍ଥଳରୁ ଟୁକୁନା ସାହୁଙ୍କୁ ଗିରଫ କରିଥିବା ବେଳେ କିଙ୍ଗପିନ୍ ନାରାୟଣ ସାହୁଙ୍କୁ ଗିରଫ କରିଛି। ତାଙ୍କଠାରୁ ପୋଲିସ ଅନେକ କିଛି ତଥ୍ୟ ହାସଲ କରିବା ସହ ଘଟଣାରେ ଆଉ କାହାର ସମ୍ପୃକ୍ତି ନା ନାରାୟଣ ଏକୁଟିଆ ଏହି ବ୍ୟବସାୟ ଚଳାଇଥିଲେ ତାହାକୁ ନେଇ ଖୋଳତାଡ଼ କରୁଛି। ନାରାୟଣଙ୍କୁ ପୋଲିସ ଗିରଫ କରିଛି। ପରେ କୋର୍ଟଚାଲାଣ କରିବ ବୋଲି ଜଣାପଡ଼ିଛି। ନାରାୟଣ ପୂର୍ବରୁ ୨୦୨୧ ମସିହାରେ ମଧ ବେଆଇନ ଓ ନକଲି ଗୁଟ୍‌ଖା ପ୍ରସ୍ତୁତ କରି ବଡ଼ବଜାର ଥାନା ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ମାତ୍ର ୪ଦିନ ଜେଲ ହାଜତରେ ରହିବା ପରେ ସେ ଜାମିନରେ ମୁକୁଳିଥିଲେ। ଜାମିନରେ ଆସିବା ପରେ ନାରାୟଣ ସୋୟାବିନ୍ ବ୍ୟବସାୟ କରୁଥିଲେ। ଲୁକ୍କାୟିତ ଭାବେ ଗୁଟ୍‌ଖା ବ୍ୟବସାୟ ଜାରି ରଖିଥିଲେ। ଏନେଇ ପୋଲିସ ନିକଟକୁ ପୁଣି ଅଭିଯୋଗ ଆସିବା ପରେ ଗତକାଲି ଗଣେଶ ମାର୍କେଟ ସମେତ ସୁକୁଣ୍ଡା ଏବଂ ସାର୍ଗୁଣାସାହି ଅଞ୍ଚଳରୁ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ କିଲୋ ଓଜନର କଞ୍ଚାମାଲ ସହ ୭୮୦ କିଲୋ ପ୍ରସ୍ତୁତ ଗୁଟ୍‌ଖା ଜବତ କରିଥିଲା। ନାରାୟଣ ଗିରଫ ହେବା ପରେ ଗୁଟ୍‌ଖା ତିଆରି ପାଇଁ ଆବଶ୍ୟକ କଞ୍ଚାମାଲ ଏବଂ ଜରି ପ୍ୟାକେଟ୍ ହାଇଦରାବାଦରୁ ଆସୁଥିବା ନେଇ ପୋଲିସ ଜାଣିବାକୁ ପାଇଛି। ଗତକାଲି ଚଢ଼ଉ ପରେ ନାରାୟଣ ଘଟଣାସ୍ଥଳରୁ ଫେରାର ହୋଇଥିଲେ। ୨୦୨୧ ରେ ନାରାୟଣ ଗିରଫ ହୋଇଥିବା ବେଳେ ତାଙ୍କ ଆକାଉଣ୍ଟକୁ ପୋଲିସ ସେହି ସମୟରେ ଫ୍ରିଜ୍ କରିଥିଲା। ଉକ୍ତ ଆକାଉଣ୍ଟରେ ୧୦ଲକ୍ଷ ଟଙ୍କା ଥିବା ବେଳେ ଆଜି ପର୍ଯ୍ୟନ୍ତ ଏହା ଅଚଳ ହୋଇରହିଛି। ବର୍ତ୍ତମାନ ନାରାୟଣ କେଉଁ ବ୍ୟବସାୟକୁ ନେଇ ଜିଏସ୍‌ଟି ଦେଉଛନ୍ତି ଏବଂ ସେହି କମ୍ପାନୀର ନାମ କ'ଣ ତାହାର ଖୋଳତାଡ଼ ପୋଲିସ କରୁଛି। ନାରାୟଣ ଯେଉଁ ଗୋକୁଲ୍ ଡିଲକ୍ସ ମିକ୍ସ ଗୁଟ୍‌ଖା ପ୍ରସ୍ତୁତ କରୁଥିଲେ ସେହି ଗୁଟ୍‌ଖା ପ୍ରସ୍ତୁତ ପାଇଁ ନାରୟଣ କେଉଁଠୁ ଫ୍ରାଞ୍ଚାଇଜ୍ ଆଣିନାହିଁ। ବରଂ ଗୋକୁଲ ଡିଲକ୍ସ ମିକ୍ସ ସ୍ଥାନୀୟ ଜଣେ ବ୍ୟକ୍ତି ଏବଂ କଟର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ନାମରେ ଫ୍ରାଞ୍ଚାଇଜ ରହିଥିବା ତଦନ୍ତରୁ ଜଣାପଡ଼ିଛି।

## ଲକ୍ଷ୍ମୀନାରାୟଣ ନଗର ସ୍ମାର୍ଟରୋଡ଼ ନିର୍ମାଣ ଅଧପନ୍ତରିଆ

ବ୍ରହ୍ମପୁର : ମହାନଗର ନିଗମର ୪୦ ନଂ ୱାର୍ଡରେ ସ୍ମାର୍ଟ ରୋଡ଼ ନିର୍ମାଣ ପାଇଁ ରାସ୍ତାକାର୍ଯ୍ୟ ଆରମ୍ଭ କରାଯାଇ ଅଧପନ୍ତରିଆ ଭାବରେ ରହିଛି। ଲକ୍ଷ୍ମୀନାରାୟଣ ନଗର ସ୍ମାର୍ଟରୋଡ଼ ନିର୍ମାଣ ନାମରେ ପ୍ରବେଶ ପଥରେ ଜେସିବି ଦ୍ୱାରା ଖୋଳାଯାଇଥିଲା। ତାକୁ ସମ୍ପୂର୍ଣ୍ଣ କରାନଯାଇ ଅଧପନ୍ତରିଆ ଭାବେ ଛାଡ଼ି ଦିଆଯାଇଥିଲା। ବର୍ତ୍ତମାନ ଲଗାଣ ବର୍ଷାରେ ସେଠାରେ ଖାଲଖମା ହୋଇ ବର୍ଷା ଜଳ ଭର୍ତ୍ତି ହୋଇ ମରଣଯନ୍ତା ପାଲଟିଛି। ସେହି ରାସ୍ତାରେ ପ୍ରତ୍ୟେକ ଦିନ ଶହ ଶହ ଜନସାଧାରଣ ଯାତାୟତ କରୁଛନ୍ତି। ବର୍ଷାଜଳ ସେଠାରେ ଜମି ଖାଲଖମା ରହିଥିବା ଯୋଗୁଁ ବହୁ ଦୁର୍ଘଟଣା ଘଟୁଥିବା ଜଣାପଡ଼ିଛି। ଏହି ରାସ୍ତାକୁ ତୁରନ୍ତ ନିର୍ମାଣ କରିବାକୁ ବାରମ୍ବାର ଦାବି ହୋଇଥିଲେ ସୁଦ୍ଧା ସ୍ମାର୍ଟରୋଡ଼ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ରହିଥିବାଯୋଗୁଁ ଜନସାଧାରଣ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ସ୍ମାର୍ଟରୋଡ଼ ରାସ୍ତାକୁ ଶେଷ କରିବା ପାଇଁ ଜନସାଧାରଣରେ ଦାବି ହୋଇଛି।

# ସ୍ୱାଧୀନତାର ଗୌରବ ଯାତ୍ରା ନୁଆପୁଟ ଠାରୁ ଆରମ୍ଭ

ଜୟପୁର୧୭/୮ ନି.ପ୍ର): ଜିଲା କଂଗ୍ରେସ ଭବନ ଜୟପୁର ଠାରେ କ୍ରାନ୍ତି ଦିବସ ପାଳିତ ହୋଇଛି। କୋରାପୁଟ ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନିପତି ଆହ୍ୱାନରେ ଆୟୋଜିତ କାଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକ ,ମଦନ ମୋହ ନାୟକ, ବିନୋଦ ମହାପାତ୍ର, ପ୍ରମୁଖ ଉପସ୍ଥିତ ରହି ମହାତ୍ମାଗାନ୍ଧୀ ଓ ବି ଆର ଆମ୍ବେଦକରଙ୍କ ଫଟୋ ଚିତ୍ର ରେପୁଷ୍ପ ମାଲ୍ୟ ଅର୍ପଣ କରି କ୍ରନ୍ତି ଦିବସ ପାଳିନ କରିଥିଲେ। ଆଜି ର ଦିବସ ଉପରେ ଆଲୋକପାତ କରିଥିଲେ। ଅଖିଳ ଭାରତ ଜାତୀୟ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ୯ ତାରିଖରୁ ୧୪ ତାରିଖ ଯାଏ ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ୭୫ କମି ଯାଏ ପଦ ଯାତ୍ରା କରିବା ନେଇ ନିର୍ଦ୍ଦେଷ ଆସିଛି। ଏନେଇ ତ୍ୟାଗ ଓ ବଳିଦାନର ୭୫ ବର୍ଷ ରେ ଅଗଷ୍ଟ ୯ କ୍ରାନ୍ତି ଦିବସରୁ ଅଗଷ୍ଟ ୧୪ ତାରିଖ ଯାଏ ସ୍ୱାଧିନତାର ଗୌରବ ଯାତ୍ରା ସ୍ୱାଧିନତା ସଂଗ୍ରାମୀ ରାଧାକୃଷ୍ଣ ରାୟ ଙ୍କ ଜନ୍ମ ମାଟି ଜୟପୁର ବ୍ଲକ ଅନ୍ତର୍ଗତ ନୁଆପୁଟ ଠାରୁ ଆରମ୍ଭ ହୋଇଛି। କୋରାପୁଟ ଜିଲା କଂଗ୍ରେସ କମିଟିର ସଭାନେତ୍ରୀ ମିନାକ୍ଷୀ ବାହୀନିପତି ଙ୍କ ଆହ୍ୱାନ ରେ ଅନୁଷ୍ଠିତ ପଦ ଯାତ୍ରାରେ ଅନ୍ୟ ମାନଙ୍କ ମଧ୍ୟରେ ନିହାର ବିଷୋୟୀ, ସୁକାନ୍ତ ପଟ୍ଟନାୟକ, ନଳିନି ରଥ, ରାମ ଚନ୍ଦ୍ର ପାଢୀ, ପିଙ୍କୁ ଶତପଥି, ଅଶୋକଗନ୍ତାୟତ ସମେତ ହଜାର ହଜାର କଂଗ୍ରେସ ନେତା ଓ କର୍ମି ଉପସ୍ଥିତ ଥିଲେ। ଏହି ପଦ ଯାତ୍ରା କୁନ୍ତର ଖାଲରେ ଶେଷ ହୋଇଥିଲା। ମହାତ୍ମାଗାନ୍ଧୀ ଓ ଇନ୍ଦିରାଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସମସ୍ତେ ଏକ ଜୁଟ ହୋଇ ବିକାଶ ରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ।୧୯୪୨ ମସିହା ଅଗଷ୍ଟ ୯ ଠାରୁ ଆଜି ଯାଏଁ କଂଗ୍ରେସ ଦଳ ଏହି ଦିନ କୁ ସ୍ମରଣ କରି ଦେଶ ସେବାରେ ଲାଗିଥିବା କହିଥିଲେ। ଯେଉଁ ସେବାର ପ୍ରତିଦାନରେ ଆଜି ଦେଶ ସ୍ୱାଧିନତା ହାସଲ ସହ ସ୍ୱାବଲମ୍ବି ହୋଇପାରିଛି ବୋଲି କହିଥିଲେ।



## ଓସ୍ତପୁର ପ୍ରାଥମିକ ସମବାୟ ସମିତି ପରିଚାଳନା ପରିଷଦର ପ୍ରଥମ ସାଧାରଣ ବୈଠକ

କେନ୍ଦ୍ରାପଡ଼ା୧୭/୮ ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତି ପରିଚାଳନା ପରିଷଦର ପ୍ରଥମ ସାଧାରଣ ବୈଠକ ସଭାପତି ପ୍ରଦ୍ୟୁମ୍ନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ କେନ୍ଦ୍ରାପଡାର ଶାଖା ପରିଚାଳକ ତାପସ ପ୍ରସାଦ ସିଂ, ସମିତି ଉପସଭାପତି କନକଲତା ସ୍ୱାଇଁଙ୍କ ସମେତ ନିର୍ଦ୍ଦେଶକ ଶରତ ଚନ୍ଦ୍ର ଦାସ, ପ୍ରଫୁଲ୍ଲ ରାଉତ, ପ୍ରଶାନ୍ତ ବେହେରା, କୈଳାସ ଚନ୍ଦ୍ର ବେହେରା, ରବିନ୍ଦ୍ରନାଥ ପଣ୍ଡା, କବି ଚନ୍ଦ୍ର ବିଶ୍ୱାଳ, ବଂଶୀଧର ସାମଲ, ପ୍ରମୋଦ ରାଉତରାୟ, ସମିତି ସମ୍ପାଦକ ପ୍ରେମାଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବୈଠକରେ ସଭାପତି ଶ୍ରୀ ଜେନା ସମବାୟ ସମିତିର ବିକାଶ ଉପରେ ଗୁରୁତ୍ୱାରୋପ କରି ଏଥିନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସମିତି ପକ୍ଷରୁ ଅଧିକରୁ ଅଧିକ ଋଣ ପ୍ରଦାନ କରିବା ଓ ବକେୟା ଋଣ ଆଦାୟକୁ ତ୍ୱରାନ୍ୱିତ କରିବାକୁ ଶାଖା ପରିଚାଳକ ଶ୍ରୀ ସିଂ ପରାମର୍ଶ ଦେଇଥିଲେ । ଧାନମଣ୍ଡି ପାଇଁ କୃଷକ ପଞ୍ଜିକରଣ କାର୍ଯ୍ୟକୁ ସଠିକ ଭାବରେ କରାଯିବା, ଚାଷୀଙ୍କୁ ସାର ଯୋଗାଇଦେବା ଏବଂ ସମିତି କାର୍ଯ୍ୟାଳୟ ପାଇଁ ଆବଶ୍ୟକ ଗୃହର ଅଭାବ, ଶୋଚାଳୟ, ପାନୀୟ ଜଳ ବ୍ୟବସ୍ଥା ପ୍ରଭୃତି ସମ୍ପର୍କରେ ସଭାପତି ଶ୍ରୀ ଜେନା ବୈଠକରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ ।



# ଦୋକାନ ଭଙ୍ଗା ଉପରେ ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟର ରହିତାଦେଶ

ନିଶ୍ଚିନ୍ତକୋଇଲି ୧୭/୮ ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ବଜାର ଦୋକାନ ଭଙ୍ଗା ନିଷ୍ପତି ଉପରେ ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟ ରହିତାଦେଶ ଜାରି କରିଥିବା କାରଣରୁ ବ୍ୟବସାୟୀ ମହଲରେ ଆନନ୍ଦ ପ୍ରକାଶ ପାଇଛି। କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ଅଧିନରେ କଟିକଟା - ଜୟପୁର ପୂର୍ତ୍ତ ବିଭାଗ ରାସ୍ତା ରହିଛି। ଏହି ରାସ୍ତା ପାର୍ଶ୍ୱରେ ଦୀର୍ଘ ବର୍ଷ ହେଲା କେତେକ ବ୍ୟବସାୟୀ ସରକାରୀ ଜମି ଉପରେ ସ୍ଥାୟୀ ଗୃହ ନିର୍ମାଣ କରି ବ୍ୟବସାୟ କରି ଆସୁଛନ୍ତି। ମହାମାରୀ କରୋନା ଓ ଆର୍ଥୀକ ମାନ୍ଦାବସ୍ଥା ଯୋଗୁ ଏହି ବ୍ୟବସାୟୀ ମାନଙ୍କ ଆର୍ଥୀକ ମେରୁଦଣ୍ଡ ଏକ ରକମ ଭାଙ୍ଗି ଯାଇଛି କହିଲେ ଅତୁକ୍ତି ହେବ ନାହିଁ। ମାତ୍ର କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ପ୍ରରୋଚନାରେ ନିଶ୍ଚିନ୍ତକୋଇଲି ତହସିଲ ତରଫରୁ ଜବର ଦଖଲ କରିଥିବା ବ୍ୟବସାୟୀ ମାନଙ୍କ ଦୋକାନ ଭଙ୍ଗାଯିବା ନିମନ୍ତେ ନୋଟିସ ଜାରି କରାଯାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ ଘର ଭଙ୍ଗା ନିମନ୍ତେ ନୋଟିସ ପାଇଥିବା ବ୍ୟବସାୟୀ ଧନେଶ୍ୱର ବେହେରାଙ୍କ ଦୋକାନ ଗୃହକୁ ଗତ ୨୦୨୦ ମସିହା ମେ ୨୮ ତାରିଖ ରାତ୍ରରେ କେତେକ ଖଳ ପ୍ରକୃତିର ଲୋକେ ଜେସିବି ମେସିନ ସାହାଯ୍ୟରେ ଭାଙ୍ଗି ଦେଇଥିଲେ। ଶ୍ରୀ ବେହେରା ଦଳିତ ସମ୍ପ୍ରଦାୟର ହୋଇଥିବାରୁ ତାଙ୍କର ଦୋକାନ ଭଙ୍ଗାଯିବା ଘଟଣା ଏବେ ସ୍ୱତନ୍ତ୍ର କୋର୍ଟରେ ବିଚାରାଧିନ ଅଛି। ନିଶ୍ଚିନ୍ତକୋଇଲି ତହସିଲର ଏହି ନିଷ୍ପତି ଉପରେ ସ୍ଥାନୀୟ ଲୋକେ ଓଡିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟ ଏହି ମାମଲାର ବିଚାର କରି ୬ ସପ୍ତାହ ପର୍ଯ୍ୟନ୍ତ ଏହି ଦୋକାନ ଗୃହ ନ ଭାଙ୍ଗିବା ନିମନ୍ତେ ରହିତାଦେଶ ଜାରି କରିଛନ୍ତି। ମାନ୍ୟବର ଉଚ୍ଚ ନ୍ୟାୟାଳୟର ଏହି ନିଷ୍ପତି ବ୍ୟବସାୟୀ ମହଲରେ ଆନନ୍ଦ ଖେଳାଇ ଦେଇଛି।

## ସଂପାଦକୀୟ

# ଭାରତରେ 'ମଙ୍କିପକ୍ସ'

ମହାମାରୀ କରୋନା ଓ ଇବୋଲା ଭଳି ସଂକ୍ରମଣ ରୋଗ ବିଶ୍ୱରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିବାପରେ ଏବେ 'ମଙ୍କି ପକ୍ସ' ନାମକ ଆଉ ଏକ ରୋଗ ବିଭିନ୍ନ ଦେଶକୁ ମାଡ଼ି ଚାଲିଛି । ବର୍ତ୍ତମାନ ବିଶ୍ୱର ୭୦ଟି ଦେଶରେ ଏହାର ପ୍ରାଦୁର୍ଭାବ ଦେଖିବାକୁ ମିଳିଛି । ପ୍ରଥମେ ଆଫ୍ରିକା ଓ ୟୁରୋପ ମହାଦେଶରେ ଏହା କାୟାବିସ୍ତାର କରିବା ପରେ ଏବେ ଏସିଆ ଅଷ୍ଟ୍ରେଲିଆ, ଉତ୍ତର ଆମେରିକା ଓ ଦକ୍ଷିଣ ଆମେରିକା ବିଭିନ୍ନ ଦେଶରେ ଆତଙ୍କ ସୃଷ୍ଟି କରିଛି । ଏ ଯାବତ୍ ୧୭ ହଜାରରୁ ଅଧିକ ଲୋକ ମଙ୍କିପକ୍ସ ରୋଗରେ ସଂକ୍ରମିତ ହୋଇଥିବା ବେଳେ ୭୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି । ବିଶେଷଜ୍ଞଙ୍କ ସୂଚନା ଅନୁଯାୟୀ ମୋଟ ସଂକ୍ରମିତ ମଧ୍ୟରୁ ପ୍ରାୟ ୯୯ ପ୍ରତିଶତ ପୁରୁଷ ଓ ସେମାନଙ୍କ ମଧ୍ୟରୁ ଏକ ବଡ଼ ଅଂଶ ଅନ୍ୟ ପୁରୁଷଙ୍କ ସହ ଶାରୀରିକ ସମ୍ପର୍କ ରକ୍ଷା କରିବାକୁ ହୋଇଛି । ତେବେ ନିର୍ଦ୍ଦିଷ୍ଟ ଭାବରେ କେଉଁ କାରଣରୁ ମଙ୍କିପକ୍ସ ବ୍ୟାପୁଛି, ତାହା ସ୍ପଷ୍ଟ ହୋଇନାହିଁ । ଏ ସମ୍ପର୍କରେ ଅଧିକରୁ ଅଧିକ ଗବେଷଣା ଓ ଅଧ୍ୟୟନର ଆବଶ୍ୟକତା ରହିଛି । ବର୍ତ୍ତମାନ ସୁଦ୍ଧା ଏହି ସଂକ୍ରମିତ ରୋଗର ଦୁଇଟି ପ୍ରକାର (ଷ୍ଟ୍ରେନ୍) ଚିହ୍ନଟ ହୋଇଥିବା ବେଳେ କଙ୍ଗୋ ପ୍ରଜାତି ଅଧିକ ସଂକ୍ରମିତ ହୋଇଥିବାର ଜଣାପଡ଼ିଛି । ଏହି ପ୍ରଜାତିର ଭୂତାଣୁ ସଂକ୍ରମିତଙ୍କ ମଧ୍ୟରୁ ୧୦ ପ୍ରତିଶତଙ୍କ ମୃତ୍ୟୁ ଘଟିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ମଙ୍କି ପକ୍ସ ହେଉଛି ପଶୁଙ୍କ ଶରୀରରୁ ମଣିଷ ଶରୀରକୁ ସଂକ୍ରମିତ ହେଉଥିବା ଏକ ଭୂତାଣୁ । ଏହା ସାଧାରଣତଃ ମିଳିମିଳା ବା ହାଟପୁଟି ପରି ଦେଖାଯାଏ । ଭାରତରେ ମଧ୍ୟ ମଙ୍କିପକ୍ସ ଭୂତାଣୁ ଚିହ୍ନଟ ହୋଇଥିବା ବେଳେ ଏ ଯାବତ୍ ୪ଟି ମାମଲା ସାମ୍ନାକୁ ଆସିଛି । ସେଥି ଭିତରୁ ୩ଟି ମାମଲା କେରଳରୁ ଓ ଗୋଟିଏ ମାମଲା ଜାତୀୟ ରାଜଧାନୀ ଦିଲ୍ଲୀରେ ଦେଖିବାକୁ ମିଳିଛି । ଜୁଲାଇ ୧୪ ତାରିଖରେ ଭାରତରେ ପ୍ରଥମ ମଙ୍କିପକ୍ସ ରୋଗୀ କେରଳରେ ଚିହ୍ନଟ ହୋଇଥିଲେ । ସେ ସଂଯୁକ୍ତ ଆରବ ଏମିରେଟ୍ (ୟୁ.ଏ.ଇ)ରୁ କେରଳର କୋଲ୍ଲାମକୁ ଫେରିଥିଲେ । ମହାମାରୀ କରୋନା ସମୟରେ ମଧ୍ୟ ଦେଶର ପ୍ରଥମ କରୋନା ରୋଗୀ ଏହି ରାଜ୍ୟରୁ ଚିହ୍ନଟ ହୋଇଥିଲେ । କେରଳର ବହୁ ଲୋକ ବିଭିନ୍ନ ପାଶ୍ଚାତ୍ୟ ରାଷ୍ଟ୍ରରେ କାର୍ଯ୍ୟ କରୁଥିବା ଦୃଷ୍ଟିରୁ ଦେଶର ଅନ୍ୟ ଅଞ୍ଚଳ ଅପେକ୍ଷା ଏଠାରେ ସଂକ୍ରମଣ ପ୍ରଥମେ ଆରମ୍ଭ ହୋଇ ଅଧିକ ବ୍ୟାପକ ହୋଇଥାଏ । ସେହିପରି ଚତୁର୍ଥ ରୋଗୀ ଦିଲ୍ଲୀରୁ ଚିହ୍ନଟ ହୋଇଥିବାରୁ ଦେଶର ଅନ୍ୟ ରାଜ୍ୟକୁ ଏହା ବ୍ୟାପିବାର ଅଧିକ ସମ୍ଭାବନା ରହିଛି । କାରଣ ବିଭିନ୍ନ ରାଜ୍ୟର ଲୋକ ଅନେକ କାର୍ଯ୍ୟ ନେଇ ଜାତୀୟ ରାଜଧାନୀକୁ ଯିବା ଆସିବା କରିଥାନ୍ତି । ସମ୍ଭାବ୍ୟ ମଙ୍କିପକ୍ସ ସଂକ୍ରମଣକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଆଗୁଆ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ବିଭିନ୍ନ ଡାକ୍ତରଖାନା ଓ ପ୍ରଶାସନକୁ ଏଥିଲାଗି ସଜାଗ ରଖାଯାଇଛି । ଯଦିଓ କରୋନା ଭଳି ଏହି ରୋଗ ସେତେଟା ମାରାତ୍ମକ ନୁହେଁ, ତଥାପି ଖୁବ୍ ସମୟ ଭିତରେ ଏହା ବହୁ ଲୋକଙ୍କୁ ଆକ୍ରାନ୍ତ କରୁଥିବାରୁ ଓ ଶୀଘ୍ର ବ୍ୟାପୁଥିବାରୁ ଏଥିଲାଗି ସତର୍କତା ଓ ସାବଧାନତା ଅବଲମ୍ବନ କରାଯିବାର ଜରୁରି ଆବଶ୍ୟକତା ରହିଛି । କେଉଁ କାରଣରୁ ବିଶ୍ୱରେ ନୂଆ ନୂଆ ରୋଗର ସଂକ୍ରମଣ ବୃଦ୍ଧି ପାଉଛି, ସେଥିନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ଓ ଗବେଷକମାନେ ଧ୍ୟାନ ଦେବା ଉଚିତ୍ ।

# ଜନ୍ମାଷ୍ଟମୀ

**ପ୍ରଦୀପ୍ତ ବିଶ୍ୱାଳ**

'ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।।
ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।'

ଯେତେବେଳେ ଧରାପୃଷ୍ଠରେ ଧର୍ମର ଗ୍ଲାନି ହୋଇ ଅଧର୍ମର ପ୍ରାଦୁର୍ଭବ ବହୁଳ ଭାବେ ବୃଦ୍ଧିପାଏ ସେତେବେଳେ ମୁଁ ପ୍ରକଟ ହୋଇ ଦୁଷ୍ଟମାନଙ୍କୁ ବିନାଶ କରି ସାଧୁମାନଙ୍କୁ ରକ୍ଷାକରି ଧର୍ମର ପୁନଃ ସଂସ୍ଥାପନ କରିଥାଏ । ଭଗବାନ ଶ୍ରୀକୃଷ୍ଣ ତାଙ୍କ ମୁଖ ନିସୃତ ଶ୍ରୀମଦ୍ ଭଗବଦ୍ ଗୀତାର ୪ର୍ଥ ଅଧ୍ୟାୟ ୭ମ ଓ ୮ମ ଶ୍ଳୋକରେ କହିଛନ୍ତି । ଦ୍ୱାପର ଯୁଗର ଶେଷ ସମୟରେ ପ୍ରବଳ ପ୍ରତାପୀ କଂସ, ଜରାସନ୍ଧ, ଶିଶୁପାଳ, ଦୁର୍ଯ୍ୟୋଧନ ଭଳି ସ୍ୱେଚ୍ଛାଚାରୀ ରାଜାମାନଙ୍କର ଦୌରାତ୍ମ୍ୟରୁ ସାଧୁଜନମାନଙ୍କୁ ରକ୍ଷା କରିବାପାଇଁ କଂସରାଜା ମଥୁରା ନଗରୀରେ ବନ୍ଦୀଶାଳାରେ ଭଗବାନ ବିଷ୍ଣୁ ଅଷ୍ଟମ ଅବତାର ରୁପେ ଭାଦ୍ରକୃଷ୍ଣ ଅଷ୍ଟମୀ ତିଥି ରୋହିଣୀ ନକ୍ଷତ୍ର ଓ ବୃଷ ଚନ୍ଦ୍ରରେ ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜନ୍ମ ନେଇଥିଲେ । ଏଣୁ କୃଷ୍ଣଙ୍କର ରୋହିଣୀ ନକ୍ଷତ୍ର ଓ ବୃଷ ରାଶି । ଖ୍ରୀଷ୍ଟପୂର୍ବ ୩୧୦୧ରେ କଳିଯୁଗ ଆରମ୍ଭ ହୋଇଥିଲା, ଏହା ଜ୍ୟୋତିଷାଚାର୍ଯ୍ୟ ଆର୍ଯ୍ୟଭଟ୍ଟ ଓ ବରାହମିହିର ଗଣନାକରି ଦେଖାଇଛନ୍ତି । ଶ୍ରୀମଭାଗବତ୍ ୧୧ଶ ସ୍କନ୍ଦରୁ ଜଣାଯାଏ ଭଗବାନ ଶ୍ରୀକୃଷ୍ଣ(ଶ୍ରୀହରି) ୧୨୫ବର୍ଷ ଜୀବିତ ଥିଲେ । ସୁତରାଂ ତାଙ୍କର ଜନ୍ମ ଖ୍ରୀଷ୍ଟପୂର୍ବ ୩୧୦୧+୧୨୫=ଖ୍ରୀଷ୍ଟପୂର୍ବ ୩୨୨୬ରେ ହୋଇଥିଲା ଏବଂ ଚଳିତ ବର୍ଷ ହେବ ୫୨୪୯ତମ ଜନ୍ମତିଥି । ଭାଦ୍ରବ କୃଷ୍ଣ ଅଷ୍ଟମୀ ତିଥିରେ ଏହାର କର୍ମକାଳ ପ୍ରାତଃ କାଳରୁ ଆରମ୍ଭ ହେଉଥିଲେ ମଧ୍ୟ ମୁଖ୍ୟ କର୍ମକାଳ ଅର୍ଦ୍ଧରାତ୍ର । ଅର୍ଦ୍ଧରାତ୍ର ଅର୍ଥାତ୍ ଦ୍ୱିଧା ବିଭକ୍ତ ରାତ୍ରିମାନରୁ ପ୍ରଥମାର୍ଦ୍ଧର ଶେଷ ଏକଦଣ୍ଡ ଓ ୨ୟାର୍ଦ୍ଧର ଆଦ୍ୟ ଏକଦଣ୍ଡ, ଏହି ଦୁଇଦଣ୍ଡକୁ ଅର୍ଦ୍ଧରାତ୍ର, ନିଶାର୍ଦ୍ଧ ବା ନିଶୀଥ କୁହାଯାଏ । ଏକ ଦଣ୍ଡ = ୨୪ ମିନିଟ୍ । ରୋହିଣୀ ନକ୍ଷତ୍ରଯୁକ୍ତ ଜନ୍ମାଷ୍ଟମୀକୁ ଜୟନ୍ତୀ କୁହାଯାଏ । ଏଥିରେ ସୋମବାର କିମ୍ବା ବୁଧବାର ଯୋଗହେଲେ ଅତ୍ୟଧିକ ପୂଣ୍ୟଫଳ ଦିଏ । ଯେଉଁବର୍ଷ ଅଷ୍ଟମୀ ତିଥିରେ ରୋହିଣୀ ନକ୍ଷତ୍ର ଯୋଗ ହୁଏ ନାହିଁ ତାହାକୁ କେବଳ ଜନ୍ମାଷ୍ଟମୀ କୁହାଯାଏ । ଚଳିତବର୍ଷ ତା ୧୮.୮.୨୦୨୨ ଗୁରୁବାର ଅର୍ଦ୍ଧରାତ୍ରରେ ଅଷ୍ଟମୀତିଥି ସହ ରେହିଣୀ ନକ୍ଷତ୍ର ଯୁକ୍ତ ହେଉ ନ ଥିବାରୁ ଏହା ଜନ୍ମାଷ୍ଟମୀ ଭାବେ ପାଳିତ ହେବ । ଶ୍ରୀମନ୍ଦିରରେ ଏହି ଦିନ ଜନ୍ମାଷ୍ଟମୀ ପାଳିତ ହେବ ।

ପ୍ରବଳ ପ୍ରତାପୀ କଂସର ପ୍ରକୋପରେ ପୃଥିବୀ ପ୍ରକମ୍ପିତ । ଅତିଶୟ ଅନ୍ୟାୟ, ଅଧର୍ମ, ଅତ୍ୟାଚାର ଓ ଅନୀତିରେ ଅତିଷ୍ଠ ଭୂମଣ୍ଡଳ । ଭଗିନୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ ବିବାହପରେ ବିଦାୟ ଦେବା ସମୟରେ ଶୁନ୍ୟବାଣୀ ହେଲା 'ଦେବକୀର ଅଷ୍ଟମଗର୍ଭସ୍ଥ ସନ୍ତାନ ତୋର ବିନାଶ କରିବ' । ଶୁନ୍ୟବାଣୀରେ ଭୟଭୀତ କଂସ ଭଗିନୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ କାରଗାରରେ ବନ୍ଦୀକରି ଦେବକୀଙ୍କର ସମସ୍ତ ସନ୍ତାନମାନଙ୍କୁ ନିଧନ କରିବାକୁ ନିଷ୍ପତ୍ତି ନେଲେ । ଭାଦ୍ରକୃଷ୍ଣ ଅଷ୍ଟମୀ ମଧ୍ୟରାତ୍ର, ଦେବକୀଙ୍କର ଅଷ୍ଟମ ଗର୍ଭବେଦନା ଭେଦକରି ଭୂମିଷ୍ଠ ହୁଅନ୍ତି ଭଗବାନ ବାସୁଦେବ (କୃଷ୍ଣ) । ଦୁରାଚାରୀ କଂସର ପ୍ରହରାରତ ବନ୍ଦୀଶାଳାରୁ ପୁତ୍ରକୁ ରକ୍ଷାକରିବା ପାଇଁ ପିତା ବସୁଦେବ ମୁଣ୍ଡଉପରେ ଝୁଡିମଧ୍ୟରେ ବାସୁଦେବଙ୍କୁ ରଖି ବାହାରିଲେ ବନ୍ଧୁ ନନ୍ଦରାଜାଙ୍କ ଘରକୁ । ଚାରି ମେଘ ଏକାକାର ହୋଇ ପ୍ରଚଣ୍ଡ ବାଦଲଫଟା ବିଜୁଳି ଓ ବଜ୍ରଧ୍ୱନି ସହ ଭୀଷଣ ବର୍ଷା ହେଉଥାଏ । ସପ୍ତଫେଣୀ ଅନନ୍ତନାଗ ପ୍ରଭୁଙ୍କୁ ବର୍ଷାଦାଉରୁ ରକ୍ଷାକରିବା ପାଇଁ ବସୁଦେବଙ୍କ ଅଗୋଚରରେ ଛତାଭଳି ଘୋଡାଇ ଚାଲଥାଆନ୍ତି । ଏତିକି ବେଳେ କଂସରାଜାଙ୍କ ଆଜ୍ଞାରେ ପିତା ଉଗ୍ରସେନ କର୍ତ୍ତବ୍ୟରତ ରାତ୍ରି ଜଗୁଆଳି ଭାବେ ବସୁଦେବଙ୍କ ପଥରୋଧ କରନ୍ତି । ଘୋର ଅନ୍ଧକାର ମଧ୍ୟରେ ବିଜୁଳିର ଝଲକ୍ ଆଲୋକରେ ଜ୍ୱାଇଁ ବସୁଦେବଙ୍କୁ ଜାଣିସାରିବା ପରେ ମଧ୍ୟ ଉଗ୍ରସେନ କର୍ତ୍ତବ୍ୟର ଅଙ୍ଗୀକାରବଦ୍ଧ ହୋଇ ବାଟ ଓଗାଳିଛନ୍ତି । ବସୁଦେବ ଦଣ୍ଡବତ ହୋଇ ଯେତେ ନେହୁରା ହେଲେ ମଧ୍ୟ ଉଗ୍ରସେନ ନଛୋଡ ବନ୍ଧା । ଏହାପରେ ଭଗବାନ କୃଷ୍ଣ ଭକ୍ତ ଉଗ୍ରସେନଙ୍କୁ ତାଙ୍କର ଚତୁର୍ଦ୍ଧାମୂର୍ତ୍ତିର ଦର୍ଶନ କରାଇଛନ୍ତି । ସେତେବେଳେ ଲମ୍ବହୋଇ ପଡିଛନ୍ତି ଉଗ୍ରସେନ । ଶ୍ୱଶୁର ହିସାବରେ ଜ୍ୱାଇଁ ଯାହାକୁ ମୁଣ୍ଡିଆ ମାରିଛନ୍ତି, ସେତେବେଳେ ଶ୍ୱଶୁର ଉଗ୍ରସେନ, ବାସୁଦେବ ଅର୍ଥାତ୍ ବସୁଦେବଙ୍କ ପୁତ୍ର ପାଖରେ ଲମ୍ବ ହୋଇ ପଡିଛନ୍ତି ଏବଂ ବସୁଦେବଙ୍କୁ ବାଟ ଛାଡିଦେଇଛନ୍ତି । ଏ ସଂପର୍କରେ ଏକ ଲୋକକଥା ଶୁଣାଯାଏ । 'ଆଡୁ ଯାଉଥିଲେ ବାପ ପୁଅ, ସେଆଡୁ ଆସୁଥିଲେ ଏକା ବାପ ଯାହାକୁ ଦଣ୍ଡବତ, ତାଙ୍କୁ ପୁଅ ଗୋଡ ତଳେ ପକା ।' ଭାଇ କଂସ ଭଉଣୀ ଦେବକୀଙ୍କୁ ବନ୍ଦୀଶାଳାରେ ରଖି ତାର ଅଷ୍ଟମ ଗର୍ଭ (ତାର ମୃତ୍ୟୁର କାରଣ)କୁ ମାରି ଦେଲେ ମୃତ୍ୟୁ ଉପରେ ବିଜୟ ପ୍ରାପ୍ତ କରି ଅମର ହେବ । ମାତ୍ର କଂସର ପ୍ରହରାଦାରମାନଙ୍କୁ ମଧ୍ୟରାତ୍ରରେ ମୋହିତ କରି କୃଷ୍ଣ ଗୋକୁଳର ନନ୍ଦରାଜାଙ୍କ ଘରକୁ ଚାଲିଗଲେ । ଏବଂ ଦେବକୀଙ୍କ କୋଳରେ ଯଶୋଦାଙ୍କ ସଦ୍ୟଜାତ କନ୍ୟାକୁ ବସୁଦେବଙ୍କ ଦ୍ୱାରା ପଠାଇ ରଖାଇଦେଲେ । ପରଦିନ କୁଆଁ କୁଆଁ ଶବ୍ଦ ଶୁଣି ପ୍ରହରୀ ରାଜା କଂସଙ୍କୁ ଦେବକୀଙ୍କ ଅଷ୍ଟମଗର୍ଭ ଜନ୍ମ ହେବା ସୂଚନା ଦେଲେ । କଂସ ଦେବକୀଙ୍କର ଅଷ୍ଟମଗର୍ଭକୁ ଶୀଳାରେ ଛେଚି ମାରିବାକୁ ଉଦ୍ୟତ ହୁଅନ୍ତେ ସେ ବିଜୁଳିକନ୍ୟା(ଯୋଗମାୟା) କଂସ ହାତରୁ ଖସି ଶୁନ୍ୟକୁ ଚାଲିଯାଇ ଶୁନ୍ୟବାଣୀ କଲେ ଯେ 'ତୋର ମୃତ୍ୟୁର କାରଣ ଗୋପ ପୁରରେ ବଢ଼ଛି' । କଂସ ଗୋପପୁରକୁ କୃଷ୍ଣଙ୍କୁ ମାରିବା ପାଇଁ ବକାସୁର, ପୁତନାଭଳି ବହୁତ ଅସୁରଙ୍କୁ ଗୋକୁଳକୁ ପଠାଇ ନିଷ୍ଫଳ ହେଲେ । ଶେଷରେ ନିଜର ମଥୁରାଗଡକୁ ଦକ୍ଷସୈନ୍ୟ, ରାଜପ୍ରାସାଦକୁ ଚର୍ତୁପାଶ୍ୱରେ ମଲ୍ଲଯୋଦ୍ଧାଙ୍କ ଚକ୍ରବ୍ୟୁହ ଦ୍ୱାରା ଆବଦ୍ଧ କରିରଖିଲେ । ମାତ୍ର କୃଷ୍ଣ ସମସ୍ତ ଚକ୍ରବ୍ୟୁହକୁ ଭେଦକରି ମାମୁଁ କଂସ ନିକଟରେ ଉପସ୍ଥିତ ହେବାରୁ କଂସ ଯେଉଁଆଡକୁ ଚାହିଁଲେ ତାଙ୍କୁ କେବଳ କୃଷ୍ଣମୟ ଦେଖାଗଲା । ଶେଷରେ ମଞ୍ଚାରୁ ପଡି ମାମୁଁ କଂସ ମଲେ । କଂସର ଅହଂକାର ଓ ଅତ୍ୟାଚାରର ମାତ୍ରା ଏତେ ଅଧିକ ହୋଇଗଲା ଯେ, ଭଗବାନଙ୍କୁ ମଣିଷ ଶରୀରଧରି ଅବତାର ଗ୍ରହଣ କରି ତାକୁ ବିନାଶ କରିବାକୁ ପଡିଲା । ସେହିଭଳି ଭଗବାନ କୃଷ୍ଣ ୯୯ବାର କ୍ଷମାକରିବା ପରେ ଶିଶୁପାଳକୁ ନିଧନ କରିଥିଲେ । ଦୁର୍ଯ୍ୟୋଧନକୁ ନ୍ୟାୟ ଓ ଧର୍ମ ବିଷୟରେ ବୁଝାଇବାର ସମସ୍ତ ସାଧନ ସମାପ୍ତ କରିବା ପରେ ମହାଭାରତ ଯୁଦ୍ଧରେ ବିନାଶ କରାଇ ଥିଲେ ।

ସାରଳାଦାସଙ୍କ ମହାଭାରତର ବନପର୍ବ ଓ ମୃଷଳୀ ପର୍ବରେ ଲିଖିତ ଅଛି ଶ୍ରୀକୃଷ୍ଣଙ୍କ ଅର୍ଦ୍ଧଦଗ୍ଧ ପିଣ୍ଡ ହିଁ ଶ୍ରୀଜଗନ୍ନାଥ । ଏଣୁ ଶ୍ରୀକୃଷ୍ଣ ଓ ଜଗନ୍ନାଥ ଅଭିନ୍ନ । ଶ୍ରୀକୃଷ୍ଣ, ବଳରାମ ଓ ଭଉଣୀ ସୁଭଦ୍ରା ଆଜି ପୁରୁଷୋତମ କ୍ଷେତ୍ରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାରୁପେ ଶ୍ରୀମନ୍ଦିରରେ ବିରାଜମାନ । ଏଣୁ ଶ୍ରୀମନ୍ଦିରରେ ଭାଦ୍ରକୃଷ୍ଣ ଅଷ୍ଟମୀ ଦିନ ଏହି ପର୍ବକୁ ଖୁବ୍ ନିଷ୍ଠାର ସହ ପାଳନ କରାଯାଏ ଓ ଜଗନ୍ନାଥ ଧର୍ମ ଓ ଜଗନ୍ନାଥସଂସ୍କୃତି ପ୍ରେମୀ ପୃଥିବୀର ଯେଉଁ କୋଣଅନୁକୋଣରେ ଥିଲେ ମଧ୍ୟ ଏହି ପର୍ବକୁ ଭକ୍ତି ଓ ନିଷ୍ଠାର ସହ ପାଳନ କରନ୍ତି । ଅଷ୍ଟମୀର ପରଦିନ ନବମୀ ତିଥିରେ ନନ୍ଦରାଜାଙ୍କ ଘରେ ଯଶୋଦାଙ୍କ ପୁତ୍ର ରୁପେ ଆର୍ବିଭୁତ ହୋଇଥିବାରୁ ଶ୍ରୀକୃଷ୍ଣଙ୍କ ଜନ୍ମଉତ୍ସବ ନନ୍ଦରାଜାଙ୍କ ଦ୍ୱାରା ଗୋପପୁରରେ ଏହି ଦିନ ଅନୁଷ୍ଠିତ ହୋଇଥିବାରୁ ଏହାକୁ ନନ୍ଦଉତ୍ସବ କୁହାଯାଏ ।

ଆଜିର ଅହଂକାରୀ ମଣିଷ ଅଳ୍ପକେତେକ ରୋଗପାଇଁ କିଛି ଔଷଧ ଆବିଷ୍କାର କରିପାରିଥିବାରୁ ନିଜକୁ ଅମର ଭାବୁଛି । ଭଗବାନଙ୍କ ସୃଷ୍ଟିରେ ବିଜ୍ଞାନର ଶିଖର ଛୁଇଁବାର ଆସ୍ପର୍ଦ୍ଧା କରି ଭଗବାନଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିବାକୁ ପଶ୍ଚାଦ୍‌ପଦ ହେଉନାହିଁ । ସର୍ବଦା ସୁଖସ୍ୱାଚ୍ଛନ୍ଦ୍ୟ ଚାହୁଁଥିବା ମଣିଷ ସାମାନ୍ୟ ବିପଦରେ ବିଚଳିତ ହୋଇ ନିଜ ଜୀବନକୁ ଧୀକାର କରେ ଓ ଈଶ୍ୱରଙ୍କୁ ଦୋଷାରୋପ କରେ । ସଂସାରରେ ଜନ୍ମଗ୍ରହଣ କଲେ ଉଭୟ ଦୁଃଖ ଓ ସୁଖ ଆସିବ । ସୁଖକୁ ଯେଉଁଭଳି ଭାବରେ ଗ୍ରହଣକରନ୍ତି ଦୁଃଖକୁ ସେହିଭଳି ଗ୍ରହଣ କରିବା ଉଚିତ୍ । ପ୍ରତିକୂଳ ପରିବେଶରେ କୃଷ୍ଣଙ୍କ ଜୀବନାଦର୍ଶର ଅନୁସରଣରେ ସଂଯମତା ଓ ଧର୍ଯ୍ୟର ସହ କାର୍ଯ୍ୟକରି ନିଜକୁ ଭଗବାନଙ୍କ ନିକଟରେ ସଂପୂର୍ଣ୍ଣ ସମର୍ପଣ କରି ପାରିଲେ ଜୀବନରେ ଶାନ୍ତି ପ୍ରାପ୍ତିହେବ । ଶ୍ରୀମଦ୍ ଭାଗବତ୍ ଗୀତାରେ ଅଷ୍ଟାଦଶ ଅଧ୍ୟାୟ ୬୬ ଶ୍ଳୋକରେ ଅର୍ଜୁନଙ୍କୁ ଭଗବାନ କୃଷ୍ଣ କହିଛନ୍ତି 'ସର୍ବଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ, ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଶ୍ୟାମି ମା ଶୁଚଃ' । ଅର୍ଥାତ୍ ଭଗବାନ କହୁଛନ୍ତି ସମସ୍ତ ଧର୍ମ ତ୍ୟାଗ କରି କେବଳ ମୋର ଶରଣ ନିଅ, ମୁଁ ତୁମକୁ ସମସ୍ତ ପାପରୁ ମୋକ୍ଷପ୍ରଦାନ କରିବି । ଏହା ହିଁ ଜନ୍ମାଷ୍ଟମୀ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ସଂପର୍କ: ୯୪୩୮୫୫୫୭୭୦

# ଜବରଦଖଲ ଉଚ୍ଛେଦ ଓ ପ୍ରଶାସନର ନିଷ୍କ୍ରିୟତା !

**ଗଙ୍ଗାଧର ସାମଲ**

କିଛିଦିନ ତଳେ ଜବରଦଖଲ ସମୟରେ ସ୍ଥାନୀୟ ଜନସାଧାରଣ ନିଜର ଧୈର୍ଯ୍ୟ ହରାଇ ଏ ନେଇ ଉଚ୍ଚ ପ୍ରଶାସନକୁ ବାଧ୍ୟ ହୋଇ ଜଣାଇଲେ କିନ୍ତୁ ତା'ଭିତରେ ଭଙ୍ଗାଭଙ୍ଗି ଶେଷ ହେଲା ଏବଂ ଅଭିଯୋଗକାରୀମାନେ ଯେଉଁମାନଙ୍କ ବିରୁଦ୍ଧରେ ତଥ୍ୟଭିତ୍ତିକ ଜଣାଇଥିଲେ ବରଂ ଦୁର୍ବ୍ୟବହାର ପାଇଲେ କିଛି ଲାଭ ହେଲାନାହିଁ । ଏହି ଅସାମାଜିକ ତତ୍ତ୍ୱମାନେ ଜବରଦଖଲ



କରିଥିବା ଓ ଜୁଲମ କରି ପଇସା ଆଦାୟ କରୁଥିବା ତତ୍ତ୍ୱଙ୍କ ଠାରୁ ଯେଉଁ ବଟି ଆଦାୟ କରୁଛନ୍ତି ତାହା ସ୍ଥାନୀୟ ମହାଦେବ ମନ୍ଦିରର ପରିଚାଳନା ବାବଦରେ ଖର୍ଚ୍ଚ ହେଉଛି ବୋଲି କହୁଛନ୍ତି । କିନ୍ତୁ କମିଟିରେ କିଏ ଅଛନ୍ତି ? ଟଙ୍କା କେତେ ଆଦାୟ ହେଉଛି ? ଏବଂ ମନ୍ଦିରର କଣ ରକ୍ଷଣାବେକ୍ଷଣ ହେଉଛି ତାହା ସେହି ମହାଦେବଙ୍କୁ ଜଣା । କଟକ ସହରରେ ବିଭିନ୍ନ ସମସ୍ୟା ଭିତରେ ଡ୍ରେନ୍ ଓ ମଶା ସମସ୍ୟା ପରେ ସବୁଠାରୁ ବଡ଼ ସମସ୍ୟା ହେଉଛି ଜବରଦଖଲ ସମସ୍ୟା । ନବନିର୍ବାଚିତ ମେୟର ଓ ନୂଆ ଦାୟିତ୍ୱ ନେଇଥିବା କମିଶନର ମହୋଦୟ ଜବରଦଖଲ ହଟାଇବା ପାଇଁ ବିଭିନ୍ନ ଅଭିଯାନ ଆରମ୍ଭ କରିଛନ୍ତି ବୋଲି ଶୁଣାଯାଉଛି । କିନ୍ତୁ କେବଳ ସେମାନଙ୍କୁ ନୁହେଁ ଜିଲ୍ଲା ପ୍ରଶାସନ, ଉଚ୍ଚ ପ୍ରଶାସନ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ନ୍ୟାୟାଳୟକୁ ସବିଶେଷ ତଥ୍ୟଭିତ୍ତିକ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । କିନ୍ତୁ ଏହି ଅଭିଯୋଗକୁ ନେଇ ଗୁହାରୀ କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ଦୁର୍ବୃତ୍ତଙ୍କ ଆକ୍ରମଣ ବଢୁଛି । ସ୍ଥାନୀୟ ଅଞ୍ଚଳରେ ପୋଲିସର ନିଷ୍କ୍ରିୟତା ଓ ପିସିଆର ଭ୍ୟାନ ନ ବୁଲିବା ଯୋଗୁଁ ଦିନକୁ ଦିନ ଏପରି ଜବରଦଖଲକାରୀ ଓ ଉତ୍ପାତକାରୀଙ୍କ ଦାଦାଗିରି ବଢୁଛି ସିନା କମୁନାହିଁ । ବଡ଼ ଆଶ୍ଚର୍ଯ୍ୟକର କଥା ମ୍ୟୁନିସପାଲଟି ଓ ସିଡ଼ିଏର ବିନା ଅନୁମତିରେ ଉଠା କ୍ୟାବିନ ସହ କଂକ୍ରିଟ ଛୋଟିଆ ଛୋଟିଆ ଘର କରି ଏହି ଅସାମାଜିକ ତତ୍ତ୍ୱମାନେ ଛୋଟ ଛୋଟ ବ୍ୟବସାୟୀଙ୍କୁ ଭଡ଼ାରେ ବେପାର ବଣିଜ କରିବାପାଇଁ ଅନୁମତି ଦେବା ସହ ସେମାନଙ୍କ ଠାରୁ ସୁରକ୍ଷା ବାବାଦ ମହାସୁଲ ମଧ୍ୟ ଆଦାୟ କରୁଛନ୍ତି । ସେଠାରେ ମଦ, ଗଞ୍ଜେଇ, ଚରସ, ନିଶା ଇଞ୍ଜେକ୍ସନ, ନିଶା ବଟିକା ସବୁ ସହଜରେ ମିଳୁଛି । ଏହି ସମସ୍ୟା ସ୍ଥାନୀୟ ଅଧିବାସୀମାନଙ୍କ ଜନଜୀବନକୁ ଅତ୍ୟନ୍ତ ଦୁର୍ବିସହ କରିଦେଉଛି । ସେମାନେ ସ୍ଥାନୀୟ ଅଞ୍ଚଳରୁ ନିଜ ଘରଦ୍ୱାର ବିକି ଅନ୍ୟତ୍ର ଚାଲିଯିବା ପାଇଁ ମନସ୍ଥ କରୁଛନ୍ତି ଓ କିଛି ମଧ୍ୟ ସେ ଅଞ୍ଚଳ ଛାଡ଼ି ସାରିଲେଣି । କଟକ ସହରର ସିଡ଼ିଏ ଏକ ସମ୍ଭ୍ରାନ୍ତ ସହର ଓ ଏଠାରେ ବେଶ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ରହୁଛନ୍ତି କିନ୍ତୁ ଦିନେ ଉଚ୍ଚପଦପଦବୀରେ ଥିବା ଏହି ବ୍ୟକ୍ତିବିଶେଷଙ୍କୁ ଅବସର ପରେ କେହି ବି ପଚାରନ୍ତି ନାହିଁ । ପ୍ରଶାସନ ତୁରନ୍ତ ଏହି ଗୁହାରୀ ଶୁଣି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ ହେଉଛି । (ଶେଷ ଭାଗ)

ମାଣିକପାଟଣା, ଆଳି, କେନ୍ଦ୍ରାପଡ଼ା, ଦୂରଭାଷ : ୯୪୩୭୨୨୬୬୪୭

# ରାସ୍ତାରେ ଗୋରୁଗୋଈଙ୍କ ଜୀବନ ! ସଚେତନତା କାହିଁ ?

**ପ୍ରଦୋଷ କୁମାର ଦାସ**

ପୁରାଣ କାଳର ବିଶ୍ୱ ବିଦିତ ସନାତନ ଭୂମି ଆମ ଦେଶ ଭାରତ ବର୍ଷର ପବିତ୍ର ଭୂମିରେ ଗୋସଂପଦର ଭୂମିକା ବିଶେଷ ପ୍ରଣୀଧାନଯୋଗ୍ୟ । ଆମର ଧାର୍ମିକ ଓ ଆର୍ଥିକ ପ୍ରଗତିରେ ଏହି ଗୃହ ପାଳିତ ପ୍ରାଣୀକୁ ଗ୍ରହଣ କରାଯାଇ ସେମାନଙ୍କୁ ସକଳ ସେବା ପ୍ରଦାନରେ ଧର୍ମ କର୍ମ ଅନୁଷ୍ଠିତ ହୋଇଥାଏ । ପୁରାଣ ଶାସ୍ତ୍ରରେ କାମଧେନୁ ଗାଈର ଶରୀରରେ ରହିଥିବା ଅସରନ୍ତି କ୍ଷୀର ଭଣ୍ଡାର କଥା ଈଶ୍ୱରଙ୍କ ଚମତ୍କାରିତା କହିଲେ ଅତ୍ୟୁକ୍ତି ହେବନାହିଁ । ଦ୍ୱାପର ଯୁଗରେ ଜୀବନର ପ୍ରାକ କାଳ ଅର୍ଥାତ୍ ଶୈଶବ କାଳରେ ନନ୍ଦବାଳା ପ୍ରଭୁ ଶ୍ରୀକୃଷ୍ଣ ଗୋପାଳକ ଭାବେ ଗାଈଗୋରୁଙ୍କ ଚାରଣ ନିମିତ୍ତ ନିତି ଧେନୁପଲ ନେଇ ବଣରେ ସକାଳୁ ସଂଜ କଟାଇ ଆସୁଥିଲେ । ଚାରଣ ଭୂମିରେ କହ୍ନେଇର ମଧୁର ବଂଶୀ ସ୍ୱନରେ ଚାରଣରତ ଗୋପଲ ମନ୍ତ୍ରମୁଗ୍ଧ ରହି ପୁଲକିତ ହେଉଥିଲେ । ଗୋସଂପଦର ଗୋବର କୃଷିକ୍ଷେତକୁ ଖତସାର ଭଳି ବଳ ଦେଉଥିବା ବେଳେ ତାର ଗୋରସ ମଣିଷର ବଳବୀର୍ଯ୍ୟକୁ ପରିପୃଷ୍ଟ କରିଥାଏ । ବଳଦ କୃଷି ଭାଇର ଚାଷ କ୍ଷେତ କର୍ଷଣ ଠାରୁ ଫସଲ ଅମଳ ଯାଏଁ ଭାଇ ଭଳି କାନ୍ଧକୁ କାନ୍ଧ ଯାଚିଥାଏ । ଗହ୍ମା ପୂର୍ଣ୍ଣିମା ତିଥିରେ ମାତୃ ସ୍ଥାନୀୟା ଗୋ ସଂପଦର ପୂଜାର୍ଚ୍ଚନା ପାଇଁ ହଳ ଲଙ୍ଗଳ ଆୟୁଧଧାରୀ ପ୍ରଭୁ ଶ୍ରୀ ବଳଭଦ୍ର ଠାକୁରଙ୍କ ଜନ୍ମ ପାଳନ ଅବସରରେ ଗୋମାତାଙ୍କୁ ଫୁଲଚନ୍ଦନରେ ବରଣ କରାଯାଇ ପୂଜାନୈବେଦ୍ୟ ଅର୍ପଣ କରାଯାଇଥାଏ । କୁହାଯାଏ, ନିଃସନ୍ତାନୀ ମହିଳା ଗାସେବାରେ ଲାଗିହେଲେ ସନ୍ତାନ ସମ୍ଭବା ହୋଇଥାଏ । ଗୋସଂପଦ ଅଧୀନ ବୃଷଭ ଦେବାଧିଦେବ ପ୍ରଭୁ ଶ୍ରୀମହାଦେବଙ୍କ ବାହାନ । ବିଭିନ୍ନ ଶୈବ ପୀଠରେ ଶ୍ରୀ ମହାଦେବଙ୍କ ଦର୍ଶନ ଲାଭ କରିବା ପୂର୍ବରୁ ପ୍ରଥମେ ମନ୍ଦିର ଗମ୍ଭିରା ବାହାରେ ସ୍ଥାପିତ ରହିଥିବା ଶାୟିତ ବୃଷଭର ସାନ୍ନିଧ୍ୟ ମିଳିଥାଏ । ତେତିଶି କୋଟି ଦେବତାଙ୍କ ବାସ ସ୍ଥାନ ଗୋମାତାଙ୍କ ସମଗ୍ର ଶରୀରରେ ନିହିତ ରହିଥିବା ପୌରାଣିକ ବର୍ଣ୍ଣନା ରହିଛି । ହିନ୍ଦୁ ଧର୍ମଶାସ୍ତ୍ରରେ ଗୋମାତାଙ୍କ ମହାତ୍ମ୍ୟ ଉପରେ ବିଭିନ୍ନ ବର୍ଣ୍ଣନା ରହିଛି ।

ସବୁ ଜାଣିବାପରେ ମଧ୍ୟ ଗୃହସ୍ଥ ମଣିଷଟି ଗୋମାତାଙ୍କୁ ଅବଜ୍ଞା କରୁଛି । ତାର ଅମାନବିକତାରୁ ବିତାଡିତ ଗୃହପାଳିତ ପଶୁଟିଏ ରାସ୍ତାଘାଟରେ ମରିହଜିଗଲେ ତାକୁ ତାର ମାଲିକ ଖୋଜିବାରେ ଇଛା ରଖୁନାହିଁ । ସମୟ ଥିଲା, ସେତେବେଳେ ଚରିବାକୁ ଯାଇଥିବା ଗାଈ/ ଗୋରୁ ଘରକୁ ନଫେରିଲେ ଗୃହ ମୁରବୀ ରାତିରେ ଉପବାସ ଶୋଉଥିଲା । ଲୋକ ଲଗାଇ ଖୋଜୁଥିଲା । ଗଉଡ/ ଗାଈ ଚରାଳିକୁ ବର୍ତ୍ତନ / ମଜୁରୀ ଦେଇ ଆପଣାର ଗୃହପାଳିତ ପ୍ରାଣୀର ଚାରଣ ନିମିତ୍ତ ବ୍ୟବସ୍ଥା କରାଉଥିଲା । ଗାଈଟିଏ ଛୁଆ ଜନ୍ମ କଲେ ଘରେ ଆନନ୍ଦର ବାତାବରଣ ଖେଳିଯାଉଥିଲା । ମଣିଷ ପିଲା ଭଳି ତାର ନାମକରଣ କରାଯାଉଥିଲା । ନିୟମିତ ଗୁହାଳ ସେବା ସଂପାଦନ ହେଉଥିଲା । ହାୟ ! ଏବେ କି ଯୁଗ ହୋଇଛି, ଗୃହପାଳିତ ପ୍ରାଣୀଟି ପାଇଁ ସ୍ୱାର୍ଥପର ମଣିଷର ସର୍ବନିମ୍ନ ମାନବିକତା ହଜିଯାଇଛି । ବିଶେଷ ଦୁଃଖ ଓ ଘୋର ପରିତାପର ବିଷୟ ଏହିକିଯେ, ଆଜି ଆମ ରାଜ୍ୟ ତଥା ସମଗ୍ର ଦେଶରେ ଏବେ ଉକ୍ତ ନିରୀହ ଗୃହ ପାଳିତ ପ୍ରାଣୀଟିର ସ୍ଥିତି ଓ ଅବସ୍ଥିତି ବିପନ୍ନ ଓ ଅସୁରକ୍ଷିତ ହୋଇପଡିଛି । ଗୋପାଳକର ବେପରୁଆ କାରଣରୁ ଗୃହରୁ ବିତାଡିତ ଏହି ଅସହାୟ ପ୍ରାଣୀମାନେ ଭାକ ବିକଳରେ ଏଠିସେଠି ମୁହଁ ମାରି ଲାକଙ୍କର ମାଡଗାଳି, ଆକ୍ରାଶ, ତିରସ୍କାରର ଶିକାର ହାଇଥାନ୍ତି । ଅନନ୍ୟାପାୟ ହାଇ ଗାଈଗାରୁ ଶେଷରେ ଏବେ ବହୁ ସଂଖ୍ୟାରେ ରାସ୍ତାଘାଟରେ ଭାକ ଉପାସରେ ଘୂରି ବୁଲିଥାନ୍ତି । ଅନେକ ଜାତୀୟ ରାଜପଥକୁ ଉଠି ଆସି ଯାନବାହାନ ସହ ଧକ୍କା ଖାଇ ଆପଣା ଜୀବନ ଦେବା ସହ ଅନ୍ୟର ଜୀବନ ନାଶର କାରଣ ହାଇଥାନ୍ତି । ନିତିପ୍ରତିଦିନ ବହୁ ସଂଖ୍ୟାରେ ଏକ୍ସପ୍ରେସ ଓ୍ୱେ ବିଭିନ୍ନ ଅଂଚଳର ଜାତୀୟ ରାଜପଥକୁ ଏଠି ସେଠି କବଜା କରି ରଖିଥିବା ଜଣାଯାଏ । ରାତିରେ ଏମାନଙ୍କ ଲାଗି ବହୁ ଦୁର୍ଘଟଣା ଘଟିଥାଏ । ଏଥିରେ ବାଇକ ଆରାହୀଙ୍କ ସମେତ ଅନ୍ୟାନ୍ୟ ଯାନବାହାନ ଆରାହୀଙ୍କର ହତାହତ ହୋଇଥାଏ । ସ୍ଥାନୀୟ ପାଲିସ ପ୍ରଶାସନ ତଥା ଏନଏଚଏଆଇର ପାଟ୍ରୋଲିଂ ବିଭାଗର ଉଦାସୀନତା କାରଣରୁ 'ଏନଏଚଏ ଆଇ ' ଅଧିକୃତ ରାସ୍ତା ଉପରେ ଦୁର୍ଘଟଣାରେ ମରି ପଡିଥିବା ଗାଈଗୋରୁ, ଷଣ୍ଢଙ୍କର କ୍ଷତବିକ୍ଷତ ଶବ ଦିନଦିନ ଧରି ପଡିରହିଥିବା ଦେଖାଯାଏ । ଏହା କ୍ରମେ ପଚିଶଢି ସଂପୃକ୍ତ ପରିବେଶକୁ ପୂତିଗନ୍ଧମୟ କରି ଦେଇଥାଏ । ସେହିପରି ରାଜପଥ ଉପରେ ପଡିଥିବା ଏହି ମଳା ପ୍ରାଣୀଙ୍କୁ ଠଉରାଇ ନପାରି ରାତି ଅନ୍ଧକାରରେ ଆସୁଥିବା ବାଇକ ଆରାହୀ ତଥା ଅନ୍ୟାନ୍ୟ ଯାନବାହାନ ଆରାହୀ ବାଡେଇ ହୋଇ ପରବର୍ତ୍ତୀ ଦୁର୍ଘଟଣାର ଶିକାର ହୋଇଥାନ୍ତି । ଦେଖାଯାଇଛି, ଚାରଣ ବଞ୍ଚିତ ଗାଈଗୋରୁ ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟାର କାରଣ ହେଉଛନ୍ତି । କ୍ଷୀର ଅମଳ ସମୟ ସରିଗଲେ ବେପରୁଆ ଗୋପାଳକ ତାର ଗୃହପାଳିତ ପ୍ରାଣୀଟି ପ୍ରତି ବିଶେଷ ଧ୍ୟାନ ଦେଇନଥାଏ । ବାହାରେ ଚରିବୁଲି ଗାଈଟି ଆପଣା ଜୀବନ ବଞ୍ଚାଇ ତିଷ୍ଠି ରହି ପୁଣି ସନ୍ତାନ ସମ୍ଭବା ହେଲାବେଳକୁ ଚତୁର ଗାଈ ମାଲିକ ପୁଣି ଏକ ନିର୍ଦ୍ଦିଷ୍ଟ ସମୟ ଲାଗି ତାକୁ ଧରି ନେଇ ସାମୟିକ ଖାଦ୍ୟବାସର ବ୍ୟବସ୍ଥା କରୁଥିବା ଜଣାଯାଏ । ଧାର୍ମିକ ପ୍ରବଞ୍ଚନାରେ ଜଡସଡ ସ୍ୱାର୍ଥପର ମଣିଷର ହତାଦର ତଥା ସ୍ୱାର୍ଥପରତା ଗୃହପାଳିତ ଏହି ନିରୀହ ପ୍ରାଣୀଟିକୁ ବହୁ ସଂଖ୍ୟାରେ ରାଜ ରାସ୍ତାରେ ଆଣି ଛିଡା କରାଇଛି । ଗୋପାଳକ ମାଲିକର ସ୍ୱାର୍ଥପରତା କାରଣରୁ ଗାଈଟିକୁ କେବଳ ଆବଶ୍ୟକ ଥିବାଯାଏଁ କ୍ଷୀର ଉତ୍ପାଦନର ମେସିନ ଭାବେ ବ୍ୟବହାର କରାଯାଇ ଅନ୍ୟ ସମୟରେ ଆବଶ୍ୟକ ଖାଦ୍ୟପେୟ ଯତ୍ନ ଦେବାରୁ ବଞ୍ଚିତ କରାଉଅଛି ।

ପ୍ରକାଶଥାଉକି ନିୟମ ମୁତାବକ ଦେଶର ସବୁ ପଞ୍ଚାୟତ ବ୍ଲକ ଅଧୀନସ୍ଥ ବିଭିନ୍ନ ଅଂଚଳରେ ସଂପୃକ୍ତ ରାଜସ୍ୱ ବିଭାଗ ପକ୍ଷରୁ ଚିହ୍ନଟ ' ଗୋଚର' ଓ ' ଛୋଟ ଜଂଗଲ' ଆଦି କିସମାଦିରେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରଫଳ ପରିସୀମାରେ ରହିଅଛି । ଯାହା ଗାଈଗୋରୁ, ମହିଷ, ଛେଳିମେଣ୍ଢା ଆଦି ତୃଣଭୋଜି ପ୍ରାଣୀଙ୍କ ଉପଯୁକ୍ତ ଚାରଣ ନିମିତ୍ତ ଅବରୋଧ ଓ ଦଖଲ ମୁକ୍ତ ଗୋଚର ପଡିଆ ଭାବେ ସର୍ବ ବିଦିତ । ହେଲେ ପ୍ରଭାବଶାଳୀ, ସ୍ୱାର୍ଥନ୍ୱେଶୀ ଜବରଦଖରକାରୀଙ୍କ ଜବରଦଖଲ କାରଣରୁ ତଥା ରାଜସ୍ୱ ବିଭାଗର ଉଦାସୀନତା କାରଣରୁ ଏହି ଗୋଚର ପଡିଆ ଗୁଡିକ ଅଫିସିଆଲ କାଗଜପତ୍ରରେ ଅବସ୍ଥିତି ଜାରି ରହିଥିଲେବି ପ୍ରକୃତପକ୍ଷେ ଏହାର ସରଜମିନ ସ୍ଥିତି ବହୁଳାଂଶେ ଅପହୃତ ହେବାରେ ଲାଗିଛି । ଫଳରେ ଗାଈଗୋରୁଙ୍କ ଭଳି ତୃଣଭୋଜୀଙ୍କର ଚାରଣଜନୀତ ଘାସ ପଡିଆର ଘୋର ଅଭାବ ରହିଛି । ଚାରଣରୁ ବଞ୍ଚିତ ତଥା କ୍ଷୁଧା ଜର୍ଜରିତ ଏହି ମୁକ ପ୍ରାଣୀମାନେ ରାସ୍ତାଘାଟରେ ଖାଦ୍ୟ ଅନ୍ୱେଷଣରେ ଘୂରିବୁଲି ହିତାହିତ ଭୁଲି ଆପଣା ସ୍ଥିତି ଜାହିର ପାଇଁ ପରସ୍ପର ମଧ୍ୟରେ ସିଂଘ ଲଢେଇ କରି ରାସ୍ତାଘାଟ, ବେପାର ବାଣିଜ୍ୟ ସ୍ଥଳରେ ଧାଁଧପଡ କରି ଦୁର୍ଘଟଣା ଓ ହୋହଲ୍ଲା ସୃଷ୍ଟିର କାରଣ ହୋଇଥାନ୍ତି । ମୁକୁଳା ବିଲରେ ପଶି ଫସଲ ଖାଇଲାବେଳେ ଲୋକେ ଗାଈଗୋରୁଙ୍କୁ ରାସ୍ତାକୁ ତଡି ଦେଇଥାନ୍ତି । ରାସ୍ତାରେ ଗାଈଗୋରୁ ବୁଲିଲେ ଯାନବାହାନ ଚଳାଚଳରେ ବ୍ୟାଘାତ ଓ ବିପଦ ସୃଷ୍ଟି ହୋଇଥାଏ । ଗାଈଗୋରୁଙ୍କୁ ଜବତ କରି କାଂଜିଆ ହୁଦାରେ ରଖି ଗୋପାଳକ ମାଲିକକୁ ଖୋଜି ବାହାର କରି ତାଉପରେ ନ୍ୟାୟୋଚିତ ଜରିମାନାଦି ଆର୍ଥିକ ଦଣ୍ଡ ପକାଇଲେ ମଧ୍ୟ ସେ ସୁବିଧାବାଦିର ଭୂମିକା ନିର୍ବାହ କରି ଜବତ ହୋଇଥିବା ଗାଈ ଗୋରୁଙ୍କ ମାଲିକାନାକୁ ନିଜର ବୋଲି ଅନେକ ସମୟରେ ଅସ୍ୱୀକାର କରି ଖସିଯାଇଥାଏ । ମାମଲା ସମାଧାନ ଯାଏଁ କାଂଜିଆ ହୁଦାରେ ଅଟକ ଥିବା ଗାଈଗୋରୁଙ୍କ ହେପାଜତ କରିବା ପାଇଁ ଦାୟିତ୍ୱ ନିର୍ବାହ ନିମିତ୍ତ ସମସ୍ୟା ମଧ୍ୟ ରହିଛି । ବାଧ୍ୟ ହୋଇ ଜବତ ଗାଈଗୋରୁଙ୍କୁ କାଂଜିଆ ହୁଦାରୁ ପୁଣି ମୁକ୍ତ କରିଦିଆଯାଏ । ଆଇନ ଅନୁଯାୟୀ ଦୋଷୀ ଗୋପାଳକ ପାଇଁ ଏ ବିଷୟରେ କଡା କଟକଣା ଜାରି କରିବା ଆବଶ୍ୟକ ରହିଛି ।

ଯନ୍ତ୍ର ଚାଳିତ କୃଷିକର୍ମ ସଂପାଦନରେ ଉଭୟ ସମୟ ଓ ସୀମିତ ଖର୍ଚ୍ଚ ନିୟୋଜିତ ହେଉଥିବାରୁ କୃଷି କ୍ଷେତ୍ରରେ ଗାଈଗୋରୁଙ୍କ ଭୂମିକା ଏବେ ଗୌଣ ହୋଇ ପଡିଛି । ହେଲେ କୃଷି ଓ ପ୍ରାଣୀ ପାଳନ ବିଭାଗର ସରକାରୀ ଯୋଜନା ରୂପାୟନରେ ଆନ୍ତରିକତା ରହିଲେ ତଥା ପ୍ରାଣୀ ପାଳନରେ ଆମର ଆନ୍ତରିକତା ଓ କର୍ତ୍ତବ୍ୟ ବାଧତା ମଧ୍ୟରେ ଆବଶ୍ୟକ ସମନ୍ୱୟ ରହିପାରିଲେ ହୁଏତ ଗୋସଂପଦର ସୁରକ୍ଷା ସହ ଗୋପାଳକର ଆର୍ଥିକ ଅଭିବୃଦ୍ଧି ସମ୍ଭବ ହୋଇପାରନ୍ତା । ଏଥିରେ ସାଧାରଣରେ ଗୋସଂପଦର ସୁରକ୍ଷା ସଂପାଦନରେ ସଚେତନତା ମଧ୍ୟ ଆବଶ୍ୟକ । ଏତକ ନରହିଲେ ହୁଏତ ଆମର ଉତ୍ତରପୀଢି କେବଳ ଗାଈଗୋରୁଙ୍କ ଚିତ୍ରକୁ ଇତିହାସ ପୃଷ୍ଠାରେ ଖୋଜିବ । ରାସାୟନିକ ସାର ବଦଳେ ଗାଈଗୋରୁଙ୍କ ମଳମୂତ୍ରାଦି ଜୈବିକ ଖତସାରାଦି ଭଳି ଆମ ଜମିକ୍ଷେତର ବଳ ବୃଦ୍ଧିର କାରଣ ବୋଲି ଆମକୁ ଭୁଲିଯିବା ଉଚିତ ନୁହେଁ । ବିଚାରବନ୍ତ ଭାବେ ଗୋସଂପଦର ସୁରକ୍ଷା ଓ ଅଭିବୃଦ୍ଧି ହେଲେ ଆମେ ଆମ କୃଷି ସଂପଦର ବିକାଶକୁ ସମ୍ମୁଜଳ କରାଇପାରିବା । ଆମ ମାଟିରେ ଜୈବିକ ଖତର ପ୍ରୟୋଗକୁ ବିସ୍ତୃତ କରାଗଲେ କ୍ଷେତ ମାଟିର ଜୈବିକ ବିକାଶ ମଧ୍ୟ ହେବ । ଏହା ଦ୍ୱାରା ଆଗାମୀ ଦିନରେ ସମୁଚିତ ପରିମାଣରେ ଫସଲ ଅମଳ କରାଇ ବ୍ୟାପକ ରସାୟନିକ ସାର ପ୍ରୟୋଗ ମାନସିକତାରୁ ଆମେ ମୁକ୍ତ ହୋଇପାରିବା ନିଃସନ୍ଦେହ ।



ଦେଶରେ କୁମ୍ଭୀର ହାତୀ ବାଘ, ସିଂହ, ଆଦି ବିଭିନ୍ନ ପଶୁଙ୍କ ସମେତ ପକ୍ଷୀଙ୍କର ସଂଖ୍ୟା ଗଣନା ସହ ସେମାନଙ୍କ ସୁରକ୍ଷା ପାଇଁ ସରକାର ବିଶେଷ ଚିନ୍ତିତ ରହୁଛନ୍ତି । ହେଲେ ଆମ ଦେଶରେ ଗୋସଂପଦର ବୃଦ୍ଧି ଓ ଲାଳନପାଳନ ସମେତ ସେମାନଙ୍କର ଆବଶ୍ୟକ ହେପାଜତ ପାଇଁ ସାଧାରଣରେ ସଚେତନତା ସୃଷ୍ଟି ହାଇପାରୁନାହିଁ । ଏଥିରେ ଆବଶ୍ୟକ ସରକାରୀ ପଦକ୍ଷେପକୁ ମଧ୍ୟ ଅଣଦେଖା କରି ଆବଶ୍ୟକ ଦାୟିତ୍ୱ ନିର୍ବାହକୁ ଗୌଣ କରିଦେଇଛନ୍ତି । ଗୋପାଳନ ପାଇଁ ଦେଶ ତଥା ରାଜ୍ୟରେ ରହିଥିବା ବିଭିନ୍ନ ସରକାରୀ ଯୋଜନା ଅନ୍ତର୍ଗତ କୃଷି ଓ ପ୍ରାଣୀ ପାଳନ ବିଭାଗରୁ ଚାଲିଥିବା କାର୍ଯ୍ୟକ୍ରମ ଅନୁପାଳନ କେବଳ ରେକର୍ଡ ଚାଷରେ ଚାଲିଥିବା ପ୍ରକାଶ । ଏଥି ପ୍ରତି ଗୋସଂପଦ ମାଲିକର ସଚେତନତା ଓ ଉଦାସୀନତା ବିଶେଷ ପ୍ରଣିଧାନ ଯୋଗ୍ୟ ହେଲେ ମଧ୍ୟ ସରକାରୀ ଯୋଜନାର ରୁପାୟନରେ ସହଯୋଗୀ ମନୋଭାବ ରଖି ଏଥିରୁ ଫାଇଦା ଉଠାଇ ଆପଣା ଆର୍ଥିକ କ୍ଷେତ୍ରକୁ ଉତ୍ଥାନ କରାଇ ପାରୁନାହାଁନ୍ତି ।

ଶେଷରେ ଏତିକି କୁହାଯାଇପାରେ, ଆମେ ଆମର ଗୋସଂପଦର ସୁରକ୍ଷା ପାଇଁ ସଚେତନ ହେବା ବିଧେୟ । ଗୋସଂପଦରୁ ମିଳୁଥିବା ଗୋବର ଖତକୁ ଜମିରେ ପ୍ରୟୋଗ କଲେ ଜମି ଉର୍ବରା ହୋଇଥାଏ । ସୁଚିନ୍ତିତ ଉପାୟରେ ଗୋସଂପଦର ବିକାଶ ହୋଇପାରିଲେ ଆମର କୃଷି ଓ ଆର୍ଥିକ କ୍ଷେତ୍ରର ସୁରକ୍ଷା ହୋଇପାରିବ । କାର୍ଯ୍ୟକ୍ଷେତ୍ରରେ ସରକାରଙ୍କ କୃଷି ଓ ପ୍ରାଣୀପାଳନ ବିଭାଗ ସମେତ ପ୍ରାଣୀ ଚିକିତ୍ସା ବିଭାଗ ଏଦିଗରେ ଯୋଜନାବଦ୍ଧ ଭାବେ ଗୋସଂପଦର ବିକାଶ ପାଇଁ ସାଧାରଣରେ ଅନୁପ୍ରାଣୀତ କରାଇ ଆର୍ଥିକ ପ୍ରୋତ୍ସାହନ ଓ ଆବଶ୍ୟକ ଯୋଜନାର ରୂପାୟନ ଦିଗରେ ଆଗେଇ ଆସିବା ଆବଶ୍ୟକ । ସର୍ବଶେଷରେ ସରକାରଙ୍କ ରାଜସ୍ୱ ବିଭାଗ ବିଭିନ୍ନ ତହସିଲ ଅଂଚଳର ବିଭିନ୍ନ ରାଜସ୍ୱ ଗ୍ରାମ ଓ ଇଲାକାରେ ରହିଥିବା ଗୋଚର ଜମିକୁ ଜବର ଦଖଲ ମୁକ୍ତ କରାଇ ଏହା ତୃଣ ଭୋଜୀଙ୍କ ଚାରଣ ନିମିତ୍ତ ଉନ୍ମୁକ୍ତ କରି ରଖିବା ନିହାତି ଜରୁରୀ । ସର୍ବଶେଷରେ ଗୋସଂପଦରୁ ଉତ୍ପାଦିତ ଦୁଗ୍ଧ ତଥା ଅନ୍ୟାନ୍ୟ ସାମଗ୍ରୀର ବଜାର କାରବାରକୁ ସରକାରୀ ସ୍ତରରେ ସୁନିୟନ୍ତ୍ରିତ କରିବା ମଧ୍ୟ ଜରୁରୀ ।

ଜିଲ୍ଲା-ଖୋରଧା
ମୋ:- ୬୩୭୦୪୯୫୯୪୪

# ବନିବାକୁ ଚାହୁଁଥିଲେ କବାଡ଼ିବାଲା; ହେଇଗଲେ ଆଇଏଏସ୍

କଥାରେ ଅଛି କାହାର ବର୍ତ୍ତମାନକୁ ଦେଖି କେବେ କାହାର ଭବିଷ୍ୟତ ଆକଳନ କରାଯାଏନି। ଯେଉଁ ପିଲା ଛୋଟ ବେଳେ ଭଲ ପଢୁଛି ସେ ଯେ ବଡ଼ ହେଲେ ଜଣେ ବଡ଼ ଅଧିକାରୀ ବନିବ ଓ ଯିଏ ପଢ଼ାରେ ଦୁର୍ବଳ ଅଛି ସେ କିଛି ବନିପାରିବନି ସେପରି କିଛି ବି ନାହିଁ। ମଣିଷର ଚେଷ୍ଟା ମଣିଷକୁ କିଛି ବି ବନାଇପାରେ। ତାହାର ଏକ ଜ୍ୱଳନ୍ତ



ଉଦାହରଣ ହେଉଛନ୍ତି ଉତ୍ତରାଖଣ୍ଡର ଆଇଏଏସ୍ ଦୀପକ ରାଓ୍ୱତ। ସେ ନିଜେ ତାଙ୍କର ଏକ ସାକ୍ଷାତ୍କାରରେ କହିଛନ୍ତି କି ପିଲାଦିନେ ସେ ପାଠ ପଢ଼ାରେ ଟିକେ ଦୁର୍ବଳ ଥିଲେ। ତାପରେ ବି ସେ ବଡ଼ ହୋଇ ଜଣେ ଆଇଏଏସ୍ ଅଧିକାରୀ ବନିପାରିଛନ୍ତି। ପିଲାଦିନେ ତାଙ୍କ ଦ୍ୱାରା ପାଠ ହେଉନଥିବା କାରଣରୁ ସେ ଜଣେ କବାଡ଼ିବାଲା ବନିବାକୁ ଇଚ୍ଛା ରଖିଥିଲେ ବୋଲି ସେ ତାଙ୍କ ସାକ୍ଷାତ୍କାରରେ କହିଛନ୍ତି। ଏବେ ଦୀପକ ଜଣେ ଜଣାଶୁଣା ଆଇଏଏସ୍ ଅଧିକାରୀ। ସୋସିଆଲ୍ ମିଡିଆରେ ସେ ଖୁବ୍ ଲୋକପ୍ରିୟ। ଦୀପକ ଯେପରି ଭାବେ ଫିଲ୍ଡ ଭିଜିଟ୍ କରିଥାନ୍ତି ସେ ସବୁ ଭିଡିଓ ୟୁଟ୍ୟୁବ୍‌ରେ ବେଶ୍ ଚର୍ଚ୍ଚା ପାଲଟିଥାଏ। ସେ ଏକ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସାକ୍ଷାତ୍କାର ଦେଇ କହିଛନ୍ତି କି ତାଙ୍କୁ କବାଡ଼ିବାଲା ବନିବାକୁ ଆହୁରି ଏକ କାରଣରୁ ବି ଇଚ୍ଛା ହେଉଥିଲା। କବାଡ଼ିବାଲା ବନିଲେ ବିଭିନ୍ନ ପ୍ରକାର ସାମଗ୍ରୀ ତାଙ୍କ ନିକଟକୁ ଆସିବ, ସେ ବିଭିନ୍ନ ଆଡକୁ ଯାଇପାରିବେ। ଏପରି ସବୁ ଚିନ୍ତା କରି ସେ କବାଡ଼ିବାଲା ବନିବାକୁ ଇଚ୍ଛା ରଖିଥିଲେ। ଆଇଏଏସ୍ ଦୀପକ ରାଓତଙ୍କ ଜନ୍ମ ୧୯୭୭ ମସିହା ମସୁରୀରେ ହୋଇଥିଲା। ତାଙ୍କ ସ୍କୁଲ୍ ଶିକ୍ଷା ମସୁରୀରେ ପୂରା ହୋଇଥିବା ବେଳେ ଦିଲ୍ଲୀର ହଂସରାଜ କଲେଜରେ ଗ୍ରାଜୁଏସନ୍ କରିଥିଲେ। ସେ ୟୁପିଏସ୍‌ସି ପାଇଁ ଚେଷ୍ଟା କରି ପ୍ରଥମ ୨ ଥର ଅସଫଳ ହେବା ପରେ ତୃତୀୟ ଥରରେ ସଫଳ ହୋଇଥିଲେ।

# ଇଷ୍ଟର ଦ୍ୱୀପର ରହସ୍ୟମୟ ପ୍ରତିମୂର୍ତ୍ତି

ପ୍ରଶାନ୍ତ ମହାସାଗରର ପୂର୍ବଭାଗରେ ଚିଲି ଅଧୀନ ଇଷ୍ଟର ଦ୍ୱୀପ ବା ରପା ନୁଇ (ସ୍ପେନୀୟ ଭାଷାରେ 'ଇସଲା ଡି ପାସ୍କୁଆ')ରେ ବିଦ୍ୟମାନ ବିଶାଳକାୟ ପଥର ପ୍ରତିମୂର୍ତ୍ତିମାନଙ୍କ ପାଇଁ ଏହା ବିଖ୍ୟାତ। ସମ୍ପ୍ରତି ଏଠାରେ କୌଣସି ଜନବସତି ନଥିବା ବେଳେ ଏହି ୬୩ ବର୍ଗମାଇଲ ପରିମିତ ଦ୍ୱୀପରେ କେବଳ ହଜାରେ ପାଖାପାଖି ପଥର ମୂର୍ତ୍ତି ହିଁ ଖରା, ବର୍ଷା, କାକରରେ ସେମିତି ପଡ଼ି ରହିଛନ୍ତି। ସେମାନଙ୍କ ଭିତରେ ଗୋଟେ ଗୋଟେ ସ୍ଥାପତ୍ୟର ଉଚ୍ଚତା ୩୦ ଫୁଟ ଓ ଓଜନ ୭୫ ଟନ୍ ଯାଏ



ହୋଇଥିବା ଜଣାଯାଏ। ଏହି ନିର୍ଜନ ଦ୍ୱୀପରେ ଏପରି ବିଶାଳ ମୂର୍ତ୍ତିସମୂହକୁ ଯାନ୍ତ୍ରିକ ଶକ୍ତି ବିନା ଗଢ଼ିବା ଓ ସ୍ଥାନାନ୍ତର କରିବା ଅସମ୍ଭବ ମନେ ହୁଏ। ତେଣୁ ଇଷ୍ଟର ଦ୍ୱୀପର ସ୍ଥାପତ୍ୟଗୁଡ଼ିକ ରହସ୍ୟମୟ ହୋଇ ରହି ଆସିଛନ୍ତି। ଐତିହାସିକମାନଙ୍କ ଆକଳନ ଅନୁଯାୟୀ, ପ୍ରାୟ ୬୦୦ରୁ ୭୦୦ ବର୍ଷ ତଳେ ପ୍ରାଚୀନ ପଲିନେସୀୟ କ୍ରୀତଦାସମାନେ ଉକ୍ତ ଦ୍ୱୀପରେ ନିଜର ଜୀବିକା ନିର୍ବାହ ପାଇଁ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ଆଗ୍ନେୟ ଶିଳାରେ ଭରିଥିବା ଉକ୍ତ ଦ୍ୱୀପର ଉର୍ବରତା ବଢ଼ାଇବା ଲାଗି ସେମାନେ ନିଜର ପୂର୍ବପୁରୁଷଙ୍କୁ ପୂଜା କରିବା ଉଦ୍ଦେଶ୍ୟରେ ଏପରି ବିଶାଳ ପଥର ମୂର୍ତ୍ତିମାନ ଗଢ଼ିଥିବା ପ୍ରତ୍ନତତ୍ତ୍ୱବିତ୍‌ମାନେ ଅନୁମାନ କରୁଛନ୍ତି। କିନ୍ତୁ ପରେ ସେମାନଙ୍କ ଦ୍ୱାରା ଅବାଧ ବୃକ୍ଷଚ୍ଛେଦନ ଯୋଗୁଁ ଉକ୍ତ ଦ୍ୱୀପର ଉର୍ବରତା ହ୍ରାସ ହେବା ସହ କୃଷିକାର୍ଯ୍ୟ ପ୍ରଭାବିତ ହୋଇଥିଲା। କ୍ରମେ ଖାଦ୍ୟ ବିହୁନେ ପଲିନେସୀୟମାନେ ଦ୍ୱୀପ ଛାଡ଼ି ଅନ୍ୟତ୍ର ପଳାୟନ କରିଥିବା ବେଳେ ବିଶାଳ ମୂର୍ତ୍ତିଗୁଡ଼ିକ ସେଠାରେ ସେମିତି ପଡ଼ି ରହିଛନ୍ତି।

# ବୁଡ଼ିଗଲାଣି ପ୍ରସିଦ୍ଧ ଭାସମାନ ରେସ୍ତୋରାଁ 'ଜମ୍ବୋ'

ଦକ୍ଷିଣ ଚୀନ୍ ସାଗରରେ ହଂକଙ୍ଗ୍‌ର ପ୍ରସିଦ୍ଧ ଭାସମାନ ରେସ୍ତୋରାଁ 'ଜମ୍ବୋ' ୧୦୦୦ ମିଟରରୁ ଅଧିକ ବୁଡ଼ି ଯାଇଥିବାରୁ ତାକୁ ଉଠାଇବା କାର୍ଯ୍ୟ ଖୁବ୍ କଠିନ ହୋଇଯାଇଛି। ଏ ସଂକ୍ରାନ୍ତରେ ଜାରି କରିଥିବା ବିବୃତିରେ ମୂଳ କମ୍ପାନି 'ଆର୍ବେଦୀନ ରେସ୍ତୋରାଁ ଏଣ୍ଟରପ୍ରାଇଜେସ୍' ଘୋଷଣା କରିଛି ଯେ, ହଂକଙ୍ଗ୍ ନଗରୀରୁ ନୌକା ସହାୟତାରେ ଉକ୍ତ 'ଜମ୍ବୋ'କୁ ଟାଣି ଟାଣି ଅଣାଯିବା ପରେ ପ୍ରତିକୂଳ ଅବସ୍ଥାରେ ପଡ଼ି ଦକ୍ଷିଣ ଚୀନ୍ ସାଗର ଅନ୍ତର୍ଗତ ପାରାସେଲ୍ ଦ୍ୱୀପ ନିକଟରେ ଓଲଟି ପଡ଼ିବାରୁ ସେଥିରେ ପାଣି ପଶି ଯାଇଥିଲା। ଏବେ ସମୁଦ୍ର ଜଳରାଶିର ୧୦୦୦ ମିଟରରୁ ଅଧିକ ଗଭୀରକୁ ଚାଲି ଯାଇଥିବାରୁ 'ଜମ୍ବୋ'କୁ ଉଠାଇବା କାର୍ଯ୍ୟ କାଠିକାର ପାଠ ହୋଇଯାଇଛି ବୋଲି ବିବୃତିରେ ଉଲ୍ଲେଖ ଅଛି। ଏଥିପାଇଁ ଆମେ ଖୁବ୍ ଦୁଃଖିତ। କିନ୍ତୁ, ଭାଗ୍ୟକୁ କୌଣସି 'ଜମ୍ବୋ'ର କୌଣସି କର୍ମଚାରୀ ଉକ୍ତ ଅଘଟଣରେ ଆହତ ହୋଇନାହାନ୍ତି। ରେସ୍ତୋରାଁକୁ ଯାଞ୍ଚ କରିବା ଲାଗି ମେରାଇନ୍ ଇଞ୍ଜିନିୟରମାନଙ୍କୁ ଅଣାଯାଇଛି। ପ୍ରାୟ ୧ ଦଶନ୍ଧି ଧରି ଆର୍ଥିକ ସଙ୍କଟ ଦେଇ ଗତି କରିବା ପରେ କୋଭିଡ୍-୧୯ ମହାମାରୀ ହେତୁ ୨୦୨୦ ମାର୍ଚ୍ଚ ମାସରେ ଉକ୍ତ ରେସ୍ତୋରାଁକୁ ବନ୍ଦ କରାଯାଇଥିଲା।



ଏହାର ପରିଚାଳକ 'ମେଲ୍‌କୋ ଇଣ୍ଟରନ୍ୟାସ୍‌ରନାଲ୍ ଡେଭ୍‌ଲପ୍‌ମେଣ୍ଟ୍?' ଗତ ମାସରେ କହିଥିଲା କି, ୨୦୧୩ରୁ ବ୍ୟବସାୟ ଲାଭଜନକ ହେଉ ନ ଥିଲା। ପ୍ରାୟ ୧୨.୭ ନିୟୁତ ଡଲାର କ୍ଷତି ହେଲାଣି। ବିଶ୍ୱର ବୃହତ୍ତମ ଭାସମାନ ରେସ୍ତୋରାଁ ଖ୍ୟାତି ପାଇବା ପରେ ଅନେକ ହଂକଙ୍ଗ୍ ଏବଂ ଆନ୍ତର୍ଜାତିକ ଚଳଚ୍ଚିତ୍ରରେ ରେସ୍ତୋରାଁ 'ଜମ୍ବୋ କିଙ୍ଗ୍‌ଡମ୍'ର ଦୃଶ୍ୟ ରହିଛି। ରାଣୀ ଦ୍ୱିତୀୟ ଏଲିଜାବେଥ୍, ଜିମ୍ମି କାର୍ଟର ଏବଂ ଟମ୍ କ୍ରୁଜ୍‌ଙ୍କ ଭଳି ପ୍ରଖ୍ୟାତ ବ୍ୟକ୍ତିମାନଙ୍କୁ ମଧ୍ୟ ଉକ୍ତ ରେସ୍ତୋରାଁ ଆପ୍ୟାୟିତ କରିଛି।



ବଲିଉଡରେ ଅନେକ କଳାକାର ଅଛନ୍ତି, ଯିଏକି ଏପର୍ଯ୍ୟନ୍ତ ବିବାହ କରିନାହାଁନ୍ତି। ଏହି ଲିଷ୍ଟରେ ସଲମାନ ଖାନ, ଅକ୍ଷୟ ଖନ୍ନା, ନଗମା, ଅଭୟ ଦେଓ୍ୱଲ ଏବଂ ସୁସ୍ମିତା ସେନଙ୍କ ପରି ଷ୍ଟାର ଅଛନ୍ତି। ଏମାନଙ୍କ ମଧ୍ୟରେ ୯୦ ଦଶକରେ ଅନେକ ସୁପରହିଟ୍ ଫିଲ୍ମ ଦେଇଥିବା ଅଭିନେତ୍ରୀ ତବୁଙ୍କ ନାମ ମଧ୍ୟ ସାମିଲ। ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ତବୁ ସେହି ଅଭିନେତ୍ରୀଙ୍କ ମଧ୍ୟରେ ସାମିଲ, ଯିଏକି ନିଜର ଚମତ୍କାର ଅଭିନୟ ମାଧ୍ୟମରେ ନିଜକୁ ଫିଲ୍ମ ଦୁନିଆରେ ସ୍ଥାପିତ କରିଥିଲେ। ତବୁ ଅନେକ ଫିଲ୍ମରେ ନିଜର ଜବରଦସ୍ତ ଅଭିନୟ ପ୍ରଦର୍ଶନ କରିଛନ୍ତି। ଏହି ଫିଲ୍ମ ମଧ୍ୟରେ ଚାନ୍ଦନୀ ବାର, ବିରାସତ, ମାଚିସ୍ ଏବଂ ଦୃଶ୍ୟମ ଭଳି ଅନେକ ଫିଲ୍ମ ସାମିଲ। ନିକଟରେ ତବୁ ଏକ ଇଣ୍ଟରଭ୍ୟୁରେ ଅଜୟ ଦେବଗନ ଏବଂ ନିଜ ସମ୍ପର୍କ ବିଷୟରେ ଖୋଲାଖୋଲି ଭାବେ କହିଛନ୍ତି। ତବୁ କହିଛନ୍ତି, ଯେତେବେଳେ ସେ ବହୁତ ଛୋଟ ଥିଲେ ତାଙ୍କ ଭାଇ ସମୀର ଅଜୟ ଦେବଗନଙ୍କ ପଡୋଶୀ ଥିଲେ। ଅଭିନେତ୍ରୀଙ୍କ କହିବା ଅନୁଯାୟୀ, ତାଙ୍କର ଭାଇ ଏବଂ ଅଜୟ ଦେବଗନ ତାଙ୍କ ଉପରେ ଖାସ ନଜର ରଖୁଥିଲେ। ଯେବେ ବି କୌଣସି ପୁଅ ତାଙ୍କ ନିକଟତର ହେବାକୁ ଚେଷ୍ଟା କରୁଥିଲେ ସେମାନେ ତାକୁ ଧମକାଉଥିଲେ। ସେହି ସମୟରେ ତବୁ ଅଜୟଙ୍କୁ ନେଇ କହିଥିଲେ, ମୁଁ ଆଜି ତାଙ୍କ ପାଇଁ ସିଙ୍ଗଲ ଅଛି। ତବୁ ଆହୁରି କହିଥିଲେ ଏଥିପାଇଁ ଅଜୟ ପସ୍ତାଇବେ। ନିକଟରେ ଆରଜେ ସିଦ୍ଧାର୍ଥ କାନନଙ୍କୁ ଦେଇଥିବା ଏକ ଇଣ୍ଟରଭ୍ୟୁରେ ତବୁ କହିଥିଲେ, ଯଦି କେହି ଥାନ୍ତି ଯାହାଙ୍କ ଉପରେ ସେ ଭରସା କରିପାରିବେ ସେ ହେଉଛନ୍ତି ଅଜୟ ଦେବଗନ। ଅଜୟ ଏବଂ ତବୁ ବହୁତ ଭଲ ବନ୍ଧୁ। ବିଜୟପଥ, ଦୃଶ୍ୟମ୍, ଗୋଲମାଲ ରିଟର୍ନ ଏବଂ ଦେ ଦେ ପ୍ୟାର' ଭଳି ଅନେକ ଫିଲ୍ମରେ ଉଭୟ ଷ୍ଟାର ଏକାଠି ସ୍କ୍ରିନ୍ ସେୟାର କରିଛନ୍ତି ।

# ଅଜୟଙ୍କ ପାଇଁ ଆଜି ମୁଁ ସିଙ୍ଗଲ୍: ତବୁ



# 'ଜ୍ୟାକ୍ ସ୍ପେରୋ' ଚରିତ୍ର ପାଇଁ ଜନି ଡେପ୍‌ଙ୍କୁ ମିଳିବ ୨,୫୩୫ କୋଟି ଟଙ୍କା

ହଲିଉଡର ଜଣାଶୁଣା ଅଭିନେତା ଜନି ଡେପ୍ ଗଲା କିଛି ଦିନ ହେବ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ପୂର୍ବତନ ପତ୍ନୀ ଅମ୍ବର ହାର୍ଡ ଆଣିଥିବା ମାନହାନୀ ମକଦ୍ଦମାରେ ଜନି ଡେପ୍ ଜିତିବା ପରେ ଏବେ ସେ ପୁଣି ଥରେ ପରଦାକୁ କମ୍‌ବ୍ୟାକ୍ କରିବାକୁ ଯୋଜନା କରିଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଜନି ଡେପ୍ ପୁଣି ଥରେ ଜ୍ୟାକ୍ ସ୍ପେରୋ ଚରିତ୍ରରେ ନଜର ଆସିବେ। ଏଥିପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଡିଜନୀ ଜନି ଡେପ୍‌ଙ୍କ ନିକଟକୁ ଏକ କ୍ଷମାପତ୍ର ପଠାଇଛି। ଏଥିସହ ହଲିଉଡର ସୁପରହିଟ୍ ଫିଲ୍ମ 'ପାଇରେଟେସ୍ ଅଫ ଦ କ୍ୟାରିବିୟାନ'ର ଜ୍ୟାକ୍ ସ୍ପେରୋ ଚରିତ୍ରରେ ଅଭିନୟ ପାଇଁ ୨୫୩୫ କୋଟି ଟଙ୍କା ଅଫର କରିଛି। ହଲିଉଡର ଏହି ସୁପରହିଟ୍ ଫିଲ୍ମର ପାଞ୍ଚଟି ଭାଗରେ ଜନି ଡେପ୍ କ୍ୟାପଟେନ୍ ଜ୍ୟାକ ସ୍ପେରୋ ଚରିତ୍ରରେ ଅଭିୟନ କରି ସାରିଛନ୍ତି। ଡିଜନୀ ତାଙ୍କ ନିକଟକୁ ଏକ ଉପହାର ସହିତ ପତ୍ର ମଧ୍ୟ ପଠାଇଛନ୍ତି। ଡିଜନୀ ଷ୍ଟୁଡିଓ ଜ୍ୟାକ ସ୍ପେରୋଙ୍କୁ ନେଇ ଡ୍ରାଫ୍ଟ ମଧ୍ୟ ପ୍ରସ୍ତୁତ କରିଛି। ଜନିଙ୍କୁ ଜ୍ୟାକ୍ ସ୍ପେରୋ ଚରିତ୍ରରେ ଅଭିନୟ ପାଇଁ ୨,୫୩୫ କୋଟି ଟଙ୍କା ଅଫର ଦିଆଯାଇଛି। ଜନିଙ୍କ ଜଣେ ନିକଟତର ବନ୍ଧୁଙ୍କ କହିବା ମୁତାବକ, ଆଶା କରୁଛୁ ଜନି ଡେପ୍ ନିର୍ମାତା ସଂସ୍ଥାକୁ କ୍ଷମା କରିଦେବେ। ହେବ ଯଦି ଜନି ଡେପ୍ କ୍ୟାପଟେନ୍ ଜ୍ୟାକ୍ସ ସ୍ପେରୋ ଭୂମିକାରେ ନଜର ଆସିବେ ତେବେ ନିଶ୍ଚିତ ରୂପେ ପ୍ରଶଂସକଙ୍କ ପାଇଁ ଏହା ବଡ ଖବର। ଅନ୍ୟପଟେ କିନ୍ତୁ ଜନି ଡେପ୍ କିମ୍ବା ତାଙ୍କ ଟିମ୍‌ଙ୍କ ତରଫରୁ ଏନେଇ କୌଣସି ସ୍ୱଷ୍ଟ ସୂଚନା ମିଳିନାହିଁ। ବ୍ୟକ୍ତିଗତ ବିବାଦ ଯୋଗୁ ଗତ କିଛି ବର୍ଷ ହେଲେ ଜନି ଡେପଙ୍କ ହାତରୁ ଅନେକ ଫିଲ୍ମ ଛଡାଇ ନିଆଯାଇଥିଲା। ଏପରିକି ଫାଣ୍ଟାଷ୍ଟିକ ବିଷ୍ଟ ୩ ଏବଂ ପାଇରେଟ୍ସ ଅଫ ଦ କ୍ୟାରିବିୟାନ ପରି ଫିଲ୍ମ ମଧ୍ୟ ତାଙ୍କ ହାତରୁ ଛଡାଇ ନିଆଯାଇଥିଲା। ଏଥିସହ ଆଉ କେବେ ବି ଜ୍ୟାକ୍ ସ୍ପେରୋ ଭୂମିକାରେ ଅଭିନୟ କରିବେ ନାହିଁ ବୋଲି ନିକଟରେ ଜନି ଡେପ୍ ଘୋଷଣା ମଧ୍ୟ କରିଥିଲେ।

# ବିଶ୍ୱର ପ୍ରାଚୀନତମ ପାନ୍ଥଶାଳା

ଇତିହାସରେ ହୋଟେଲ ଶିଳ୍ପ କଥା ଖୋଜିଲେ ଅନେକ ପ୍ରାଚୀନ କାଳରୁ ତାହା ରହିଥିବା ଜଣାପଡ଼େ। ପ୍ୟାରିସ ଓ ରୋମ ପରି ଅତି ପୁରାତନ ସହରରେ ହୋଟେଲ ସଂକ୍ରାନ୍ତ ରୋଚକ ତଥ୍ୟ ଥାଇପାରେ, ମାତ୍ର ଜାପାନର ଏକ ପାନ୍ଥଶାଳା ଭିନ୍ନ ଗୁଣ ପାଇଁ ସର୍ବାଗ୍ରେ ରହିବ। ଜାପାନର ଫୁଜି ପର୍ବତଠାରୁ ଅଳ୍ପ ଦୂରରେ ଅବସ୍ଥିତ 'ନିଶିୟାମା ଅନ୍‌ସେନ୍ କ୍ୟୁଁକାନ୍' ନାମକ ପାନ୍ଥଶାଳାଟି ୭୦୫ ଖ୍ରୀଷ୍ଟାବ୍ଦରୁ ହିଁ ନିରନ୍ତର ସେବା ଯୋଗାଇ ଆସୁଛି। ଏହା ବିଶ୍ୱର ପ୍ରାଚୀନତମ ଅବିରତ କାର୍ଯ୍ୟକ୍ଷମ ହୋଟେଲ ହେବାର ଗୌରବ ଅର୍ଜନ କରି ୨୦୧୧ ମସିହାରେ ବିରଳ ଗିନିସ୍ ବିଶ୍ୱ ରେକର୍ଡର ଅଧିକାରୀ ହୋଇପାରିଛି। ଦୀର୍ଘ ୧୫ ଶତାବ୍ଦୀ ତଳେ ଫୁଜିବାରା ମାହିତୋ ଏହାକୁ ସ୍ଥାପନ କରିଥିଲେ ଏବଂ ସେବେଠାରୁ ତାହା ଗ୍ରାହକମାନଙ୍କୁ ଅନନ୍ୟ ଆତିଥ୍ୟ ପ୍ରଦାନ କରିଆସୁଛି।

ଫୁଜିବାରାଙ୍କ ପରେ ତାଙ୍କର ୫୨ ପିଢ଼ି ଯାଏ ତାହା ଗୋଟିଏ ପରିବାର ଦ୍ୱାରା ହିଁ ପରିଚାଳିତ ହୋଇ ଆସୁଛି। ଯଦିଓ ସମୟାନୁକ୍ରମେ ସେଥିରେ ଆଧୁନିକତାର ସ୍ପର୍ଶ ବାଜି କିଛି ନବୀକରଣ କରାଯାଇଛି, ତେବେ ତାହାର ମୂଳ ତଥା ମୁଖ୍ୟ ଆକର୍ଷଣ ସୁଖଦାୟକ 'ଉଷ୍ମ ପ୍ରସ୍ରବଣ' ଏବଂ ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ଏବେ ବି ଆକର୍ଷଣର କେନ୍ଦ୍ର ବିନ୍ଦୁ ହୋଇ ରହିଛି। ହୋଟେଲରେ ଥିବା ୩୭ଟି ପ୍ରକୋଷ୍ଠକୁ ଜାପାନର ପାରମ୍ପରିକ ଶୈଳୀରେ ସଜ୍ଜିତ କରାଯାଇ ପ୍ରତି କୋଠରିର ରାତି ପିଛା ଭଡ଼ା ସର୍ବନିମ୍ନ ୪୦୫ ଡଲାର ରଖାଯାଇଛି। ସଂଖ୍ୟାଧିକ ଐତିହାସିକ ଯୋଦ୍ଧାଙ୍କଠାରୁ ଆରମ୍ଭ କରି ପ୍ରଥମ ଶ୍ରେଣୀର ରାଜନେତା ଓ ସମ୍ଭ୍ରାନ୍ତ ବର୍ଗର ବ୍ୟକ୍ତିବିଶେଷ ଏହି ପାନ୍ଥଶାଳାର ଉପଶମକାରୀ ଉଷ୍ମ ସ୍ନାନର ମଜା ନେଇଛନ୍ତି। 'ମୋଚିତାନି ନୋ ୟୁ' ନାମରେ ପରିଚିତ କ୍ୟୁଁକାନ୍‌ର ପ୍ରସିଦ୍ଧ ସ୍ନାନରେ କ୍ୟୁଟୋ ପାହାଡ଼ର ପାଦଦେଶରେ ଥିବା ଉଷ୍ମ ପ୍ରସ୍ରବଣର ଜଳକୁ ସିଧାସଳଖ ଉପଭୋଗ କରିବାର ପ୍ରାବଧାନ ରହିଛି। ଏପରିକି ଅତିଥି ଅଭ୍ୟାଗତମାନଙ୍କୁ ମଧ୍ୟ ଏହି ପ୍ରସ୍ରବଣରୁ ସିଧାସଳଖ ଜଳ ପାନ କରିବାକୁ ନିମନ୍ତ୍ରଣ କରାଯାଇଥାଏ।



## ଆଜାଦ ପ୍ରେସ୍ କ୍ଲବ ଓ ଡ୍ରାଇଭର ମହାସଙ୍ଘର ମିଳିତ ଭାବେ ସ୍ୱାଧୀନତା ଦିବସ ପାଳିତ

ବୋରିଗୁମ୍ମା, : ବୋରିଗୁମ୍ମା ଡ୍ରାଇଭର ମହାସଙ୍ଘ ଓ ଆଜାଦ ପ୍ରେସ୍ ଫାଉଣ୍ଡେସନ ତରଫରୁ ଡ୍ରାଇଭର ମହାସଙ୍ଘର କାର୍ଯ୍ୟାଳୟ ପରିସରରେ ୭୬ ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି ।ଏହି ସମାରୋହରେ ଯୋଗ ଦେଇ ଆଜାଦ ପ୍ରେସ୍ ଫାଉଣ୍ଡେସନର ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ପଦ୍ମନ କୁମାର ସ୍ୱାଇଁ ପତାକା ଉତ୍ତୋଳନ କରିଥିଲେ ।ଛାତ୍ର ଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ ସହ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସ୍ମୃତିଚାରଣ ତଥା ଭାରତ ବର୍ଷର ସ୍ୱର୍ଣିମ ଇତିହାସର ଆଲୋଚନା କରାଯାଇ ଥିଲା ।ଅନ୍ୟମାନଙ୍କ ମଧ୍ୟରେ ଡ୍ରାଇଭର ମହାସଙ୍ଘର ସଭାପତି ଶ୍ରୀ ମାଧବ କୁମାର ମହାନ୍ତି,ବିନୋଦ ହରିଜନ, କାଳୀ ପଟ୍ଟନାୟକ,ରିଙ୍କୁ ସାହୁ, ସୁରେଶ ବାବୁ,ପଦ୍ମନ ଭୂମିଆ, ସାମ୍ବାଦିକ ମାନଙ୍କ ମଧ୍ୟରେ ଏସ୍.ସୁନ୍ଦରମ୍,ରବିଶଙ୍କର ମହାପାତ୍ର, ସୁଦର୍ଶନ ପ୍ରଧାନ, ବିଶ୍ୱଜିତ ପାଣିଗ୍ରାହୀ, ସୁଶାନ୍ତ ପଣ୍ଡା, ସୁନୀଲ କୁମାର ଷଡ଼ଙ୍ଗୀ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଆଗାମୀ ଦିନରେ ପଞ୍ଚାୟତ ସମିତିର ବିକାଶକୁ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ଭାବେ ଆଗେଇ ନେବାପାଇଁ ବ୍ୟକ୍ତିଗତ ତଥା ସାମୁହିକ ପ୍ରୟାସ ତ୍ୱରାନ୍ୱିତ କରିବାକୁ ସର୍ବସମ୍ମତି କ୍ରମେ ମତ ପ୍ରକାଶ ପାଇଥିଲା ।

## ସର୍ପଦଂଶନରେ ଦେଢ଼ ବର୍ଷ ଶିଶୁ ର ମୃତ୍ୟୁ

କୋରାପୁଟ ଜିଲ୍ଲା ବୋରିଗୁମ୍ମା ପଞ୍ଚାୟତ ସ୍ଥିତ ସାନ କେନ୍ଦୁଗୁଡା ଗ୍ରାମ ଠାରେ ଏକ ଦୁଖଦଃ ଘଟଣା ଦେଖିବାକୁ ମିଳିଛି ସୂଚନା ଥାଉକି ବୋରିଗୁମ୍ମା ସ୍ଥିତ ସାନ କେନ୍ଦୁଗୁଡା ଗ୍ରାମ ପୂରସୁତି ଯାନୀ ଙ୍କ ଘରେ ଗତ କାଲି ବିଳମ୍ବିତ ରାତ୍ର ରେ ଘୋର ପରିବାରଲୋକେ ସୋଇଥିବା ସମୟରେ ପୂରସୁତି ଯାନୀ ଙ୍କ ଝିଅ ଚଞ୍ଚଳା ଯାନୀ ଦେଢ଼ ବର୍ଷ ର ଝିଅ ଟିକୁ ସାପ ଘୋର ଭିତରେ ପୋଷି କାମୁଡ଼ିଥିବା ବେଳେ ପରିବାର ଲୋକେ ବୋରିଗୁମ୍ମା ଗୋଷ୍ଟି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତି କରିଥିଲେ ସେଠାରେ ଡାକ୍ତର ଚିକିତ୍ସା ପରେ ଝିଅ ଟିକୁ ମୃତ୍ୟୁ ଘୋଷଣା କରିଥିଲେ କ୍ଷ ଏନେଇ ଖବର ପାଇ ଗ୍ରାମରେ ଶୋକ ର ଛାୟା ଖେଳିଯାଇଥିବା ଦେଖିବାକୁ ମିଳିଛି. ଅନ୍ୟାପଟେ ଶିଶୁ ଟିର ବେବ ଛେଦ ପରେ ପରିବାର ବର୍ଗ ଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ସୂଚନା ମିଳିଛି

## ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ଦେଶାତ୍ମବୋଧକ କବିତା ପାଠ



ତରଭା ୧୭/୮ ନି.ପ୍ର): ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କୋଶଳ ସାହିତ୍ୟ ଏକାଡ଼େମୀର ସଭାପତି ଦେବେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ ଅନୁଷ୍ଠିତ ହୋଇଯାଇଛି ।ଏହି ଉତ୍ସବରେ ଶିକ୍ଷାବିତ୍ ପ୍ରଦୀପ କୁମାର ମାହାଣା ମୁଖ୍ୟ ଅତିଥି, କୋଶଳ ସାହିତ୍ୟ ଏକାଡ଼େମୀର ସମ୍ପାଦକ ରାଜେନ୍ଦ୍ର ଝାଙ୍କର ମୁଖ୍ୟ ବକ୍ତା ଓ ସାମ୍ବାଦିକ ଅନ୍ତର୍ଯ୍ୟାମୀ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଅମୃତ ମହୋତ୍ସବ ପାଳନର ତାତ୍ପର୍ଯ୍ୟପୂର୍ଣ୍ଣ ଓ ମହତ୍ତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ ।ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ ପୂର୍ତ୍ତି ଅବସରରେ ଶୈକ୍ଷିକ, ସାମାଜିକ,ଆଧ୍ୟାତ୍ମିକ, ଅର୍ଥନୈତିକ ଓ ସାଂସ୍କୃତିକ ଦିଗରେ ସାରା ବିଶ୍ୱରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବିଷୟରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ ମୁଖ୍ୟ ଅତିଥି ଶ୍ରୀ ମାହାଣା ଶ୍ରୀଫଳ ଭାଙ୍ଗି ଉତ୍ସବର ଉଦ୍ଘାଟନ କରିଥିବାବେଳେ ଆୟୋଜକ ଲୋକନାଥ ଦଳବେହେରା ଅତିଥି ପରିଚୟ ପ୍ରଦାନ ସଙ୍ଗେ ସଙ୍ଗେ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରେ କୋଶଳ ସାହିତ୍ୟ ଏକାଡ଼େମୀର ସହଯୋଗିତାରେ ଓ କବୟିତ୍ରୀ ଚନ୍ଦ୍ରାବତୀ ପାଣ୍ଡେଙ୍କର ସଂଯୋଜନାରେ ଅନୁଷ୍ଠିତ କବିତା ପାଠରେ କୋଡ଼ିଏ ଜଣ କବି/କବୟିତ୍ରୀ ସ୍ୱରଚିତ ଦେଶାତ୍ମବୋଧକ କବିତା ଆବୃତ୍ତି କରିଥିଲେ। ସଂଯୋଜକ ଦେବେନ୍ଦ୍ର କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବକବି ହିରଣ୍ମୟ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ କୁ ନେଇ ଗରିବସେନା ପକ୍ଷରୁ ଥାନା ଅଧିକାରୀ ଙ୍କୁ ଦାବି ପତ୍ର ପ୍ରଦାନ

ବଙ୍ଗୋମୁଣ୍ଡା ୧୭/୮ ନି.ପ୍ର): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ଥାନା ଅଞ୍ଚଳରେ ଦିନକୁ ଦିନ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଗତ ଜୁଲାଇ ମାସ ୧୮ ତାରିଖ ଦିନ ସିନ୍ଧେକେଲା ଅରସାତୁଲା ବଡ଼ବନ୍ଧ ନିକଟରେ ଗୋରୁ ବେପାରୀ ଲାଲୁ କୁମ୍ଭାର ଓ ହେତୁମନ ହଂସ ଙ୍କ ଠାରୁ ମାରଣାସ୍ତ୍ର ଦେଖାଇ ୩ ଲକ୍ଷ ୧୩ ହଜାର ଟଙ୍କା ଲୁଟି ନେଇଥିଲେ ଦୁର୍ବୃତ୍ତ ଲୁଟି ନେଇ ଯାଉଥିବା ବେଳର ଦୃଶ୍ୟ ସିସିଟିଭି ରେ କଏଦ ହୋଇଥିଲା ହେଲେ ଏ ପର୍ଯ୍ୟନ୍ତ ଗୋଟିଏ ମାସ ବିତି ଯାଇଥିଲେ ମଧ୍ୟ ଚୋର କୁ ଧରିବା ରେ ଫେଲ ମାରିଛି ପୋଲିସ ତେବେ ସିନ୍ଧେକେଲା ଅଞ୍ଚଳ କଳାହାଣ୍ଡି ଜ୍ୱିଲ୍ଲା ଓ ନୂଆପଡା ଜ୍ୱିଲ୍ଲା ସୀମାନ୍ତ ବର୍ତ୍ତି ଅଞ୍ଚଳ ହୋଇଥିବା ବେଳେ ଲୋକଙ୍କ ମନରେ ଏବେ ପିଲା ଚୋରି ଲୁଟ ପାଟ ର କୋକୁଆ ଭୟ ଦେଖା ଦେଇଛି କିଛି ଗାଁ ଦେଢ଼ଗାଁ,ଝଲପ ମମିଆଁ, ପୁଟୁପଡା, କାଲକୁଟ, ତୁରେକେଲା , ଟିଟିଗା,ଘରଲା,ଶ୍ରୀ ରାମ ପ୍ରଭୁତି ଗାଁ ମାନଙ୍କ ରେ ଲୋକ ରାତି ସାରା ନ ଶୋଇ ଗାଁ ଜଗୁଥିବା ବେଳେ ସିନ୍ଧେକେଲା ପୋଲିସ ଲୋକଙ୍କୁ ସୁରକ୍ଷା ଦେବା ରେ ବିଫଳ ହୋଇଥିବା ଅଭିଯୋଗ କରି ଗରିବ ସେନା ମୁଖ୍ୟ ଦିନେଶ ତାଣ୍ଡି, ସିନ୍ଧେକେଲା ସରପଞ୍ଚ ନରେଶ ଅଗ୍ରୱାଲ ଥାନା ଅଧିକାର ଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ପୋଲିସ ପକ୍ଷରୁ ରାତିରେ ପେଟ୍ରୋଲିଂ କରାଯାଉ ନ ଥିବା ରୁ ଗାଁ ମାନଙ୍କ ରେ ଲୋକଙ୍କ ମନରେ କୋକୁଆ ଭୟର ବାତାବରଣ ଦେଖିବାକୁ ମିଳିଛି ତେବେ ଆଉ କିଛି ଦିନ ପରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଥିବା ବେଳେ ଚୋରି ଡକାୟତି, ରାହାଜାନୀ,ଲୁଟପାତ ବଢ଼ିବାର ଆଶଙ୍କା ରହିଛି ତେବେ ସିନ୍ଧେକେଲା ପୋଲିସ ପକ୍ଷରୁ ରୁ ପେଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା ପାଇଁ ଦାବି କରିଛନ୍ତି ।

## ସାର ଅଭାବ ପାଇଁ ରାସ୍ତା ରେ ଟାୟର ଜାଳି ଚାଷୀ କଲେ କଷାଗୁମୁଡ଼ା ମୁଖ୍ୟ ରାସ୍ତା ବନ୍ଦ



କଷାଗୁମୁଡ଼ା ୧୭/୮ ନି.ପ୍ର): ଭଳି ଦୃଶ୍ୟ ଦେଖିବାକୁ ମିଳୁଛି ନବରଙ୍ଗପୁର ଜିଲ୍ଲା କଷାଗୁମୁଡ଼ା ବ୍ଲକ କଷାଗୁମୁଡ଼ା ସଦର ମହକୁମା ମୁଖ୍ୟ ରାସ୍ତା ଉପରେ। ଆଜି କଷାଗୁମୁଡ଼ାବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ର ଚାଷୀ ସାର ପାଇବା ପାଇଁ କଷାଗୁମୁଡ଼ା ଲେମ୍ପ୍ ରେ ପହଞ୍ଚି ଥିଲେ କିନ୍ତୁ ଲେମ୍ପ୍ ରେ ସାର ପାଇବା ବିଳମ୍ବ ହେବାରୁ ଆସିଥିବା ସମସ୍ତ ଚାଷୀ ମାନେ ନିରାଶ ହୋଇ ଅନ୍ଦଳନ ର ପନ୍ଥା ଅବଲମ୍ବନ କରିଥିବା ଦେଖିବାକୁ ମିଳିଛି। ଆନ୍ଦୋଳନକାରୀ ଚାଷୀମାନେ କଷାଗୁମୁଡ଼ା ମୁଖ୍ୟ ରାସ୍ତା ରେ ଟାୟର ଜାଳି ପ୍ରଶାସନ ବିରୁଦ୍ଧରେ ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଛି। ଉକ୍ତ ଘଟଣା ଖବର ପାଇ କଷାଗୁମୁଡ଼ା ଥାନା ଅଧିକାରୀ ପହଞ୍ଚି ଚାଷୀ ମାନଙ୍କୁ ବୁଝା ଶୁଝା କରିଥିଲେ ପରେ ଚାଷୀମାନେ ଯାଇ ଲେମ୍ପ୍ ଘେରାଉ କରୁଥିବା ଦେଖିବାକୁ ମିଳୁଛି। ବର୍ତମାନ ଦେଖିବାକୁ ବାକି ରହିଲା ଯେ ପ୍ରଶାସନ ପକ୍ଷରୁ ଚାଷୀ ମାନଙ୍କୁ ସାର ଯୋଗାଇ ଦେବା ପାଇଁ କଣ ପଦକ୍ଷେପ ଗ୍ରହଣ କରାଯିବ । ସୂଚନା ଥାଉ କି ଯେ ବିଗତ ବର୍ଷ ମଧ୍ୟ କଷାଗୁମୁଡ଼ା ଲେମ୍ପ୍ ରେ ସାର ଠିକ୍ ସମୟରେ ଯୋଗାଇ ନୋ ଥିବା ହେତୁରୁ ଚାଷୀମାନେ ଉଗ୍ରୋ ହୋଇ ଲେମ୍ପ୍ ଆଗରେ ଧାରଣା ଦେଇଥିଲେ ଓ ପୋଲିସ ସହ ଚାଷୀ ଧସ୍ତାଧସ୍ତି ହୋଇଥିଲେ। କଣ ଏବର୍ଷ ମଧ୍ୟ ଏଭଳି ପରିସ୍ଥିତି ଉପୁଜିବ କି ବୋଲି ଅଞ୍ଚଳ ରେ ଚର୍ଚ୍ଚା ଜୋର ଧରିଛି।

## ଦୁର୍ନୀତି ରେ ଉବୁ ଡୁବୁ ଡଙ୍ଗରା ପଞ୍ଚାୟତ। ମୃତ ଲୋକଙ୍କ ନାରେ ଉଠା ଯାଉଛି ଟଙ୍କା ଚାଲିଛି ଦୁର୍ନୀତି ର ବଡ ଖେଳ

ପାପଡ଼ାହାଣ୍ଡି ୧୭/୮ ନି.ପ୍ର): ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ଅନ୍ତର୍ଗତ ଡଙ୍ଗରା ପଞ୍ଚାୟତ ଠାରେ। ଦିନ କୁ ଦିନ ପରିସ୍ଥିତି ସାଙ୍ଘାତିକ ହେବାରେ ବସିଲାଣି ତଥାପି ପ୍ରଶାସନ ର ନିଦ ଭାଙ୍ଗୁନି। ସୂଚନା ଯୋଗ୍ୟ ଯେ ଡଙ୍ଗରା ପଞ୍ଚାୟତ ରେ ସରକାର ଙ୍କ ଦ୍ୱାରା ସ୍ୱୀକୃତି ଉନ୍ନତ ମୂଳକ କାର୍ଯ ରେ ମରିଯାଇଥିବା ଲୋକଙ୍କ ନା ରେ ଟଙ୍କା ଉଠା ଯାଉଛି। ଏଠି ବିନା କଣଉ ରେ ଲକଙ୍କୋ ବ୍ୟାଙ୍କ୍ ଖାତା ଖୋଲା ଯାଇ ସେହି ଖାତା ରେ ପଇସା ଉଠା ଯାଉଛି। ସେଭଳି କାର୍ଯ୍ୟରତ ଆସା ଦିଦି ଙ୍କ ନା ରେ ମଧ୍ୟ ଜବ କାର୍ଡ କରି ତାଙ୍କ ନା ମଧ୍ୟ ବିଭିନ୍ନ କାର୍ଯ ରେ ଦର୍ଷା ଯାଉଥିବା ଅଭିଯୋଗ ହେଉଛି। ସେହିପରି କମ ବୟସ ନାବାଳକ ଙ୍କ ନା ରେ ମଧ୍ୟ ଜବ କାର୍ଡ କରାଯାଇ ଟଙ୍କା ଉଠା ଯାଉଥିବା ଅଭିଯୋଗ ହେଉଛି। ସୂଚନା ଯୋଗ୍ୟ ଯେ ବୈସାଖୁ ଦିଶାରି ପିତା ହରିବନ୍ଧୁ ଦିସାରି, ରମାଦେଇ ଦିସାରି ସ୍ୱାମୀ ବୈସାଖୁ, ସାରଦୁ ଭତରା , କୁସୁମା ଭତରା, ଘିନି ଘିନୀ ହରିଜନ, ଲକିନାଥ ଗୌଡ଼ ଏଭଳି ଅନେକ ମୃତ ବ୍ୟକ୍ତି ବିଶେଷ ନାମରେ ଜବ କାର୍ଡ କରାଯାଇ ପଞ୍ଚାୟତ ରେ ଚାଲିଥିବା ବିଭିନ୍ନ କାମରେ ଏହି ଜବ କାର୍ଡ ଗୁଡିକ ନୀୟଜିତ କରାଯାଇ ଡିମାଣ୍ଡ ମାରି ଟଙ୍କା ଉଠା ଯାଉଛି, ସେହିଭଳି ସୁଶିଲ ଗୌଡ଼ ବର୍ତମାନ ନାବାଳକ ରହିଛନ୍ତି କିନ୍ତୁ ତାଙ୍କ ନା ରେ ମଧ୍ୟ ଜବ କାର୍ଡ କରାଯାଇ ଥିବା ଦେଖିବାକୁ ମିଳିଛି। ସେହିଭଳି ଲକ୍ଷ୍ମୀ ଭତରା ଯେ କି ଆସା ଦିଦି ଭାବରେ କାର୍ଯ୍ୟରତ କିନ୍ତୁ ତାଙ୍କ ନା ରେ ମଧ୍ୟ ଜବ କାର୍ଡ କରାଯାଇଛି ପୁଣି ବିନା କଣଉ ରେ କିଭଳି ଅନ୍ୟ ବ୍ୟାଙ୍କ୍ ରେ ଖାତା ଖୋଲା ଯାଇ ତାଙ୍କ ନା ରେ ଟଙ୍କା ଉଠା ଯାଉଛି ଯାହା ଏବେ ବଡ ପ୍ରଶ୍ନ ସୃଷ୍ଟି କରୁଛି ଅଞ୍ଚଳ ବାସୀଙ୍କ ମନରେ। କିଏ ଓ କାହା ସାହାଯ୍ୟ ରେ ଏହି ସବୁ ଜାଲିଆତି କାର୍ଯ ପଞ୍ଚାୟତ ଭିତିରେ କରୁଛି ? ମରିଯାଇଥିବା ବ୍ୟକ୍ତି ଙ୍କ ନରେ ଡିମାଣ୍ଡ କିଭଳି ମୋରା ଯାଉଛି ଏଠି ସିଧା ସଳଖ ପଞ୍ଚାୟତ ର ଗ୍ରାମ ରୋଜୋଗର ସେବକ ଙ୍କ ବଡ ଭୂମିକା ରହିଛି ବୋଲି ଅଞ୍ଚଳ ବାସି ମତ ପ୍ରକାଶ କରୁଛନ୍ତି। ଠେକାଦର୍ ଙ୍କ ସହିତ ମିଳିତ ଭାବରେ ଚାଲିଛି ଏଭଳି ନଘନ୍ୟ କାଣ୍ଡ ଯାହାକୁ ନେଇ ଏବେ ଅଞ୍ଚଳ ବାସି ତୀବ୍ର ନିନ୍ଦା ମଧ୍ୟ କରୁଥିବା ଦେଖିବାକୁ ମିଳୁଛି। ଏଭଳି ଘଟଣା ପୂର୍ବ ରୁ ମଧ୍ୟ କଷାଗୁମୁଡ଼ା ବ୍ଲକ କଷାଗୁମୁଡ଼ା ଗ୍ରାମ ପଞ୍ଚାୟତ ରେ ଦେଖିବାକୁ ମିଳିଥିଲା । ଜିଲ୍ଲା ର ଅନେକ ପଞ୍ଚାୟତ ରେ ଏଭଳି ବାରମ୍ବାର ଦୁର୍ନୀତି ହେଉଥିବା ର ଚିତ୍ର ଗଣମାଧ୍ୟମ ସାହାଯ୍ୟ ରେ ପ୍ରକାଶ ପାଉଛି କିନ୍ତୁ ଦସି ଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ଯାହା କି ଏକ ବଡ ବିଡମ୍ବନା ପାଲଟିଛି ଜିଲ୍ଲାବାସୀ ଙ୍କ ପାଇ। ବର୍ତମାନ ଦେଖିବାକୁ ବାକି ରହିଲା କଣ ପୂର୍ବ ଭଳି ଏବେ ମଧ୍ୟ ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନା ଏମିତି ହିଁ ଖବର କୁ ଦେଖି ମଧ୍ୟ ଅଣଦେଖା କରାଯିବ ?

## ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲା ପୁଣି ଏଡିଜେଙ୍କ କୋର୍ଟରେ ହାଜର ହେଲେ ରାଧେ ଗୋବିନ୍ଦ

କଣ୍ଟାବାଞ୍ଜି୧୭/୮ ନି.ପ୍ର): ତୁରେକେଲା ବ୍ଲକ ଝରଣୀ ଗାଁର ମମିତା ମେହେର କଳାହାଣ୍ଡି ଜିଲ୍ଲାର ମହାଲିଙ୍ଗ କଲେଜରେ ରହି କାମ କରୁଥିଲେ, କରୋନା କଟକଣା ଜାରି ହେବା ପରେ ସାରା ରାଜ୍ୟର ସ୍କୁଲ ଓ କଲେଜ ଗୁଡ଼ିକ ବନ୍ଦ ହେଲା, ଫଳରେ ମମିତା ମଧ୍ୟ ନିଜ ଗାଁ ଝରଣୀକୁ ଚାଲି ଯାଇଥିଲେ ତେବେ ଗତବର୍ଷ ସେପ୍ଟେମ୍ବର ମାସରେ ଜଣେ ସହଯୋଗୀ ଶିକ୍ଷକ ମମିତାକୁ ଫୋନ କରି କହିଲା ଯେ ନଭେମ୍ବର ୭ ତାରିଖ ମିଟିଂ ରଖା ଯାଇଛି ଆଉ ଯେମିତି ହେଲେ ବି ମିଟିଂ ଏଟେଣ୍ଡ କରିବାକୁ ହେବ ବୋଲି, ତାପରେ କିଛି ଦିନ ପରେ ପୁଣି ଥରେ ଫୋନ କରି କୁହାଗଲା ଯେ ଯେଉଁ ୭ ତାରିଖ ଦିନ ମିଟିଂ ରଖା ଯାଇଥିଲା ତାକୁ ସ୍ଥଗିତ ରଖାଯାଇଛି ୯ ତାରିଖକୁ ଧାର୍ଯ୍ୟ କରିଛନ୍ତି ଆଉ ତୁମେ ୮ ତାରିଖ ସକାଳୁ ଆସିବାକୁ ପଡ଼ିବ ବୋଲି ମମିତାର ବ୍ୟାଙ୍କ ଖାତାକୁ ଗାଡ଼ି ଭଡା ବାବଦରେ ୮ ହଜାର ଟଙ୍କା ପଠାଇ ଦିଆଯାଇଥିଲା, ଆଉ ମମିତା କୁ ତାଙ୍କ ଭାଇ ବର୍ଣ୍ଣି କଣ୍ଟାବାଞ୍ଜି ଜଗନ୍ନାଥ ମନ୍ଦିର ନିକଟରେ ବସରେ ବସାଇ ଘର ଚାଲି ଗଲେ, ମମିତା ବସ ଯୋଗେ ଚାନ୍ଦୋତରା ଛକ ପର୍ଯ୍ୟନ୍ତ ଗଲେ ସେଠାରେ ଗୋବିନ୍ଦ ସାହୁ କାରରେ ଆଗରୁ ପହଞ୍ଚି ଟାକି ରହିଥିଲା, ଓ ମମିତାକୁ କାରରେ ବସାଇ ମହାଲିଙ୍ଗ ଯିବା ପରିବର୍ତ୍ତେ ଭବାନୀପାଟଣା ଅଭିମୁଖେ କାର ନେଇ ଗଲା, କାହିଁକି ଭବାନୀପାଟଣା ଅଭିମୁଖେ ଯାତ୍ରା କଲା ବୋଲି ଜନସାଧାରଣଙ୍କୁ ପଟରା ଉତରା କଲେ ସମସ୍ତେ କୁହନ୍ତି ଯେ ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ଙ୍କର ଘର ଭବାନୀପାଟଣା ତେଣୁକରି କୌଣସି ପ୍ରକାର ଡିଲ କରିବାର ଥିଲା ଓ ଡିଲ ପୂରଣ ନ ହେବା କାରଣରୁ ମମିତାକୁ ହତ୍ୟା କରାଯାଇଛି ବୋଲି ଆପତ୍ତି ଅଭିଯୋଗ ବାରମ୍ବାର ହୋଇ ଆସୁଛି, ଯାହା ଜାଣିବାକୁ ମିଳିଛି ଯେ ଫାଇନାଲ ଇୟର ଛାତ୍ରୀ ମାନଙ୍କୁ ରଙ୍ଗ ମଞ୍ଚରେ ସାମିଲ କରାଯାଉଥିଲା ଯେଉଁ ଛାତ୍ରୀ ରଙ୍ଗ ମଞ୍ଚରେ ସାମିଲ ହେଉଥିଲେ ତାଙ୍କୁ ଫାଷ୍ଟ ଡିଭିଜନ କରାଯାଉଥିଲା ବୋଲି ସାଧାରଣ ସୂତ୍ରରୁ ଜଣାପଡିଛି, ଯାହାର ଡିଲ କରୁଥିଲେ ନିଜେ ମମିତା ଓ କିଛି ବିଡ଼ିଓ କ୍ଲିପ କରି ମମିତା ତାଙ୍କ ପେନଡ୍ରାଇଭରେ ରଖିଥିଲେ, ସେଇ ଭୟରେ ଏହି ମିଟିଂ ରଖା ଯାଇଥିଲା ହେଲେ ମିଟିଂ ମହାଲିଙ୍ଗ କଲେଜରେ ରଖା ଯାଇ ନଥିଲା ଭବାନୀପାଟଣାରେ ମିଟିଂ ରହିଥିଲା, ମିଟିଂରେ ରାଜି ନ ହେବା କାରଣରୁ ମମିତାକୁ ମହାଲିଙ୍ଗ କଲେଜର ହଷ୍ଟେଲ ଭିତରେ ଅଧରାତିରେ ଅନେକ ଲୋକ ମିଶି ହତ୍ୟା କଲାପରେ, ଗାଁରେ ନିର୍ମାଣ ହେଉଥିବା ମିନି ଇଷ୍ଟିଡିୟମର କଲମ ଗାତରେ ମମିତାର ମୃତ ଦେହକୁ ଫିଙ୍ଗି ଦେଇ ଟାୟାରରେ ନିଆଁ ଲଗେଇ ଜାଳି ପ୍ରମାଣ ନଷ୍ଟ କରାଯାଇଥିଲା, କିଛି ସତ୍ୟତା ସାମ୍ନାକୁ ଆସିବାରୁ ନାଟକୀୟ ଢଙ୍ଗରେ ପୁଲିସ ସହଯୋଗୀ ରାଧେ ଚଣ୍ଡି ଓ ମୁଖ୍ୟ ଆରୋପି ଗୋବିନ୍ଦ ସାହୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ, ଅନ୍ୟ ପକ୍ଷରେ ଭାଜପା ନେତା ପ୍ରକାଶ କରିଛନ୍ତି ଯେ ମମିତାକୁ ନ୍ୟାୟ ପ୍ରଦାନ କରିବାରେ ରାଜ୍ୟ ସରକାର ବିଫଳ, ଅନ୍ୟ ପକ୍ଷରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଯିଏ କି କଂଗ୍ରେସର ଟାଣୁଆ ନେତା ତାଙ୍କ ସମ୍ପର୍କୀୟ ଏସପେସିଆଲ ପିପି ଅମରେନ୍ଦ୍ର ମିଶ୍ର ସରକାରୀ ଓକିଲଙ୍କୁ ସରକାର ମମିତାଙ୍କ ଓକିଲ ଭାବେ ନିଯୁକ୍ତି କରିଛନ୍ତି, ତଥାପି ଗୋବିନ୍ଦକୁ ପରୀକ୍ଷା ପାଇଁ ଥରେ ୧୪ ଦିନିଆ ଆନ୍ତରୀଣ ଜାମିନ ମିଳିସାରିଛି, ଓ ଆଉ କିଛି ମାସ ମଧ୍ୟରେ ଏହି ମାମଲା ରଫାଦଫା ହେବାର ସମ୍ଭାବନା ରହିଛି ବୋଲି କହିଛନ୍ତି ଲକ୍ଷ୍ମଣ ବାଗ,

## ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲରେ ଫଳ ଦିବସ ପାଳନ



ଭୁବନେଶ୍ୱର: ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ ପିଲାମାନଙ୍କର ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ସେବନ ବିଷୟରେ ଖୁବ ସଚେତନ। ବ୍ୟସ୍ତବହୁଳ ଜୀବନରେ ଆଜି ଛୋଟ ପିଲାଠାରୁ ଯୁବବର୍ଗ ଯାଏ ଫାଷ୍ଟ ଫୁଡକୁ ପସନ୍ଦ ବା ଆଗ୍ରହ କରୁଛନ୍ତି ଫାଷ୍ଟ ଫୁଡ୍ ଯେ ଆମ ଶରୀର ପ୍ରତି ଅତ୍ୟଧିକ କ୍ଷତିକାରକ ହୋଇଥାଏ ଏଥିରେ ସନ୍ଦେହ ନାହିଁ। ଏଥିରେ ଅତ୍ୟଧିକ ଶର୍କରା ଓ ଲୁଣ ରହିଥାଏ, ଏହା ନିୟମିତ ଖାଇବା ଦ୍ୱାରା ହୃତପିଣ୍ଡ, ମସ୍ତିଷ୍କ ଏବଂ ଅସ୍ଥି ଉପରେ ତାହାର ପ୍ରଭାବ ପଡ଼ିଥାଏ। ତେଣୁ ପିଲାମାନେ କିଭଳି ସୁସ୍ଥ ଓ ନିରୋଗ ରହିବେ ସେଥିପାଇଁ ଆଦିତ୍ୟ ବିର୍ଲା ସ୍କୁଲର ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଦାଶଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଲକେଜି ଓ ୟୁକେଜି ପିଲାମାନେ ଫଳ ବେଶ ଧାରଣ କରି ଫଳର ଉପକାରିତା ବିଷୟରେ ଖୁବ ସୁନ୍ଦର ଭାବରେ ମନ୍ତବ୍ୟ ପ୍ରକାଶ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପିଲାମାନେ ଫଳ ଦିବସ ଉପଲକ୍ଷେ ସଂଗୀତ ଗାନ କରିଥିଲେ। ଅଭିଭାବକ ଓ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟକ୍ଷ ଏହି କୁନିକୁନି ପିଲାମାନଙ୍କର ସୁନ୍ଦର କାର୍ଯ୍ୟକ୍ରମ ଦେଖି ବିଭୋର ହୋଇଯାଇଥିଲେ। ବିଦ୍ୟାଳୟର ସମସ୍ତ ଅଭିଭାବକଙ୍କୁ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ ଯେ ଦୈନନ୍ଦୀନ ଖାଦ୍ୟରେ ଫଳକୁ ସାମିଲ କରିବା ପାଇଁ, ଜଙ୍କ୍ ଫୁଡ୍ ଠାରୁ ଦୂରେଇ ରହିବା ଉଚିତ। ଆଜିର ପିଲା ଆସନ୍ତା କାଲିର ଭବିଷ୍ୟତ, ଏହାକୁ ଦୃଷ୍ଟିରେ ରଖି ଶେଷରେ କୁନିକୁନି ପିଲାମାନଙ୍କୁ ଫାଷ୍ଟ ଉଡ୍ ନଖାଇ ଫଳ ଓ ଭିଟାମିନ ଯୁକ୍ତ ଖାଦ୍ୟ ସେବନ କରିବାକୁ ପରାମର୍ଶ ଦେଇଥିଲେ। ଖୁବ ସୁନ୍ଦର ଭାବରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ହିତାଧିକାରୀଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା : ବ୍ଲକ କାର୍ଯ୍ୟାଳୟରେ ପହଂଚିଲେ ଗ୍ରାମବାସୀ ଓ ଲୋକପ୍ରତିନିଧି

ବୈପାରିଗୁଡା୧୭/୮ ନି.ପ୍ର): କିଛି ମାସ ହେବ ଆମକୁ କାହିଁକି ବାର୍ଦ୍ଧକ୍ୟ ଭତା ମିଳୁନାହିଁ ତାହା ପଛରେ କଣ ରହିଛି ରହସ୍ୟ । ଏମିତି କିଛି ନାରା ନେଇ ଆଜି ବୈପାରିଗୁଡା ବ୍ଲକର କାଠପଡା ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଓ ଲୋକପ୍ରତିନିଧି ମାନେ ବ୍ଲକ କାର୍ଯ୍ୟାଳୟରେ ପହଂଚି ହଲହାଲ କରିଥିବାର ଦେଖିବାକୁ ମିଳିଛି। ପ୍ରତ୍ୟେକ ମାସରେ ଆସି ନିଜର ଭତ୍ତା ଟଙ୍କା ମାଗୁଥିଲେ ସୁଦ୍ଧା ତାହା ମିଳୁ ନ ଥିବା ସେମାନେ କହିଛନ୍ତି। କାଠପଡା ପଂଚାୟତର ବାଘଖଦରା, କାଠପଡା, ରାଜାମୁଣ୍ଡା, ମୂଷାପଦର, ଧନିବାଲାସା, ଡାଲିଆଗୁଡା, ମନ୍ତ୍ରୀଆମ୍ବ, ଜାଲିଆଗୁଡା, ତଳିଆଗୁଡା,ସିଲିମାଳ, ଗ୍ରାମର ପ୍ରାୟ ୧୦୦ ରୁ ଉର୍ଦ୍ଧ ହିତାଧିକାରୀଙ୍କ ସହ କାଠପଡା ସରପଂଚ ଗୌରୀ ପାଙ୍ଗୀ, ନାଏବ ସରପଂଚ ସାଧୁ ଖିଲ, ସମିତିସଭ୍ୟା ସୁବାଷିନୀ ସାନ୍ତା,ୱାର୍ଡମେମ୍ବର ଓ ସ୍ୱେଚ୍ଛାସେବୀ ଜୟରାମ ଟାକ୍ରି, ଧନପତି ଖିଲ ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ପହଂଚି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାର୍ତିକ ପାଢୀଙ୍କୁ ଦେଖା କରି କହିଥିଲେ ଯେ ଉକ୍ତ ଗ୍ରାମର ଲୋକେ ବାର୍ଦ୍ଧକ୍ୟ,ବିଧବା ଭତା ପାଇ ନ ଥିବା ଅଭିଯୋଗ କରିବା ସହ ସେହି ସମସ୍ୟାର ସମାଧାନ କରିବା ପାଇଁ କହିଥିଲେ। ତେବେ ମାସ ମାସ ଗଡିଯାଉଥିଲେ ମଧ୍ୟ ବାର୍ଦ୍ଧକ୍ୟ ଭତା ନ ମିଳିବା ପଛର ରହସ୍ୟ ଜାଣିବା ପାଇଁ ସେମାନେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଦେଖା କରିଥିବାର କଥା କହିଛନ୍ତି କେତେ ଜଣ ହିତାଧିକାରୀ। ତେବେ ଏସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାର୍ତିକ ପାଢୀଙ୍କୁ ପଚାରିବାକୁ ସେଏ କହିଥିଲେ ଯେ ଲୋକେ ମାସ ମାସ ଧରି ତାଙ୍କ ଭତା ଟଙ୍କା ନେଉଥିବାରୁ ଏହି ପରି ସମସ୍ୟା ଦେଖାଯାଇଛି , କେତେକ ହିତାଧିକାରୀଙ୍କ ବ୍ୟାଙ୍କ ଖାତା ଓ ଆଧାର କାର୍ଡ ନଥିବା ରୁ ମଧ୍ୟ ତାଙ୍କ ନାଁ କଟି ଯାଇ ଥାଇ ପାରେ ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ତେବେ ହିତାଧିକାରୀ ମାନେ ସିଧାସଳଖ ପିଇଓଙ୍କୁ ଦାୟୀ କରିବା ସହ ଆମକୁ ପ୍ରତି ମାସରେ ଯଦି ଭତା ପ୍ରଦାନ ନ କରିବାରୁ ବଧ୍ୟ ଆମର ନାଁ ତାଲିକାରୁ କଟିଯାଇଛି ବୋଲି କହିଛନ୍ତି ବୃଦ୍ଧବୃଦ୍ଧା ମାନେ। ପଂଚାୟତକୁ ନିୟମିତ ପ୍ରତିମାସରେ ଆସୁନଥିବା ସହ ପିଇଓ ଙ୍କ ସହ ଯୋଗାଯୋଗ ସମ୍ଭବ ହେଉନଥିବାର କହିଥିଲେ କିଛି ହିତାଧିକାରୀ। ଏହି ମାସ ସୁଦ୍ଧା ଏହି ସମସ୍ତ ହିତାଧିକାରୀଙ୍କୁ ଭତା ପ୍ରଦାନ କରାଯିବ ବୋଲି ଜଣାପଡିଛି।

## ଗୁପ୍ତେଶ୍ୱର ପୀଠର ଉନ୍ନତି ପାଇଁ ଏକାଠି ହେଲେ ଜିଲ୍ଲାର ୪ ବିଧାୟକ, ଉନ୍ନୟନ କାର୍ଯ୍ୟ କରିବା ନେଇ କଲେ ସମୀକ୍ଷା





ବୈପାରିଗୁଡା: ଦକ୍ଷିଣ ଓଡିଶାର ପ୍ରମୁଖ ଶୈବପୀଠ ତଥା ଓଡିଶା ସହିତ ଛତିଶଗଡ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ ଲକ୍ଷାଧିକ ଭକ୍ତ ଆସୁଥିବା ପ୍ରସିଦ୍ଧ ଶୈବପୀଠ ବାବା ଗୁପ୍ତେଶ୍ୱର ପୀଠରେ ଅଧିକରୁ ଅଧିକ ଉନ୍ନତି କରିବା ନିମେନ୍ତ ଆଜି ବିଜେଡି ଜିଲ୍ଲାସଭାପତିଙ୍କ ସହିତ କୋରାପୁଟ ଜିଲ୍ଲାର ୪ ବିଧାୟକଙ୍କ ସହ ଜିଲ୍ଲାପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ, ବୈପାରିଗୁଡା ବ୍ଲକ ଅଧ୍ୟକ୍ଷା , ଉପାଧ୍ୟକ୍ଷ ,ଜିଲ୍ଲାପରିଷଦ ସଭ୍ୟ, ସରପଂଚ ଓ ସମିତିସଭ୍ୟ ମାନଙ୍କ ସହିତ ପ୍ରଶାସନିକ ଅଧିକାରୀ ମାନେ ଗୁପ୍ତେଶ୍ୱର ପୀଠକୁ ଗ୍ରସ୍ତ କରିଥିବାର ଜଣାପଡିଛି। ଗୁପ୍ତେଶ୍ୱର ପୀଠ ରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଆଉ କଣ ଅଧିକ ଯୋଜନା କଲେ ଭକ୍ତ ମାନେ ସମସ୍ତ ସୁବିଧାର ସୁଯୋଗ ପାଇ ପାରିବେ ସେହି ବିଷୟକୁ ନେଇ ବୈପାରିଗୁଡା ବିଡିଓ ଓ ତହସିଲଦାରଙ୍କ ସହିତ ବ୍ଲକ କାର୍ଯ୍ୟାଳୟରେ ଆଲୋଚନା କରିଥିଲେ। ତାହା ପରେ ସମସ୍ତ ଅଧିକାରୀ ଓ ୪ ବିଧାୟକ,ଜିଲ୍ଲାପରିଷଦ ଅଧ୍ୟକ୍ଷା ,ଉପାଧ୍ୟକ୍ଷ ଗୁପ୍ତେଶ୍ୱର ପୀଠକୁ ଯାଇ ତଦାରଖ କରିଥିବାର ଦେଖିବାକୁ ମିଳିଛି। ଗୁପ୍ତେଶ୍ୱର ପୀଠର ଭିତିଭୂମିର ବିକାଶ ପାଇଁ କ୍ଷେତ୍ରୀୟ ପରିଦର୍ଶନ କରିବା ସହ ବିଦ୍ୟୁତ୍ ଷ୍ଟ୍ରକଚରର ଉନ୍ନତୀକରଣ ,ଭକ୍ତଙ୍କ ଶୌଚଳାୟ ନିର୍ମାଣ ବିଭିନ୍ନ ଯୋଜନା ଓ ପ୍ରକଳ୍ପ ମାଧ୍ୟମରେ ଏହି ସମସ୍ୟାର ସମାଧାନ କରିବା ଦିଗରେ ସମସ୍ତେ ଧ୍ୟାନ ଦେବେ ବୋଲି ପ୍ରତିଶୃତି ମଧ୍ୟ ରଖିଥିଲେ। ଗପ୍ତେଶ୍ୱର ଗ୍ରସ୍ତ ସମୟରେ ବୈପାରିଗୁଡା ବିଡିଓ ଅଭିମନ୍ୟୁ କବି ଶତପଥି, ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, ବିଜେଡି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ , ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡାଲ, କୋଟପାଡ ବିଧାୟକା ପଦ୍ମିନୀ ଦିଆନ, ପଟାଙ୍ଗୀ ବିଧାୟକ ପ୍ରିତମ ପାଢୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ଜିଲ୍ଲାପରିଷଦ ଅଧ୍ୟକ୍ଷ ସସ୍ମିତା ମେଲେକା , ଉପାଧ୍ୟକ୍ଷ ରାଧାଗେବିନ୍ଦ ସାମନ୍ତରାୟ,ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ଉପାଧ୍ୟକ୍ଷ ପୂର୍ଣ୍ଣମା ବାରିକ, ଜିଲ୍ଲାପରିଷଦ ରାଜେଶ୍ୱର ମହୁରିଆ, ଦୋରାଗୁଡା ସମିତିସଭ୍ୟ ତ୍ରିଲୋଚନ ଜେନା, ହଳଦୀକୁଣ୍ଡ ସମିତିସଭ୍ୟ ବିଭୀଷଣ ହନ୍ତାଳ,ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇଙ୍କ ଦ୍ୱାରା ପୁରସ୍କୃତ ହେଲା ବୋରିଗୁମ୍ମା ବ୍ଲକ

କୋରାପୁଟ ଠାରେ ଜିଲ୍ଲା ସ୍ତରୀୟ ୭୬ ତମ ସ୍ୱାଧୀନତା ଦିବସ ସ୍ଥାନୀୟ ପୁଲିସ ପଡିଆ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି ।ଏହି ଉତ୍ସବରେ ମାନ୍ୟବର ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା(ସ୍ୱାଧୀନ)ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ପ୍ରୀତିରଞ୍ଜନ ଘଡେଇ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିବା ସହ ସମବେତ ଜନତାଙ୍କୁ ଉଦବୋଧନ ଦେଇଥିଲେ ତଥା ବୋରିଗୁମ୍ମା ବ୍ଲକ ସହିତ ଅନ୍ୟମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।ଏହି ଅବସରରେ ଶ୍ରୀ ଘଡେଇ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ତଥା ସ୍ୱାଧୀନତା ଆନ୍ଦୋଳନର ସ୍ମୃତିଚାରଣ କରିଥିଲେ ।ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଗୁଡିକ ସଂପର୍କରେ ଆଲୋକପାତ କରିଥିଲେ ।ଶେଷରେ କୋରାପୁଟ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ମାନଙ୍କୁ ତଥା ସରକାରୀ ଅଧିକାରୀ ମାନଙ୍କୁ ସମ୍ମାନିତ କରିଥିଲେ ।

# ଅହିଂସା ରଥର କାକଟପୁର, ଅସ୍ତରଙ୍ଗ ଓ ଗୋପ ବ୍ଲକ ର ବିଭିନ୍ନ ଅଚଂଳ ପରିକ୍ରମଣ



ପୁରୀ ୧୭/୮ ନି.ପ୍ର): ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ ଅହିଂସା ରଥ ଆଜି କାକଟପୁର, ଅସ୍ତରଙ୍ଗ ଓ ଗୋପ ବ୍ଲକ ର ବିଭିନ୍ନ ଅଚଂଳ ପରିକ୍ରମା କରିବା ସହ ବିଶାଳ ଭିଡିଓ ୱ୍ୱାଲ ଜରିଆରେ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀ ମାନଙ୍କ ଜୀବନୀକୁ ପ୍ରଦର୍ଶନ କରିଥିଲା।। ରାଜ୍ୟର ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ଜୀବନୀ,ଆଦର୍ଶ ଉପରେ ଆଧାରିତ ସୁନ୍ଦର ଫିଲ୍ମ ଏଥିରେ ପ୍ରଦର୍ଶିତ କରାଯାଉଛି । ଗତକାଲି ନିମାପଡା ବ୍ଲକ ଓ ନିମାପଡା ଏନ ଏ ସି ର ବିଭିନ୍ନ ଅଚଂଳ ପରିକ୍ରମା କରିବା ପରେ ଅହିଂସା ରଥ କାକଟପୁର ରେ ଅବସ୍ଥାନ କରିଥିଲା । ଆଜି ପୂର୍ବାହ୍ନରେ କାକଟପୁର ବ୍ଲକ ର ବିଶ୍ୱାମିତ୍ର ଆଶ୍ରମ,ମା ମଗଂଳା ମନ୍ଦିର ଗେଟ କାକଟପୁର ହାଇସ୍କୁଲ ଓ ପରେ ମୂଳାଗଡ଼ ନିକଟରେ ରଥକୁ ସ୍ୱାଗତ ସହ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା । ଏହା ପରେ ଅସ୍ତରଙ୍ଗ ବ୍ଲକ ର ଲବଣ ସତ୍ୟାଗ୍ରହ ର ଐତିହାସିକ ପୀଠ କୁହୁଡି ଠାରେ ରଥକୁ ବିପୁଳ ସମ୍ବର୍ଦ୍ଧନା ସହ ସଂଗ୍ରାମୀ ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ଓ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା । ସେହିପରି ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ, ଅସ୍ତରଙ୍ଗ ପଚାଂୟତ ଅଫିସ, ନଇଗୁଆଁ ଠାରେ ମଧ ଭବ୍ୟ ସ୍ୱାଗତ ସହ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା । ଏଥିରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶ୍ରୀ ସ୍ୱାଧୀନ ନାୟକ ଅସ୍ତରଙ୍ଗ ତହସିଲଦାର ରାଜଲକ୍ଷ୍ମୀ ନାୟକ, କାକଟପୁର ବିଡ଼ିଓ ଶ୍ରୀ ତୁଷାର ଜ୍ୟୋତି ରଞ୍ଜନ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ଆରତୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଗୋପ ବ୍ଲକ ପକ୍ଷରୁ ଜଗଂଲବୋରି ପଚାଂୟତ କାର୍ଯ୍ୟାଳୟ ଠାରେ ରଥକୁ ସ୍ୱାଗତ କରାଯାଇ ଏକ ବିଶାଳ ଶୋଭାଯାତ୍ରାରେ ନୂଆହାଟ ଉଚ୍ଚ ବିଦ୍ୟାଳୟ କୁ ଅଣାଯାଇ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା । ପରେ ବଉଳାଙ୍ଗ ଓ ଏରବଙ୍ଗ ଠାରେ ରଥ ପହଞ୍ଚି ଭିଡ଼ିଓ ଶୋ ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମ ରେ ସଂଗ୍ରାମୀ ମାନଙ୍କ ସ୍ମୃତି କୁ ପ୍ରଦର୍ଶନ କରିଥିଲା । ଗୋପ ବିଡ଼ିଓ ଦୀପ୍ତି ରାଣୀ ଦାସ,ଲୋକ ପ୍ରତିନିଧି ଓ କର୍ମଚାରୀ ମାନେ ରଥ ପରିକ୍ରମାରେ ସହଯୋଗ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପରିଚାଳନା କରି ଥିଲେ । ପ୍ରତ୍ୟେକ ସ୍ଥାନରେ ସାଧାରଣ ଜନତା ହାତରେ ତ୍ରିରଙ୍ଗା ପତାକା ଧରି ରଥକୁ ବିପୁଳ ସ୍ୱାଗତ କରିଥିଲେ । ଛାତ୍ର ଛାତ୍ରୀ ମାନେ ଉତ୍ସାହ ର ସହ ଦେଶାତ୍ମବୋଧକ ସଂଗୀତ ତାଳରେ ନୃତ୍ୟ ପରିବେଷଣ କରିଥିଲେ ।

# ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲରେ ଫଳ ଦିବସ ପାଳନ

ଭୁବନେଶ୍ୱର ୧୭/୮ ନି.ପ୍ର): ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ ପିଲାମାନଙ୍କର ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ସେବନ ବିଷୟରେ ଖୁବ ସଚେତନ । ବ୍ୟସ୍ତବହୁଳ ଜୀବନରେ ଆଜି ଛୋଟ ପିଲାଠାରୁ ଯୁବବର୍ଗ ଯାଏ ଫାଷ୍ଟ ଫୁଡକୁ ପସନ୍ଦ ବା ଆଗ୍ରହ କରୁଛନ୍ତି ଫାଷ୍ଟ ଫୁଡ୍ ଯେ ଆମ ଶରୀର ପ୍ରତି ଅତ୍ୟଧିକ କ୍ଷତିକାରକ ହୋଇଥାଏ ଏଥିରେ ସନ୍ଦେହ ନାହିଁ । ଏଥିରେ ଅତ୍ୟଧିକ ଶର୍କରା ଓ ଲୁଣ ରହିଥାଏ, ଏହା ନିୟମିତ ଖାଇବା ଦ୍ୱାରା ହୃତପିଣ୍ଡ, ମସ୍ତିଷ୍କ ଏବଂ ଅସ୍ଥି ଉପରେ ତାହାର ପ୍ରଭାବ ପଡ଼ିଥାଏ । ତେଣୁ ପିଲାମାନେ କିଭଳି ସୁସ୍ଥ ଓ ନିରୋଗ ରହିବେ ସେଥିପାଇଁ ଆଦିତ୍ୟ ବିର୍ଲା ସ୍କୁଲର ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଦାଶଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଲକେଜି ଓ ୟୁକେଜି ପିଲାମାନେ ଫଳ ବେଶ ଧାରଣ କରି ଫଳର ଉପକାରିତା ବିଷୟରେ ଖୁବ ସୁନ୍ଦର ଭାବରେ ମନ୍ତବ୍ୟ ପ୍ରକାଶ କରିଥିଲେ । ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପିଲମାନେ ଫଳ ଦିବସ ଉପଲକ୍ଷେ ସଂଗୀତ ଗାନ କରିଥିଲେ । ଅଭିଭାବକ ଓ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟକ୍ଷ ଏହି କୁନିକୁନି ପିଲାମାନଙ୍କର ସୁନ୍ଦର କାର୍ଯ୍ୟକ୍ରମ ଦେଖି ବିଭୋର ହୋଇଯାଇଥିଲେ । ବିଦ୍ୟାଳୟର ସମସ୍ତ ଅଭିଭାବକଙ୍କୁ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ ଯେ ଦୈନନ୍ଦୀନ ଖାଦ୍ୟରେ ଫଳକୁ ସାମିଲ କରିବା ପାଇଁ, ଜଙ୍କ୍ ଫୁଡ୍ ଠାରୁ ଦୂରେଇ ରହିବା ଉଚିତ । ଆଜିର ପିଲା ଆସନ୍ତା କାଲିର ଭବିଷ୍ୟତ, ଏହାକୁ ଦୃଷ୍ଟିରେ ରଖି ଶେଷରେ କୁନିକୁନି ପିଲାମାନଙ୍କୁ ଫାଷ୍ଟ ଉଡ୍ ନଖାଇ ଫଳ ଓ ଭିଟାମିନ ଯୁକ୍ତ ଖାଦ୍ୟ ସେବନ କରିବାକୁ ପରାମର୍ଶ ଦେଇଥିଲେ । ଖୁବ ସୁନ୍ଦର ଭାବରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଜିଲ୍ଲା ଯୁବ ବିଜେଡି ପକ୍ଷରୁ ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ ସ୍ୱାଗତ

କେନ୍ଦ୍ରାପଡ଼ା, ୧୭।୮ : କେନ୍ଦ୍ରାପଡା ଜିଲ୍ଲା ଯୁବ ବିଜୁ ଜନତା ଦଳ ପକ୍ଷରୁ ଓଡିଶାର ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୁଜାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ପୁଜାରୀ ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀକୁ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସହିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବୁଧବାର କେନ୍ଦ୍ରାପଡା ଦେଇ ଯାଉଥିବା ବେଳେ ଗରାପୁରସ୍ଥିତ ଡାକବଙ୍ଗଳାରେ କିଛି ସମୟ ପାଇଁ ଅଟକି ଯାଇଥିଲେ । ସେଠାରେ ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଉପସଭାପତି ମହେନ୍ଦ୍ର ମିଶ୍ର, ସମ୍ପାଦକ ଲେଲିନ କୁମାର ସ୍ୱାଇଁ, ସମ୍ପାଦକ ଉମେଶ ଚନ୍ଦ୍ର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭଳ ପ୍ରମୁଖ ମନ୍ତ୍ରୀ ଶ୍ରୀ ପୁଜାରୀ ଓ ରାଜନଗର ବିଧାୟକ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

# ମକରା ନଦୀ ବନ୍ଧରେ ଘାଇ ଲୋକେ ଆତଙ୍କିତ

କଣାସ:୧୭/୮ ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଚୁପୁରିଙ୍ଗ ପଞ୍ଚାୟତ ପହିଲୁଣ୍ଡି କଉଡ଼ିଆପୁର ନିକଟ ମକରା ନଦୀ ବନ୍ଧରେ ପ୍ରଥମେ ଘଳିଆ ଓ ପରେ ପରେ ମାଟି ଅତଡ଼ା ଖାଇବାରୁ ଘାଇ ସୃଷ୍ଟି ହୋଇଛି ।ଯାହାଫଳରେ ପାଖାପାଖି ଅଞ୍ଚଳର ଲୋକମାନେ ଭୟଭୀତରେ ଅଛନ୍ତି ।ଘାଇ ହେବା ଦ୍ୱାରା ଚୁପୁରିଙ୍ଗ ସାହୁପଡ଼ା,ବକୁ,କାଦୁଆ , ଆଦି ପଞ୍ଚାୟତର ଅନେକ ଗାଁ ପ୍ରଭାବିତ ହେବାର ସମ୍ଭବନା ରହିଛି ।ହୀରାକୁଦ ଜଳଭଣ୍ଡାରର ଗେଟ୍ ଦେଇ ଆସୁଥିବା ବନ୍ୟାଜଳ ବିଭିନ୍ନ ନଦୀରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ଯାହା ଫଳରେ ନଦୀ ବନ୍ଧ ଦୃବଳ ଯୋଗୁ ଘାଇ ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଲୋକମାନେ ଅନୁମାନ କରୁଛନ୍ତି । ସବୁଠାରୁ ବିଡ଼ମ୍ବନାର ବିଷୟ ଗତ ୨୦୨୦ମସିହାରେ କଣାସ ବ୍ଲକର ମାଟିଆପଡ଼ା ଠାରେ ନଦୀବନ୍ଧରେ ଘାଇ ସୃଷ୍ଟି ହୋଇଥିଲା ଯାହାଫଳରେ ଅନେକ କ୍ଷୟ କ୍ଷତି ହୋଇଥିଲା ।ହେଲେ ଚଳିତ ବର୍ଷ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଅନେକ ନଦୀ ବନ୍ଧ ମରାମତି ନହେବା ଯୋଗୁଁ ଦୁର୍ବଳ ହୋଇପଡିଛି ସେଥିପାଇଁ ଅନେକ ସ୍ଥାନରେ ଘଳିଆ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି ।କଣାସ ବ୍ଲକ୍ ଚିଲିକା ନିକଟବର୍ତ୍ତୀ ହୋଇଥିବାରୁ ବନ୍ୟା ପ୍ରପୀଡ଼ିତ ଭାବେ ବେଶ୍ ଜଣାଶୁଣା ପ୍ରତି ବର୍ଷ ବନ୍ୟା ଆସୁଛି ସେହି ସମୟରେ ବିଭାଗୀୟ ଅଧିକାରୀ ଜେନେତେନେ ପ୍ରକାର ମରାମତି କରି ଚାଲିଯାଉଛନ୍ତି ଯାହା ଦ୍ୱାରା ଠିକାଦାରମାନେ ପୋଷା ହେଉଥିବା ବୁଦ୍ଧିଜିବୀମାନେ କହିଛନ୍ତି । ପ୍ରଶାସନ ସଠିକ୍ ତଦାରଖ କରୁନଥିବାରୁ ଓ ଖରା ଦିନେ ନଦୀ ବନ୍ଧ ମରାମତି ନହେବାରୁ ଅନେକ ବନ୍ଧରେ ଘଳିଆ ସୃଷ୍ଟି ହୋଇ ବନ୍ୟା ପରିସ୍ଥିତି ଉପୁଜିଛି । କଣାସ ଅଞ୍ଚଳ ପାଇଁ ପ୍ରଶାସନ ପକ୍ଷରୁ ନଦୀ ବନ୍ଧ ଗୁଡିକର ସ୍ଥାୟୀ ମରାମତି କରାଗଲେ ବନ୍ୟା ଦାଉରୁ ଲୋକମାନେ ରକ୍ଷା ପାଇପାରନ୍ତେ ।ଚଳିତ ବର୍ଷ ଏଭଳି ବନ୍ୟା ଘଟଣା ନୁହେଁ ପ୍ରତି ବର୍ଷ ବନ୍ୟା ଆସିଲେ ଘଳିଆ ସୃଷ୍ଟି ହେଉଛି ତଳିଆ ଗ୍ରାମ ଗୁଡ଼ିକରେ ପାଣି ପଶୁଛି ।ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଚଳିତ ବର୍ଷ ବନ୍ୟା ଯୋଗୁ ଅନେକ ଗାଁ ଜଳବନ୍ଦୀ ଅବସ୍ଥାରେ ଥିବା ବେଳେ ବାହ୍ୟ ଜଗତରୁ ବିଛିନ୍ନ ହୋଇପଡ଼ିଛି । ଦୋକନ୍ଦା,ବଡ଼ାସ,ପାଣ୍ଡିଆକେରା, ଗଡ଼ବଳଭଦ୍ରପୁର ଆଦି ପଞ୍ଚାୟତର ଅନେକ ଗାଁ ଜଳବନ୍ଦୀ ଜୀବନ ବିତାଉଛନ୍ତି ।କେତେକ ରାସ୍ତାରେ ପାଣି ଚାଲୁଥିବାରୁ ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି ।

# ବର୍ଷରେ ବର୍ତ୍ତିବା ପାଇଁ ସଫେଇ କର୍ମଚାରୀଙ୍କୁ ରେଇନ୍ କୋଟ ପ୍ରଦାନ କଲେ କର୍ପୋରେଟର ସୂର୍ଯ୍ୟକାନ୍ତ ସୁବୁଦ୍ଧି



ବ୍ରହ୍ମପୁର, ୧୭।୮ ଦୀର୍ଘ ଦିନ ହେବ ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୧୨ ନମ୍ବର ୱାର୍ଡ ହଉସିଂ ବୋର୍ଡ ଓ ପ୍ରେମ ନଗର ଅଞ୍ଚଳରେ କାର୍ଯ୍ୟରତ ଥିବା ସଫେଇ କର୍ମଚାରୀମାନେ ବର୍ଷାରେ ଓଦା ହୋଇ ସଫେଇ କାର୍ଯ୍ୟ କରୁଥିଲେ । ଏହାକୁ ଦେଖି ସ୍ଥାନୀୟ ଆଇନଜୀବୀ ତଥା ଯୁବ ନେତା କର୍ପୋରେଟ ଶ୍ରୀ ସୂର୍ଯ୍ୟକାନ୍ତ ସୁବୁଦ୍ଧି ଏକ ପ୍ରକାର ଭାବ ବିଭୋର ହୋଇଯାଇ ଥିଲେ । ଏବଂ ଏହାକୁ ସହ୍ୟ ନକରିପାରି ନିଜ ମାନବିକତା ଦେଖାଇ ନିଜସ୍ୱ ହାତ ପାଣ୍ଠିରୁ ଟଙ୍କା ଖର୍ଚ୍ଚ କରି ୱାର୍ଡର ସମସ୍ତ ସଫେଇ କର୍ମଚାରୀ ଓ ସୁପରଭାଇଜର ମାନଙ୍କୁ ଉନ୍ନତ ମାନର ରେଇନ କୋଟ ପ୍ରଦାନ କରିଛନ୍ତି । କେବଳ ଏତିକି ନୁହେଁ, କର୍ପୋରେଟର ଶ୍ରୀ ସୁବୁଦ୍ଧି ଉକ୍ତ ସଫେଇ କର୍ମଚାରୀ ମାନଙ୍କ ଘର ଘର ବୁଲି ନିଜ ହାତରେ ରେଇନ କୋଟ ପ୍ରଦାନ କରିଥିଲେ । ଏହି ମହତ୍ କାର୍ଯ୍ୟ କରିଥିବା ଲୋକ ପ୍ରତିନିଧି ତଥା କର୍ପୋରେଟର ଶ୍ରୀ ସୁବୁଦ୍ଧିଙ୍କୁ ସମସ୍ତ ସଫେଇ କର୍ମଚାରୀ ମାନେ ଧନ୍ୟବାଦ ଜଣାଇଥିବା ବେଳେ, ଅଞ୍ଚଳ ବହୁ ବରିଷ୍ଠ ବୁଦ୍ଧିଜୀବୀ ମାନେ ମଧ କର୍ପୋରେଟରଙ୍କ ଏହି ମହାନ କାର୍ଯ୍ୟକୁ ସାଧୁବାଦ ଜଣାଇଛନ୍ତି । ଏନେଇ କର୍ପୋରେଟର ଶ୍ରୀ ସୁବୁଦ୍ଧି କହିଛନ୍ତି ଯେ, ଏହା ମୋର ମହାନତା ନୁହଁ, କେବଳ ଏକ ମାନବିକତା । ଉକ୍ତ ସଫେଇ କର୍ମଚାରୀମାନେ ବର୍ଷାରେ ଭିଜି କାର୍ଯ୍ୟ କରୁଥିଲେ, ଯାହା ମୋତେ ଦେଖିବା ମାତ୍ରେ ଅତି କଷ୍ଟ ଅନୁଭୂତି ହୋଇଥିଲା । ତେଣୁ ସେହି କଷ୍ଟର ନିରାକରଣ ପାଇଁ ଏକ ଛୋଟିଆ ପ୍ରୟାସଟେ କରିଛି, ଯେହେତୁ ଏହି ସୁବିଧା ଦ୍ୱାରା ସେମାନେ ବିନା କୌଣସି ଦୁବିଧାରେ ସେମାନେ ନିଜ କାର୍ଯ୍ୟ ନିର୍ବାହ କରିପାରିବେ, ତେଣୁ ଏହା ପ୍ରଦାନ କରିଛି ବୋଲି ଯୁବ ନେତା ଶ୍ରୀ ସୁବୁଦ୍ଧି କହିଛନ୍ତି ।

# ଦେଶାତ୍ମବୋଧକ ସଙ୍ଗୀତ ଓଡ଼ିଆ ମାଟିର ଯୋଦ୍ଧା ଲୋକାର୍ପିତ

ବ୍ରହ୍ମପୁର: ଆମ ଦେଶ ଭାରତର ୭୬ତମ ସ୍ୱତନ୍ତ୍ରତା ଦିବସ ଅବସରରେ ଈଶା ଭିଜନ ପକ୍ଷରୁ ଏକ ଦେଶାତ୍ମବୋଧକ ବୋଧକ ଗୀତ ଓଡ଼ିଆ ମାଟିର ଯୋଦ୍ଧା ଲୋକାର୍ପିତ ହୋଇଯାଇଅଛି । ତେବେ ସମ୍ପୂର୍ଣ୍ଣ ନୁଆଁ ସଙ୍ଗୀତ ସହ ପାରମ୍ପରିକ ବାଦ୍ୟ ଯନ୍ତ୍ରର ବ୍ୟବହାର ସହ ସଙ୍ଗୀତରେ ଶାସ୍ତ୍ରୀୟ ଛୁଆଁରେ ଗୀତଟି ଦର୍ଶକ ଆଦୃତି ଲାଭ କରିବା ସହ ଏକ ମାଇଲ ଖୁଣ୍ଟକୁ ହାସଲ କରିବ ବୋଲି ପୁରା ଈଶା ଭିଜନ ଟିମ ଆଶା କରିଛନ୍ତି । ତେବେ ଈଶା ଭିଜନ ୟୁଟୁବ ଚେନେଲରେ ଏହି ଗୀତ ଉପଲବ୍ଧ ହେବା ସହ ଏହି ଗୀତକୁ ପରିକଳ୍ପନା ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଇଂ. ସନ୍ୟାସୀ ମହାରଣା ସହ ପ୍ରଯୋଜନା ଦାୟିତ୍ୱରେ ରାମେଶ୍ୱରୀ ନନ୍ଦ, ସଙ୍ଗୀତରେ ସଜେଇଛନ୍ତି ଗ. ମାଧବ ପାତ୍ର ଏବଂ ଗୀତ ରଚନା କରିଛନ୍ତି ରତ୍ନାକର ଶୀୟ । ଏହି ଗୀତରେ ନିଜର କଣ୍ଠ ଦାନ କରିଛନ୍ତି ଅଭୟ ରଞ୍ଜନ ପାଢ଼ୀ, ଅଦିତି ପାଢ଼ୀ, ଶୀତଳ କବି ଏବଂ ସନ୍ତୋଷ ଦୋରା । ସଙ୍ଗୀତରେ ମାର୍ଗଦର୍ଶକ ଭାବରେ ଅଛନ୍ତି ଇଂ. ଅଭୟେନ୍ଦୁ ଶେଖର ପଟ୍ଟନାୟକ ଏବଂ ଅଭିନୟରେ ସଞ୍ଜୟ କୁମାର ଷଡ଼ଙ୍ଗୀ ବାଲ୍ମୀକି ବିଷୋୟୀଙ୍କର ସମେତ ଓଡିଶୀ ନୃତ୍ୟ ପରିବେଷଣ କ୍ଷେତ୍ରରେ ସୁମନ କୁମାର ମାଝୀ ଏବଂ ସାଥି ସହଯୋଗ କରିଛନ୍ତି । ତେବେ ଏହି ଲୋକାର୍ପଣ ଉତ୍ସବ ଅବସରରେ ଉଦ୍ଘାଟକ ଭାବରେ ମେଜର ରମାରମଣ ପାଢ଼ୀ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ ଅନ୍ୟତମ ମୁଖ୍ୟ ଅତିଥି ଭାବରେ ବିକ୍ରମ କୁମାର ପଣ୍ଡା ମୁଖ୍ୟ ବକ୍ତା ଭାବେ ବ୍ରହ୍ମପୁର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ଏବଂ ସମ୍ମାନ୍ନିତ ଅତିଥି ଭାବରେ ଅଧ୍ୟାପକ ସଞ୍ଜୟ ଷଡଙ୍ଗୀ, ଶକ୍ତିଧର ରାଜଗୁରୁ, ସମାଜସେବୀ ସନ୍ତୋଷ କୁମାର ମହାନ୍ତି, ସୁରେଶ ସେଠି ଓ ଗୋ ?ରୀ ପାତ୍ର ପ୍ରମୁଖ ଯୋଗଦାନ କରିଥିଲେ । ଏହି ଉତ୍ସବ ଅବସରରେ ସମାଜ ସେବା ପାଇଁ ନିୟୋଜିତ କିଛି ଅଗ୍ରଣୀ ଅନୁଷ୍ଠାନ ଯଥା ଟିମ କ୍ଲିନ ସିଟି, ଇଂହର ହ୍ୱିଲ କ୍ଲବ, କବିସୂର୍ଯ୍ୟ ବ୍ଲଡ଼ ଡୋନର ଟିମ ଏବଂ ବିପଦର ବନ୍ଧୁ ଟିମକୁ ଓଡ଼ିଆ ମାଟିର ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଦର୍ଶକ ଗୀତରେ ନିଜକୁ ହଜାଇ ଦେଇଥିବା ବେଳେ ଅନୁଷ୍ଠାନର ଏଭଳି ପ୍ରୟାସ ପାଇଁ ପୁରା ଟିମକୁ ଶୁଭେଚ୍ଛା ଜଣାଇଥିଲେ । ପୁରା କାର୍ଯ୍ୟକ୍ରମକୁ ଉପସ୍ଥାପକ ଶିବାନନ୍ଦ ବାରିକ ସଂଯୋଜନା କରିଥିବା ବେଳେ, ଶେଷରେ ସନ୍ୟାସୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ନଦୀ ବନ୍ଧ ସ୍ଥିତି ଅନୁଧ୍ୟାନ କଲେ ବିଧାୟକ ଓ ଜିଲ୍ଲାପାଳ



କଣାସ ୧୭/୮ ନି.ପ୍ର): ଚଳିତ ବର୍ଷ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା କଣାସ ବ୍ଲକରେ ଥିବା ବିଭିନ୍ନ ନଦୀ ବନ୍ଧ ଗୁଡିକର ସ୍ଥିତି ଅନୁଧ୍ୟାନ କରିଛନ୍ତି ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା । କିଛି ଦିନ ପୂର୍ବରୁ ବକୁ ପଞ୍ଚାୟତ ତୋଟାପଡ଼ା ଗୋପାଳପୁର ନିକରେ ହୋଇଥିବା ଘାଇର ମରାମତି ହୋଇଥିଲା ସେଠାକୁ ଯାଇ ଜିଲ୍ଲାପାଳ ବିଧାୟକ ସ୍ଥିତି ଦେଖିବା ସହ ସ୍ଥାନୀୟ ଜନପ୍ରତିନିଧି ଓ ଲୋକମାନଙ୍କ ସହ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ଆଶଙ୍କା ଥିବାରୁ ଆଲୋଚନା କରିଥିଲେ ।ଆହୁରି ମଧ ଅନ୍ୟାନ୍ୟ ସ୍ଥାନ ବୁଲି ଦେଖିଥିଲେ । କଣାସ ବିଡ଼ିଓ ଲୋଚନ ଦାସ,ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଜଳସେଚନ,ଗ୍ରାମୀଣ ଉନ୍ନୟନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।ଜିଲ୍ଲାପାଳ ଶ୍ରୀଯୁକ୍ତ ବର୍ମା ବନ୍ୟା ସ୍ଥିତି ଉପରେ ନଜର ରଖିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ବ୍ଲକ ଅଧ୍ୟକ୍ଷଙ୍କ ନଦୀବନ୍ଧର ଦୁର୍ବଳ ସ୍ଥାନ ପରିଦର୍ଶନ

କାକଟପୁର-ଚଳିତ ବର୍ଷର ପ୍ରଥମ ସାମ୍ଭାବ୍ୟ ବନ୍ୟା ପରିସ୍ଥିତିର ଅନୁଧ୍ୟାନ ପାଇଁ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ଦେବୀ ନଦୀ ଦକ୍ଷିଣ ପାର୍ଶ୍ୱରେ ଥିବା ନଦୀବନ୍ଧର ଦୁର୍ବଳ ସ୍ଥାନ ଗୁଡିକ ବୁଲି ଦେଖିଛନ୍ତି ।ଏହି ପରିଦର୍ଶନ ସମୟରେ କାକଟପୁର ତହସିଲଦାର ବିରଞ୍ଚିନାରାୟଣ ବେହେରା, ଜଳସେଚନ ଉପଖଣ୍ଡ ଅଧିକାରୀ କୃପାସିନ୍ଧୁ ଷଡଙ୍ଗୀ , ସହକାରୀ ଯନ୍ତ୍ରୀ କ୍ଷିରୋଦ କୁମାର ମହାପାତ୍ର,ଓ ତପନ କୁମାର ନାୟକ,ପାଟସୁନ୍ଦରପୁର ଗ୍ରାପ ସରପଂଚ ଚତୁର୍ଭୁଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।୧୯୮୪ମସିହାରେ ତତ୍ କାଳୀନ ବନ୍ଧର ଉଚ୍ଚତାକୁ ଦେଖି ଚିହ୍ନଟ କରା ଯାଇଥିବା ବିପଦ ସଂକେତର ପରିବର୍ତ୍ତନ ଉପରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ।କାରଣ ସେତେବେଳେର ବନ୍ଧର ଉଚ୍ଚତା ଠାରୁ ବର୍ତ୍ତମାନ ବନ୍ଧର ଉଚ୍ଚତା ଅଧିକ ଥିବାରୁ ବନ୍ଧ ଉପରେ କୌଣସି ବିପଦ ନଥିବା କହିଥିଲେ । କେତେକ ସୋସିଆଲ ମିଡ଼ିଆରେ ଯେଉଁ ଭଳି ଭାବରେ ବାଉରୀଆକଣ ପାଖରେ ଜଳ ବିପଦ ସଂକେତ ଉପରେ ପ୍ରବାହିତ ବୋଲି ପ୍ରଚାର ହେଉଛି,ଫଳରେ ଅଞ୍ଚଳ ବାସୀଙ୍କ ମନରେ ଛନକା ପଶିଯାଉଛି । ଅନ୍ୟପଟେ ୪୦ପାଖାପାଖି ଗେଟ ଖୋଲା ଯିବାର ଥିବାରୁ, ନିମାପଡ଼ା ଜଳସେଚନ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ଶଶିଭୂଷଣ ମିଶ୍ର ରାତ୍ରି ପେଟ୍ରୋଲିଙ୍ଗକୁ କଡାକଡି କରିବାକୁ ଉପଖଣ୍ଡ ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି । ସେଥିପାଇଁ କେହି ଭୟ କରିବା ଦରକାର ନାହିଁ । ଯେକୌଣସି ପରିସ୍ଥିତିର ସାମ୍ନା କରିବାକୁ କାକଟପୁର ପ୍ରଶାସନ ସକ୍ଷମ ବୋଲି କହି ଅଧ୍ୟକ୍ଷ ସାଧାରଣ ଲୋକଙ୍କ ମନରୁ ଭୟର ବାତାବରଣ ଦୂର କରିଥିଲେ ।



## ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ଦେଶାତ୍ମବୋଧକ କବିତା ପାଠ

ତରଭା ୧୭/୮ ନି.ପ୍ର): ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କୋଶଳ ସାହିତ୍ୟ ଏକାଡ଼େମୀର ସଭାପତି ଦେବେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଶିକ୍ଷାବିତ ପ୍ରଦୀପ କୁମାର ମାହାଣା ମୁଖ୍ୟ ଅତିଥି, କୋଶଳ ସାହିତ୍ୟ ଏକାଡ଼େମୀର ସମ୍ପାଦକ ରାଜେନ୍ଦ୍ର ଝାଙ୍କର ମୁଖ୍ୟ ବକ୍ତା ଓ ସାମ୍ବାଦିକ ଅନ୍ତର୍ଯ୍ୟାମୀ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଅମୃତ ମହୋତ୍ସବ ପାଳନର ତାତ୍ପର୍ଯ୍ୟପୂର୍ଣ୍ଣ ଓ ମହତ୍ତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ ।ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ ପୂର୍ତ୍ତି ଅବସରରେ ଶୈକ୍ଷିକ, ସାମାଜିକ,ଆଧ୍ୟାତ୍ମିକ, ଅର୍ଥନୈତିକ ଓ ସାଂସ୍କୃତିକ ଦିଗରେ ସାରା ବିଶ୍ୱରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବିଷୟରେ ଆଲୋକପାତ କରିଥିଲେ ।

# ପାପଡାହାଣ୍ଡି ବ୍ଲକ ର ମୋକିଆ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀ ଠାରେ କମିଟି ମାନଙ୍କର ଏକ ପ୍ରଶିକ୍ଷଣ ଶିବିର




ନବରଙ୍ଗପୁର୧୭/୮ ନି.ପ୍ର): ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ କମଳ ଲୋଚନ ମିଶ୍ରଙ୍କ ଦ୍ୱାରା ଶୁଭ ଉଦଘାଟନ ହୋଇ ଯାଇଛି । ଜିଲ୍ଲାପାଳ ଡ଼ଃ ମିଶ୍ର ଉପସ୍ଥିତ ଥିବା ସଭାର ସମସ୍ତ ସଭ୍ଯ ମାନଙ୍କୁ ସ୍ୱାଗତ ଜଣାଇବା ସହିତ ପାକୃତିକ ବିପର୍ଯ୍ୟୟ ସମୟରେ ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ କିପରି ସୁରକ୍ଷିତ ରଖିବେ ବୁଝାଇଥିଲେ । ତାହା ସହିତ ନିଜ ଅସମୟରେ ମାଆ ଆମକୁ ଯେମିତି ସାହାର୍ଯ୍ୟ କରନ୍ତି,ସେହିପରି ପାକୃତିକ ବିପର୍ଯ୍ୟୟ ସମୟରେ ବହୁମୂଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ଆମକୁ ମାଆ ଭଳି ଆଶ୍ରୟଦିଏ । ତେଣୁ ଆଶ୍ରୟସ୍ଥଳୀ ର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଉପସ୍ଥିତ ଥିବା ସମସ୍ତ ସଭ୍ଯ ଙ୍କୁ ବୁଝାଇଥିଲେ ।ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ନେଇଥିବା ଜିଲ୍ଲାର ଘଏଙ ମାନେ ଏବଂ ସୁଦୂର ଗଂଜାମ ଜିଲ୍ଲାରୁ ଆସିଥିବା ଦୁଇ ଜଣ ପ୍ରଶିକ୍ଷକ ତ୍ରିଲୋଚନ ପ୍ରଧାନ ଏବଂ ଅଶୋକ ରାଉଳ ଏହି କାର୍ଯ୍ୟକ୍ରମରେ ଅନ୍ୟମାନ ଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୌସୁମୀ ନାୟକ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ପାପଡାହାଣ୍ଡି ରଞ୍ଜିତା ମଲ୍ଲିକ, ପାପଡାହାଣ୍ଡି ବ୍ଲକ ଅଧ୍ୟକ୍ଷା ହେମ ଲତା ମାଝୀ, ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା,ଜିଲ୍ଲା ଜରୁରୀକାଳୀନ ବିଭାଗ ର ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ବରିଷ୍ଠ ରାଜସ୍ୱ ସହାୟକ ତ୍ରିପତି ବାଲାଜୀ ସାହୁ,ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏସ୍ ଗୀତା, ମକିଆ ବହୁମୂଖୀ ବାତ୍ୟା ଆଶ୍ରୟସ୍ଥଳୀ ର ସଭାପତି ତଥା ସରପଞ୍ଚ ଜଗଜୀବନ ନାୟକ, ସମ୍ପାଦକ ଯୁଗଳ ବିଶୋଇ,ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସଚିଦା ନନ୍ଦ ତ୍ରିପାଠୀ, ସାହାରା ଉମରକୋଟ ର ଅଶୋକ କୁମାର ପ୍ରଧାନ, ଇସାରା ଚନ୍ଦାହାଣ୍ଡି ରମେଶ ଚନ୍ଦ୍ର ପଣ୍ଡା, ପି ଏଚ୍ ଆର୍ ଏସ୍ ନବରଙ୍ଗପୁର ସୂର୍ଯ୍ୟ କାନ୍ତ ନାୟକ,ରାଜସ୍ୱ ନିରୀକ୍ଷକ ଦହଣା ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପାଣିନାଳ ଉପରେ ଗୃହ ନିର୍ମାଣ ଜିଲ୍ଲାପାଳଙ୍କୁ ଦାବିପତ୍ର

ପୁରୀ, ୧୭/୮ ନି.ପ୍ର): ପୁରୀ ସଦରବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମପଂଚାୟତ ମୁକୁନ୍ଦ ମିଶ୍ର ନଗର ସଂଲଗ୍ନ ପାଣି ନାଳ ଉପରେ ଗୋପୀନାଥପୁର ମହିଳା ମହାସଂଘର ଗୃହ ନିର୍ମାଣକୁ ବିରୋଧ କରି ମହିଳାମାନେ ଜିଲ୍ଲାପାଳଙ୍କୁ ଆଜି ଦାବିପତ୍ର ଦେଇଛନ୍ତି ।ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ମୌଜା ସମଙ୍ଗ ଖାତା-୧ , ପ୍ଲଟ ନମ୍ବର-୧ , କିସମ ନୟନ ଯୋରି ରହିଛି । ଯାହା ନିକଟରେ ମୁକୁନ୍ଦ ମିଶ୍ର ନଗରର ଅଢେଇ ହଜାରରୁ ଉର୍ଦ୍ଧ୍ୱ ବାସିନ୍ଦା ରହୁଛନ୍ତି । ସେହି ଅଂଚଳର ପାଣି ଯେଉଁ ନାଳ ଦେଇ ନିଷ୍କାସିତ ହେଉଥିଲା ସେହି ନାଳ ଉପରେ ମହାସଂଘର ଗୃହ ନିର୍ମାଣ ହେବା ଯୋଗୁଁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଛି । ଏହି ଅଂଚଳ ପଙ୍କୁଆ ଓ ଖାଲୁଆ ଅଂଚଳ ହୋଇଥିବାରୁ ନିର୍ମାଣ ଗୃହଟି ଭାଙ୍ଗି ଯିବାର ଆଶଙ୍କା ରହିଛି । ତେଣୁ ଏହି ସ୍ଥାନରୁ ଗୃହକୁ ଭାଙ୍ଗିବା ସହ ଅନ୍ୟ ସ୍ଥାନରେ କରିବା ପାଇଁ ଦାବି କରିଛନ୍ତି । ଏ ସମ୍ପର୍କରେ ଜିଲ୍ଲାପାଳ ଘଟଣାସ୍ଥଳ ଅନୁସନ୍ଧାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମହିଳାମାନେ ନିବେଦନ କରିଛନ୍ତି । ଦାବିପତ୍ର ଦେବାକୁ ଯାଇଥିବା ମହିଳାମାନଙ୍କ ମଧ୍ୟରେ ମମତା ମିଶ୍ର, ଦୁଃଖୀ ଦାସ, ସ୍ୱର୍ଣ୍ଣଲତା ସାମନ୍ତରାୟ, ପୁଷ୍ପଲତା ପ୍ରଧାନ, ରୋଜି ମଲ୍ଲିକ, ସୋନାଲି ମଲ୍ଲିକ, ମୀତା ପାଟଶାଣୀ, କୁନି ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ବ୍ରହ୍ମଗିରି ବିକାଶ ମଂଚର ବୃକ୍ଷରୋପଣ

ପୁରୀ, ୧୭/୮ ନି.ପ୍ର): ବ୍ରହ୍ମଗିରିର ବିକାଶ ପାଇଁ ବ୍ରହ୍ମଗିରି ବିକାଶ ମଂଚ ନାମରେ ଏକ ନୂତନ ଅନୁଷ୍ଠାନ ସୃଷ୍ଟି ହୋଇଛି । ଏହି ଅନୁଷ୍ଠାନ ପକ୍ଷରୁ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଗୋଖରା ଦରିଆ ମହାବୀର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମଗିରି ମାଟିର ପୁଅ ତଥା ଜିଲ୍ଲାପରିଷଦ ସଭ୍ୟ କୈଳାଶ ପରିଡ଼ା ଯୋଗଦେଇ ବ୍ରହ୍ମଗିରିର ଉନ୍ନତି ପାଇଁ ମୂଲ୍ୟବାନ ମତ ପ୍ରକାଶ କରିଥିଲେ । ବ୍ରହ୍ମଗିରିର ଅନେକ ଯୁବକ ଏହି ଅନୁଷ୍ଠାନରେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସ୍ୱାଭିମାନ ବ୍ରହ୍ମଗିରି -ସଙ୍କଳ୍ପ ଆମରି ସ୍ଲୋଗାନ ଦେଇ ବ୍ରହ୍ମଗିରିର ଉନ୍ନତି ପାଇଁ ଶପଥ ନେଇଥିଲେ । ଏହି କାର୍ଯ୍ୟକୁ ଅଂଚଳବାସୀ, ବୁଦ୍ଧିଜୀବୀ ଓ ଯୁବକମାନେ ପ୍ରଶଂସା କରିଥିଲେ ।

# ଚିନ୍ତା ବଢାଉଛି ଭାର୍ଗବୀ ନଦୀବନ୍ଧର ଘଳିଆ

## ଭାର୍ଗବୀରେ ୪୦, ଦୟାରେ ୧୫ ଘଳିଆ, ପ୍ରଶାସନ ସଜାଗ, ଅଗ୍ନିଶମ ବାହିନୀ ପ୍ରସ୍ତୁତ

ପିପିଲି : ପିପିଲି ଦେଇ ପ୍ରବାହିତ ଦୟା ଓ ଭାର୍ଗବୀ ନଦୀରେ ବନ୍ୟାଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ବେଳେ ନଦୀବନ୍ଧରେ ବହୁ ସ୍ଥାନରେ ଘଳିଆ ସୃଷ୍ଟି ହୋଇଛି । ଭାର୍ଗବୀ ନଦୀର ଦକ୍ଷିଣ ପାର୍ଶ୍ୱର ବନ୍ଧରେ ବୁଧବାର ସଂନ୍ଧ୍ୟା ସୁଦ୍ଧା ୪୦ରୁ ଅଧିକ ଘଳିଆ ଓ ଦୟାନଦୀର ବାମ ଓ ଦକ୍ଷିଣ ପାର୍ଶ୍ୱର ବନ୍ଧରେ ୧୫ରୁ ଅଧିକ ଘଳିଆ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଚିନ୍ତାରେ ପକାଇଛି । ଭାର୍ଗବୀ ନଦୀର ଦକ୍ଷୀଣପାର୍ଶ୍ୱର ବନ୍ଧର ନୂଆଶାସନ ଠାରେ ସୃଷ୍ଟି ହୋଇଥିବା ଘଳିଆ ବିପଦପୂର୍ଣ୍ଣ ରହିଥିବା ବେଳେ ତାର ସଫଳ ମରାମତି ତଥା ନିୟନ୍ତ୍ରଣ କରିବା ପାଇଁ ଜଳସଂପଦ ବିଭାଗର କର୍ମଚାରୀମାନେ ସ୍ଥାନୀୟ ଅଧିବାସୀଙ୍କ ସହାୟତାରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ ଜାରି ରଖିଛନ୍ତି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ପୁଲିସ ମୁତୟନ କରାଯିବା ସହ ସେଠାରେ ଅଗ୍ନିଶମ ବାହିନୀ କ୍ୟାମ୍ପ ପକାଇ ସଜାଗ ରହିଛି । ତେବେ ଏହି ନଦୀ ଅବବାହିକା ନୂଆଶାସନ, ସଁପୁର, ଚନ୍ଦ୍ରାଦେଇପୁର, ଦୁର୍ଗାଦାସପୁର, ତେଇଶିପୁର ସମେତ ୮ରୁ ଅଧିକ ପଞ୍ଚାୟତ ବାସିନ୍ଦା ଭୟଭୀତ ଅବସ୍ଥାରେ ଥିବା ସୂଚନା ମିଳିଛି । ଉଭୟ ଦୟା ଓ ଭାର୍ଗବୀ ବେଳକୁ ବେଳ ଭୟଙ୍କର ହେଉଥିବା ବେଳେ ଏହାକୁ ନେଇ ନଦୀ କୂଳିଆ ଅଧିବାସୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି ।ସବୁଠାରୁ ଚିନ୍ତାରେ ପକାଇଛି ଭାର୍ଗବୀ ନଦୀ । ଏହି ନଦୀର କେତେକ ସ୍ଥାନରେ ନଦୀବନ୍ଧ ଉଛୁଳିବା ପରିସ୍ଥିତି ସୃଷ୍ଟି ହୋଇଛି । ଜଳସେଚନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ନଦୀବନ୍ଧରେ ବାଲିବସ୍ତା ପକାଯାଇ ଆଡିବନ୍ଧ କରାଯାଇଥିବା ବେଳେ ନଦୀବନ୍ଧ ଭିତରେ ଜରିପାଲ ପକାଯାଇଛି । ଭାର୍ଗବୀର ହରିପୁର ପୋଲ ଠାରେ ବନ୍ୟାଜଳ ପ୍ରବାହ ସଂପୂର୍ଣ୍ଣ ବିପଦପୂର୍ଣ୍ଣ ଅବସ୍ଥାରେ ଅଛି । ସେଠାରେ ପୋଲର କଂକ୍ରିଟକୁ ବନ୍ୟାଜଳ ଛୁଇଁବାକୁ ଆଉ ମାତ୍ର ୪ଇଞ୍ଚ ବାକି ଥିବା ପରିଲକ୍ଷିତ ହୋଇଛି । ଦୟାନଦୀର ଟିଗିରିଆ ଠାରେ ପଡ଼ିଥିବା ଏକ ବଡ଼ ଘଳିଆକୁ ନିୟନ୍ତ୍ରଣ କରାଯାଇଛି । ଦୟାନଦୀର ବନ୍ୟାଜଳ ଯୋଗୁଁ ପିପିଲି-ଜଟଣୀ ରାସ୍ତାର କଣ୍ଟି ଠାରେ ୪ଫୁଟ୍ ଓ ମାଧିପୁର ଠାରେ




୨ଫୁଟ୍ ଉଚ୍ଚତାରେ ବନ୍ୟାଜଳ ପ୍ରବାହିତ ହେବା କାରଣରୁ ଦୁଇଦିନ କାଳ ଏହି ରାସ୍ତାରେ ଯାତାୟତ ସଂପୂର୍ଣ୍ଣ ବନ୍ଦ ରହିଛି । କଣ୍ଟି ଠାରେ ଖୋର୍ଦ୍ଧାର ରାଜୁ ଦାଶ ନାମକ ଜନୈକ ବ୍ୟକ୍ତି ବାଇକ ସହ ରାସ୍ତା ଅତିକ୍ରମ କରୁଥିବା ବେଳେ ବୁଧବାର ଅପରାହ୍ନରେ ପ୍ରଖର ସ୍ରୋତରେ ଭାସି ଯାଇଥିଲେ । ତେବେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିବା ବେଳେ ତାଙ୍କ ବାଇକଟି ବନ୍ୟା ସ୍ରୋତରେ ଭାସି ଯାଇଥିବା ସୂଚନା ମିଳିଛି । ସେହିପରି ବିଦ୍ୟୁତ୍ ମରାମତି କରିବାକୁ ଯାଉଥିବା ୫ଜଣ ଲାଇନମ୍ୟାନ କଣ୍ଟି ଠାରେ ରାସ୍ତା ଅତିକ୍ରମ କରୁଥିବା ବେଳେ ଅସାବଧାନତା ବଶତଃ ସେମାନେ ପ୍ରଖର ବନ୍ୟା ସ୍ରୋତରେ ଭାସି ଯାଇଥିଲେ । ଅଗ୍ନିଶମ ବାହିନୀର କର୍ମଚାରୀମାନେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସଫଳ ହୋଇଥିଲେ । ଏହି ବ୍ଲକର ୬ଟି ପଞ୍ଚାୟତର ୨୦ରୁ ଅଧିକ ଗ୍ରାମ ବନ୍ୟାଘେରରେ ରହିଛି । ୪୨୪୦ ଜଣ ବ୍ୟକ୍ତି ୨ଦିନ କାଳ ସଂପୂର୍ଣ୍ଣ ପାଣି ଘେରରେ ରହିଥିବା ବେଳେ ସେମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ଦୟାନଦୀର କଣ୍ଟି ଓ ମାଧିପୁର କାଜରୁ ନିର୍ଗତ ବନ୍ୟାଜଳ ଶହଶହ ହେକ୍ଟର ଚାଷଜମିକୁ ଜଳମଗ୍ନ କରିଥିବା ବେଳେ ବହୁଗ୍ରାମ ଜଳବନ୍ଦୀ ହୋଇରହିଛି । ୮ରୁ ଅଧିକ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ଯାଇଥିବା ବେଳେ ବହୁଘର ମଧ୍ୟରେ ବନ୍ୟାଜଳ ପଶିଯାଇଛି । ଧାନ ଓ ପନିପରିବା ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ବନ୍ୟା ପ୍ରଭାବିତ ଅଞ୍ଚଳର ୪୫୭ ଗୋରୁଙ୍କୁ ଆଜି ଚିକିତ୍ସା କରାଯିବା ସହ ୩୫୦ ଗାଇଗୋରୁଙ୍କୁ ପ୍ରତିଷେଧକ ଟୀକା ଦିଆଯାଇଛି । ବନ୍ୟା ପ୍ରଭାବିତ ଅଞ୍ଚଳର ଗୋରୁଗାଇଙ୍କ ପାଇଁ ୯.୫ମେଟ୍ରିକ ଟନ ଗୋଖାଦ୍ୟ ଗୁରୁବାର ପହଞ୍ଚିବ ବୋଲି ପିପିଲି ବ୍ଲକ ପଶୁଚିକିତ୍ସା ଅଧିକାରୀ ଆଲୋକ ମିଶ୍ର ସୂଚନା ଦେଇଛନ୍ତି । ଅନେକ ଗ୍ରାମର କୁକୁଡା ଫାର୍ମ ମଧ୍ୟରେ ବନ୍ୟାଜଳ ପ୍ରବେଶ କରିଥିବା ବେଳେ ମାଛ ପୋଖରୀ ସଂପୂର୍ଣ୍ଣ ବୁଡିଯାଇଛି । ୪ଟି ପଞ୍ଚାୟତର ଅନେକ ସ୍କୁଲ ବନ୍ୟା ଘେରରେ ରହିଛି । ଘାଇ ସୃଷ୍ଟି ହେବାର ପରିସ୍ଥିତି ଉପୁଜିଲେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳବାସୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିବା ସଂପର୍କରେ ତହସିଲଦାର ପୁନମ ମହାପାତ୍ର ଓ ବିଡିଓ ରଶ୍ମିତା ନାଥ ସୂଚନା ଦେଇଛନ୍ତି । ପିପିଲି ବ୍ଲକ ଓ ତହସିଲରେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି । ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ମହଜୁଦ ରଖାଯାଇଛି । ବିଧାୟକ ରୁଦ୍ରପ୍ରତାପ ମହାରଥୀ ଆଜି ବିଭିନ୍ନ ନଦୀବନ୍ଧର ଘଳିଆ ସ୍ଥାନ ଓ ବନ୍ୟା ପ୍ରଭାବିତ ଅଞ୍ଚଳକୁ ବୁଲି ଦେଖିବା ସହ ଘଳିଆ ମରାମତି, ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ପ୍ରଦାନ ସଂପର୍କରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ବୈଠକ କରିଥିଲେ । ଭାର୍ଗବୀ ନଦୀର ଦକ୍ଷିଣପାର୍ଶ୍ୱ ବନ୍ଧରେ ଶହ ଶହ ପାଣିଝର ସୃଷ୍ଟି ହୋଇଥିବା ବେଳେ ନଦୀବନ୍ଧରେ ଅନେକ ସ୍ଥାନରେ ଘଳିଆ ସୃଷ୍ଟି ହୋଇଛି ଓ ସେସବୁକୁ ନିୟନ୍ତ୍ରଣ କରାଯାଇଛି । ବୁଧବାର ସକାଳୁ ସଂନ୍ଧ୍ୟା ୬ଟା ମଧ୍ୟରେ ଉଭୟ ନଦୀରେ ବନ୍ୟାଜଳ ସ୍ଥିର ରହିଥିବା ବେଳେ ରାତିସୁଦ୍ଧା ଏହା ହ୍ରାସ ପାଇବାର ଅନୁମାନ କରାଯାଉଛି । ଦୟାନଦୀର କଣ୍ଟି ଠାରେ ବିପଦ ସଙ୍କେତ ୧୦.୨୫ମିଟର ରହିଥିବା ବେଳେ ବୁଧବାର ସନ୍ଧ୍ୟା ୬ଟା ସୁଦ୍ଧା ସେଠାରେ ୧୧.୪୦ମିଟର ବନ୍ୟାଜଳ ପ୍ରବାହିତ ହେଉଛି । ମାଧିପୁର ଠାରେ ବିପଦ ସଙ୍କେତ ୧୧.୪୦୫ ମିଟର ରହିଥିବା ବେଳେ ସେଠାରେ ୧୨.୪୦ମିଟର ବନ୍ୟାଜଳ ପ୍ରବାହିତ ହେଉଛି । ସେହିପରି ଭାର୍ଗବୀ ନଦୀର ହରିପୁର ଠାରେ ବିପଦ ସଙ୍କେତ ୧୨.୦୯୫ ମିଟରେ ରହିଥିବା ବେଳେ ସେଠାରେ ୧୩.୪୭ମିଟର ବନ୍ୟାଜଳ ପ୍ରବାହିତ ହେଉଛି ।

## ଗୋପିନାଥପଡା ଗାଁରେ ଘର ଭିତରେ ୬ଫୁଟ ଉଚ୍ଚର ବନ୍ୟାଜଳ , ସରପଞ୍ଚଙ୍କ ଶୁଖିଲାଖାଦ୍ୟ ବଣ୍ଟନ

ଗୁରୁଡିଝାଟିଆ : କଖଡି ପଞ୍ଚାୟତର ଗୋପିନାଥପଡା ଗାଁରେ ଏବେବି ୬ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି । ଚାଳଘରର କାନ୍ଥଗୁଡିକ ବନ୍ୟାସ୍ରୋତରେ ସଂପୂର୍ଣ୍ଣ ଭାଙ୍ଗିଯାଇଛି । ଲୋକମାନେ ଭୟଭୀତ ଅବସ୍ଥାରେ ଘର ଛାଡି ଘଣ୍ଟିଖାଲ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ବେଳେ ଆଉ କେତୋଟି ପରିବାର ଏବେବି କୋଠଘର ଛାତଘର ଉପରେ ଆଶ୍ରୟ ନେଇଛନ୍ତି । ଗାଁ ସଂପୂର୍ଣ୍ଣ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ବେଳେ ଯେଉଁଆଡେ ଚାହିଁବ ସମୁଦ୍ର ପରି ବନ୍ୟାଜଳ ଘେରିରହିଛି । ବିପନ୍ନ ଗ୍ରାମବାସୀଙ୍କୁ ଆଜି ସରପଞ୍ଚ କଳ୍ପନା ଛତାର ଭେଟିବା ସହିତ ଶୁଖିଲାଖାଦ୍ୟ ପ୍ରଦାନ କରି ସେମାନଙ୍କ ଅବସ୍ଥା ପଚାରିବୁଝିଥିଲେ । ସରପଞ୍ଚଙ୍କ ପ୍ରତିନିଧି ଦିଲ୍ଲିପ ଛତାର, ରଞ୍ଜନ ମୁଦୁଲି, ଓମପ୍ରକାଶ ମୁଦୁଲି, ପ୍ରମୁଖ



ସରପଞ୍ଚ ଶ୍ରୀମତୀ ଛତାରଙ୍କ ସହିତ ବନ୍ୟାରେ ଅତ୍ୟନ୍ତ ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ଗୋପିନାଥପଡା ଜନସାଧାରଣଙ୍କୁ ଭେଟିଥିଲେ ।ଆଜି ମଧ୍ୟାହ୍ନ ଓ ରାତିରେ ବୋଟ ଯୋଗେ ରନ୍ଧା ଖାଦ୍ୟ ପ୍ରଦାନ କରିଛନ୍ତି । ପ୍ରଶାସନ ପକ୍ଷରୁ ତୁରନ୍ତ ଗୋପିନାଥପଡା ଗ୍ରାମବାସୀଙ୍କୁ ରିଲିଫ ଯୋଗାଇଦେବା ପାଇଁ ଦାବି ହୋଇଛି । ମହାନଦୀର ବନ୍ୟାରେ ବାହ୍ୟ ଜଗତରୁ ଗତ ୩ଦିନ ଧରି ବିଚ୍ଛିନ୍ନ ହୋଇଛି କଖଡି ପଞ୍ଚାୟତ । ଯାତାୟାତ ପାଇଁ କୌଣସି ସୁବିଧା ନାହିଁ । ଲୋକମାନେ ବନ୍ୟାଘେରରେ ରହିଥିବା ବେଳେ କାପ୍ତାବରାଇ ଓ ଗୋପିନାଥପଡା ଗାଁ ଭିତରେ ବନ୍ୟାଳଜ ପ୍ରବାହିତ ହେଉଛି । ଲୋକମାନେ ଭୟରେ କେହି ଛାତ ଉପରେ ଅଛି ତ କେହି ଅନ୍ୟତ୍ର ରହୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ବନ୍ୟା ବିପନ୍ନଙ୍କୁ ଆରତୀ କାରଖାନା କର୍ତ୍ତୃପକ୍ଷ ଶୁଖିଲାଖାଦ୍ୟ ପ୍ରଦାନ କରିଛନ୍ତି । ଘଣ୍ଟିଖାଲ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ୨୦ ଅନୁସୂଚିତ ଜାତି ପରିବାରବର୍ଗଙ୍କୁ କାରଖାନାର ସଭାପତି ଇଂ ଲାଲା ତରୁଣ ପ୍ରକାଶ ନାରାୟଣ ଚୁଡା, ଗୁଡ, ବିସ୍କୁଟ, ପାନୀୟଜଳ ପ୍ରଦାନ କରିଥିବା ବେଳେ ଗୋପିନାଥପଡା ଓ କାପ୍ତାବରାଇ ବନ୍ୟା ବିପନ୍ନଙ୍କୁ ୬ କୁଇଣ୍ଟାଲ ଚୁଡା,ଗୁଡ, ୫୫ ପ୍ୟାକେଟ ବିସ୍କୁଟ ଓ ପାନୀୟଜଳ ଯୋଗାଇଦେଇଛନ୍ତି । ଆବଶ୍ୟକ ହେଲେ ଆହୁରି ଅଧିକ ପ୍ରଦାନ କରାଯିବ ବୋଲି ଇଂ ଶ୍ରୀ ନାରାୟଣ କହିଛନ୍ତି । କଖଡି ସରପଞ୍ଚଙ୍କ ପ୍ରତିନିଧି ଦିଲ୍ଲିପ ଛତାର ,ଘଣ୍ଟିଖାଲ ସରପଞ୍ଚଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ବିଶ୍ୱାଳ, ଆରତୀ କାରଖାନା କର୍ମଚାରୀ ସଂଘର ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ପ୍ରଧାନ, ବରିଷ୍ଠ ପ୍ରବନ୍ଧକ ସରୋଜ କୁମାର ଜେନା, ପାରିପାର୍ଶ୍ୱିକ ଉନ୍ନୟନ ଅଧିକାରୀ ଶରତ ନିଶାଙ୍କ, ରଞ୍ଜନ ମୁଦୁଲି, ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ । ମହାନଦୀର ବନ୍ୟାରେ ଆଠଗଡ ବ୍ଲକର ଧୁରୁଷିଆ,ଅନନ୍ତପୁର,ମଙ୍ଗେଶ୍ୱର ଓ ଟାଙ୍ଗି-ଚୌଦ୍ୱାର ବ୍ଲକର କଖଡି ପଞ୍ଚାୟତର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥିବା ବେଳେ ଗୃହପାଳିତ ପ୍ରାଣୀଙ୍କ ଅବସ୍ଥା ଶୋଚନୀୟ ହୋଇପଡିଛି । ୩ଦିନ ହେଲା ଶହଶହ ସଂଖ୍ୟାରେ ଗାଈ,ଗୋରୁ,ଛେଳି,ମେଣ୍ଢା, ବଳଦ ଆଦି ଗୃହପାଳିତ ପ୍ରାଣୀ ଭୋକରେ ଅଛନ୍ତି । ଚାରଣଭୂମି ସଂପୂର୍ଣ୍ଣ ଜଳମଗ୍ନ ହୋଇଥିବା ବେଳେ ଶସ୍ୟକ୍ଷେତ୍ର ମଧ୍ୟ ବନ୍ୟାଜଳରେ ବୁଡିରହିଛି । ଗୁହାଳଘର ମଧ୍ୟ ବନ୍ୟାଜଳରେ ବୁଡିରହିଛି । ଗୋଟିଏ ପଟେ ଗୃହପାଳିତ ପ୍ରାଣୀ ଭୋକିଲା ରହିଥିବା ବେଳେ ଅନ୍ୟପଟେ ବନ୍ୟାଜଳ ଭିତରେ ରହୁଛନ୍ତି । ଏଭଳିସ୍ଥିତିରେ ଭୋକିଲା ଗୃହପାଳିତ ପ୍ରାଣୀଙ୍କୁ ତୁରନ୍ତ ପ୍ରଶାସନ ଖାଦ୍ୟ ଯୋଗାଇଦେବା ପାଇଁ ୪ପଞ୍ଚାୟତର ଜନସାଧାରଣ ଦୃଢ ଦାବି କରିଛନ୍ତି ।

## ସୁଧୁରିନାହିଁ ବନ୍ୟା ପରିସ୍ଥିତି ; ବଢିଛି ବିପନ୍ନଙ୍କ ଦୁର୍ଦ୍ଦଶା, ୬୯ଗାଁ ଜଳବନ୍ଦୀ

ବାଙ୍କୀ : ବାଙ୍କୀରେ ବନ୍ୟା ପରିସ୍ଥିତି ଉଦବେଗଜନକ ରହିଛି । ବନ୍ୟା ପ୍ରଭାବରେ ବାଙ୍କୀ-ଡମପଡା ବ୍ଲକ, ବାଙ୍କୀ ବ୍ଲକର ମୋଟ ୨୮ଟି ପଞ୍ଚାୟତ ପ୍ରଭାବିତ ହୋଇଛି । ୬୯ଟି ଗାଁର ପ୍ରାୟ ୧ ଲକ୍ଷ ୯ହଜାର ୧୭୮ଜଣ ଲୋକ ପ୍ରଭାବିତ ହୋଇଥିବା ସରକାରୀ ସୂତ୍ରରୁ ସୂଚନା ମିଳିଛି । ଡମପଡା ବ୍ଲକ ଅଧିନ ଶିମିଳିପୁର ପଞ୍ଚାୟତର ଶୁଖୁଆଖାଲା ଏବଂ ବିଲିପଡା ପଞ୍ଚାୟତର ପରପଦନପୁର, ବରଗାଁ, ବିଲିମନ୍ତ୍ରୀ ସାହି, ବିଲିମନ୍ତ୍ରୀ ହରିଜନ ସାହି, ବିଲିପଡା, ଧରଶ, ପାକରାଖାଲ, ଓସ୍ତପୁର, ଶରଧାପୁରର ଲୋକ ପ୍ରଭାବିତ ହୋଇଛନ୍ତି । ହରିରାଜପୁର ପଞ୍ଚାୟତର ଯୋରକୂଳ ଗ୍ରାମରେ ୧୦ଫୁଟର ବନ୍ୟା ଜଳ ହେତୁ ଘର ଗୁଡିକ ଛାତ ଓ ଚାଳ ଘର ପାଣିରେ ବୁଡିରହିଥିବା ହେତୁ ଲୋକ ମାନେ ଦୁର୍ବିଶହ ଜୀବନ ବିତାଉଛନ୍ତି । ବୁଡି ରହିଥିବା ଘରର ଛାତ ଉପରେ ବଡ ବିପଦ ଜନକ ଭାବରେ ଲୋକମାନେ ଅଛନ୍ତି । ପାଣି ଦେଖି ଚିଲିକାର ଭ୍ରମ ସୃଷ୍ଟି ହେଉଛି । ବିଦ୍ୟୁତ୍ ଖୁଣ୍ଟ ଗୁଡିକ ପାଣିରେ ବୁଡିଛି । ବିଦ୍ୟାଳୟ ଗୃହ ବୁଡିଛି । ପାନୀୟଜଳ



ଶଙ୍କଟରେ । ଗାଁରେ କୌଣସି ରୋଗୀକୁ ଡାକ୍ତରଖାନା ନେବାକୁ ହେଲେ ୫ରୁ ୭ଘଣ୍ଟା ପରେ ସରକାରୀ ଡଙ୍ଗାଟିଏ ପହଞ୍ଚୁଛି । ସେହିପରି ବାଙ୍କୀ ବ୍ଲକର ଓସ୍ତିଆ, ସୁବର୍ଣ୍ଣପୁର, ରତାଗଡ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି । ସେହିପରି ବାଙ୍କୀ-କଟକ ମୁଖ୍ୟ ରାସ୍ତାର କରବର ଗ୍ରାମ ଚର୍ତୁପାଶ୍ୱର୍ରେ ୧୦ଫୁଟର ପାଣି । ବାହାରକୁ ଆସି ହେଉନାହିଁ । ପାଣିରେ ବୁଡିଥିବା ଘର ଗୁଡିକର ଲୋକ ମାନେ ମହାନଦୀ ବନ୍ଧରେ ବିପଦ ଶଙ୍କୁଳ ଅବସ୍ଥାରେ ଆଶ୍ରୟ ନେଇଛନ୍ତି । ସେହିପରି ପାଥପୁର ପଞ୍ଚାୟତର କଇଁମୁଣ୍ଡି ଓ ଚାଟିଘେରିଆ ଗ୍ରାମ ଜଳବନ୍ଦୀ ହୋଇଛି । ପ୍ରାୟ ଉଭୟ ବ୍ଲକର ୧୦ହଜାର ହେକ୍ଟରରୁ ଅଧିକ ଖରିଫ୍ ଧାନ କ୍ଷେତ ଓ ପନିପରିବା ଫସଲ ଚାଷ ପଚିସଢି ନଷ୍ଟ ହୋଇଛି । ଏବେ ପାଣି ଭିତରେ ବୁଡି ରହିଥିବା କ୍ଷେତର ଅବସ୍ଥାକୁ ଚାଷୀ ଦେଖିଲେ ଅଣ୍ଟା ସଳଖି ପାରିବନାହିଁ ବୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣ କହିଛନ୍ତି । ମହାନଦୀରେ ବନ୍ୟା ସ୍ଥିତି ହ୍ରାସ ପାଇଥିଲେ ମଧ୍ୟ ନଦୀକୂଳ ବାସୀ ଆଶଙ୍କା କରିଛନ୍ତି । ୪ଦିନ ପରେ ବନ୍ୟା ପରିସ୍ଥିତି ବିପନ୍ନଙ୍କ ଦୁର୍ଦ୍ଦଶା ଅଧିକ ବଢାଇଥିବା କୁହାଯାଇଛି ।

# ବିକାଶ ଓଗାଳିଛି ଶାଳନ୍ଦୀ ନଦୀ, ଦୁର୍ଦ୍ଦିନରେ ଗ୍ରାମବାସୀ

ଠାକୁରମୁଣ୍ଡା,୧୭/୦୮ : ଶାଳନ୍ଦୀ ନଦୀ ସାଜିଛି ବିକାଶରେ ବାଧକ । ବର୍ଷ ବର୍ଷର ଦାବି ପ୍ରତି କାହାର ଧ୍ୟାନ ନାହିଁ । ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇପାରୁନି ନଦୀରେ ସେତୁ । ପ୍ରତି ବର୍ଷ ବର୍ଷା ଦିନେ ବିପଦ ସଂକୁଳ ସ୍ଥିତିରେ ଭରାନଦୀରେ ଯାତାୟାତ କରୁଛନ୍ତି । ରାସ୍ତା ଅଭାବରୁ ଏକପ୍ରକାର ଅଭିଶପ୍ତ ଜୀବନ ବିତାଉଛନ୍ତି ଗ୍ରାମବାସୀ । ରାଜ୍ୟ ଓ କେନ୍ଦ୍ର ସରକାର ଆଦିବାସୀ ମାନଙ୍କର ବିକାଶ ଓ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଏକ ସ୍ୱତନ୍ତ୍ର ବିଭାଗ ମଧ୍ୟ ଗଠନ କରିଛନ୍ତି, ତଥାପି ଏମାନେ ଅବହେଳିତ ଆଉ ନିଷ୍ପେସିତ । ଏଭଳି ଏକ ଗାଁ ଅଛି ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝର ପଞ୍ଚାୟତର ଡଙ୍ଗାଡିହା ଗାଁର ବଙ୍ଗାଳିସାହି, ଘୁଟୁସାହି ଓ ବଳସାହିର କଥା । ଏଠାରେ ୧୫୦୦ଶହରୁ ଅଧିକ ଲୋକ ବସବାସ କରୁଥିଲେ ମଧ୍ୟ ବିକାଶ କଣ ଜାଣି ପାରିଲେ ନାହିଁ । ଏହି ତିନୋଟି ସାହି ପାଇଁ ବିକାଶ ଏବେ ସାତ ସପନ । ଏମାନେ ସମସ୍ୟାରେ ଜର୍ଜରିତ, ଗ୍ରାମବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ ଓ ପାନୀୟଜଳ ଭଳି ମୌଳିକ ସମସ୍ୟାକୁ ପଚାରୁଛି କିଏ ? ଗ୍ରାମବାସୀ ଗୁହାରି ଜଣାଇ ଜଣାଇ ନୟାନ୍ତ ହେଲେଣି ତଥାପି କୌଣସି କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରୁନି । ଏହି ଗାଁକୁ ସଂଯୋଗ କରୁଥିବା ରାସ୍ତାରେ ପ୍ରବାହିତ ଶାଳନ୍ଦୀ ନଦୀ ବିକାଶରେ




ବାଧକ ସାଜିଛି । ଏଠାରୁ ବ୍ଲକ କାର୍ଯ୍ୟାଳୟ ୨୫ କିମିହୋଇଥିବା ବେଳେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରୁ ୧୨ କିମି ଦୂରରେ ଅବସ୍ଥିତ ଏହି ଆଦିବାସୀ ଗାଁ । ଡଙ୍ଗାଡିହା ଗ୍ରାମର ଏହି ତିନି ସାହିରେ ୧୩୦ପରିବାର ବସବାସ କରନ୍ତି ଯାହାର ଲୋକସଂଖ୍ୟା ୧୫୦୦ରୁ ଅଧିକ । କେଉଁ ଆବାହମାନ କାଳରୁ ଜଙ୍ଗଲଜାତ ଦ୍ରବ୍ୟ ଓ ଚାଷବାସକରି ଜୀବିକା ନିର୍ବାହ କରି ଆସୁଛନ୍ତି ଏହି ଗାଁର ଲୋକେ । ଗାଁରେ ଆମ୍ବୁଲାନ୍ସ ସେବା କଣ ଜାଣିନାହାଁନ୍ତି । ଅସରାଏ ବର୍ଷା ହେଲେ ଶିମିଳିପାଳ ପାହାଡରୁ ଝରଣା ପାଣିରେ ନଦୀ ଫୁଲି ଉଠିଥାଏ । ବହୁ ସମୟରେ ବୃଦ୍ଧ, ବୃଦ୍ଧା ମାନେ ହାଟ ସାରି ଫେରିବା ସମୟରେ ବର୍ଷା ହେବା ଯୋଗୁଁ ନଦୀ ସ୍ରୋତରେ ଭାସି ଯାଇ ମୃତ୍ୟୁ ବରଣ କରିଥିବାର ଗ୍ରାମବାସୀ ଆମ ପ୍ରତିନିଧିଙ୍କ ପାଖରେ ପ୍ରକାଶ କରିଛନ୍ତି । ପ୍ରତେକ ମାସରେ ବାର୍ଦ୍ଧକ୍ୟ ଭତ୍ତା କିମ୍ୱା ଅଙ୍ଗନୱାଡିରୁ ମିଳୁଥିବା ସରକାରୀ ସହାୟତା ପାଇଁ ମା’ ଶିଶୁ ବିପଦ ସଂଙ୍କୁଳ ବାଉଁଶ ପୋଲରେ ଯିବା ଆସିବା କରୁଛନ୍ତି । ସେହିପରି ସ୍କୁଲର ଛାତ୍ରଛାତ୍ରୀ ମାନେ ମଧ୍ୟ ଏଇ ବାଉଁଶ ପୋଲକୁ ଭରଷା କରି ସ୍କୁଲ ଯିବା ଆସିବା କରୁଛନ୍ତି । ଏ ସମ୍ପର୍କରେ ସରକାରୀ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କୁ ବାରମ୍ବାର ଗୁହାରି କରି ଥକି ଗଲେଣି ଗ୍ରାମବାସୀ ତଥାପି ବିକାଶ କଣ ଜାଣି ପାରିଲେ ନାହିଁ ଏଠାକାର ବାସିନ୍ଦା । ଏ ସମ୍ପର୍କରେ ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ କହିଛନ୍ତି, ନିର୍ବାଚନ ବେଳେ ଏସବୁ ସମସ୍ୟା ବିଷୟରେ ଲୋକମାନେ ମତେ କହିଥିଲେ, ତେଣୁ ପ୍ରଥମେ ମୁଁ ଦୁଇଟି ନୂଳକୂଅ ଖୋଳାଇ ଲୋକଙ୍କ ପିଇବା ପାଣି ବ୍ୟବସ୍ଥା କରିଛି । ଏତେବଡ ସେତୁ ପଞ୍ଚାୟତ ଦ୍ୱାରା ସମ୍ଭବ ନୁହେଁ ତେଣୁ ଉପରସ୍ଥ ଅଧିକାରୀଙ୍କୁ ଜଣାଇଛି, ମୁ ମଧ୍ୟ ଆପଣମାନଙ୍କ ଜରିଆରେ ଦାବି କରୁଛି । ପୂର୍ବରୁ ଏଠାକାର ଲୋକେ ଭୋଟ ବର୍ଜନ କରିବାର ଧମକ ଦେବାପରେ କିଛି ସରକାରୀ ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ ଖୁବ ଶୀଘ୍ର ଏଠାରେ ସେତୁ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ହେଲେ ନିର୍ବାଚନ ସରିଗଲେ ଏମାଙ୍କୁ ପଚାରେ କିଏ ? ଗ୍ରାମର ଲକ୍ଷଣ ହୋ, କୁସୁନୁ ଆଲାଦା, ଜଗନ୍ନାଥ ଆଲଦା, ରାନ୍ଦାଇ ସୋଏ, ନାଇବା ହୋ, ମାନ୍ଦାଇ ପିଙ୍ଗୁଆ, ଦୁଲୁମୁ ହୋ ଓ ଦୁଲୁମୁ ହୋ ପ୍ରମୁଖ ଗ୍ରାମବାସୀ ଅତି କ୍ଷୋଭର ସହିତ କହିଛନ୍ତି । ତେବେ ଦେଖିବା ପାଇଁ ବାକି ରହିଲା କେବେ ତିଆରି ହେଉଛି ଏଇ ତିନି ସାହିର ଗ୍ରାମବାସୀଙ୍କ ପାଇଁ ସେତୁ ।

Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com
Editor : Ramdas Lima, All legal matters subject to Rayagada Jurisdiction only ସମ୍ପାଦକ: ରାମଦାସ ଲିମା